

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୯ ଡିସେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 09 DECEMBER 2021
Vol.No. 32 ■ No. 314 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ଏବର୍ଷର ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ହେଲିକପ୍ଟର କ୍ରାଶ୍ : ସିଡିଏସ ବିପିନ ରାଓ୍ୱତଙ୍କ ସମେତ ୧୩ ମୃତ



ନୂଆଦିଲ୍ଲୀ,୦୮/୧୨: ଭାରତୀୟ ବାୟୁସେନାର ଏକ ହେଲିକପ୍ଟର ଦୁର୍ଘଟଣା ଆଜି ସାରା ଦେଶକୁ ସ୍ତବ୍ଧ କରିଦେଇଛି । ତାମିଲନାଡୁର କନୁର ଅଞ୍ଚଳରେ ବାୟୁସେନାର ଏମଆଇ-ସେଭେନଟିନ୍-ଭି-ଫାଇବ୍ ହେଲିକପ୍ଟର ହଠାତ୍ ଆକାଶରୁ ଖସିପଡିଲା । ଏକ ଗଛରେ ପିଟି ହୋଇ ନିଆଁ ପିଣ୍ଡୁଳାରେ ବିସ୍ଫୋରଣ ହୋଇଗଲା ଏହି ଅତ୍ୟାଧୁନିକ ହେଲିକପ୍ଟର । ଆଉ ହେଲିକପ୍ଟରରେ ଥିବା ସିଡିଏସ ଜେନେରାଲ ବିପିନ ରାଓ୍ୱତ ଓ ତାଙ୍କ ପତ୍ନୀ ମଧୁଲିକା ରାଓ୍ୱତ ପ୍ରାଣ ହରାଇଛନ୍ତି । ଭାରତୀୟ ବାୟୁସେନା ଏକ ଟୁଇଟ୍ କରି କହିଛି, ଏହି ଦୁର୍ଭାଗ୍ୟଜନକ ଦୁର୍ଘଟଣାରେ ଜେନେରାଲ ରାଓ୍ୱତ ଓ ତାଙ୍କ ପତ୍ନୀଙ୍କ ସହ ୧୩ଜଣ ପ୍ରାଣ ହରାଇଛନ୍ତି । ତାମିଲନାଡୁର କୁନୁର ଅଞ୍ଚଳରେ ହଠାତ୍ ଆକାଶରୁ ଖସିପଡ଼ିଲା ଭାରତୀୟ ବାୟୁସେନାର ଅତ୍ୟାଧୁନିକ ହେଲିକପ୍ଟର ଏମଆଇ ସେଭେଣ୍ଟିନ୍-ଭି-ଫାଇଭ୍ । ଜଙ୍ଗଲର ନିଆଁ ଭଳି ମାତ୍ର କେଇ ମିନିଟ୍ ଭିତରେ ଏହି ଦୁର୍ଘଟଣାର ଖବର ସାରା ଦେଶରେ ବ୍ୟାପିଗଲା । ଭାରତୀୟ ବାୟୁସେନା ଟୁଇଟ୍ କରି ଜଣାଇଲା ଯେ, ହେଲିକପ୍ଟରରେ ଥିଲେ ସିଡିଏସ୍ ବିପିନ ରାଓ୍ୱତ ଓ ତାଙ୍କ ଧର୍ମପତ୍ନୀ ମଧୁଲିକା । ତାଙ୍କ ସହ ଅନ୍ୟ କିଛି ସେନାର ଉଚ୍ଚ ଅଧିକାରୀ ବି ଏହି ହେଲିକପ୍ଟରରେ ଯାଉଥିଲେ । ସାରା ଦେଶରେ ଚିନ୍ତା ଖେଳିଗଲା ଯେ, ଚିଫ ଅଫ୍ ଡିଫେନ୍ସ ଷ୍ଟାଫ ଓ ଅନ୍ୟ ଅଧିକାରୀ ସୁରକ୍ଷିତ ଅଛନ୍ତି ତ ? ଭାରତ ସରକାର ମଧ ତତ୍ପର ହୋଇ ଉଠିଲେ, କାରଣ ଦୁର୍ଘଟଣା ସ୍ଥଳରୁ ଯେଉଁ ଦୃଶ୍ୟ ଆସୁଥିଲା, ତାହା ଯେତିକି ସାଂଘାତିକ ଥିଲା, କାରଣ ପୂରା ହେଲିକପ୍ଟର ଏକପ୍ରକାର ଚୂରମାର ହୋଇଯାଇଥିଲା । ଏହାପରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ସିଡିଏସ୍ ବିପିନ ରାଓ୍ୱତଙ୍କ ଘରେ ପହଞ୍ଚିବାର ଖବର ଆସିଲା । ଅନ୍ୟପଟେ ଗୃହମନ୍ତ୍ରୀ ଅମିତ ଶାହା ମଧ ବିବୃତି ରଖିବେ ବୋଲି ସୂଚନା ଆସିଲା । ସମୟ – ପ୍ରାୟ ସନ୍ଧ୍ୟା ୬ଟା । ଟୁଇଟ୍ କଲା ଭାରତୀୟ ବାୟୁସେନା । ଯାହା ଆଶଙ୍କା କରାଯାଉଥିଲା, ଟୁଇଟରେ ସେଇଆ ହିଁ ଥିଲା । ଭାରତୀୟ ବାୟୁସେନା ପକ୍ଷରୁ ଏହି ଟୁଇଟରେ କୁହାଗଲା ଯେ, ଜେନେରାଲ ବିପିନ ରାଓ୍ୱତ ଏହି ଦୁର୍ଭାଗ୍ୟଜନକ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି । ତାଙ୍କ ସହ ତାଙ୍କ ପତ୍ନୀ ମଧୁଲିକା ରାଓ୍ୱତ ଓ ହେଲିକପ୍ଟରରେ ଥିବା ଅନ୍ୟ ୧୧ ଜଣଙ୍କ ମୃତ୍ୟୁ ହୋଇଯାଇଛି । ରାଷ୍ଟ୍ରପତି ରାମନାଥ କୋବିନ୍ଦ ଟୁଇଟ କରି ଲେଖିଛନ୍ତି ଯେ, ଏହି ଦୁର୍ଘଟଣା ତାଙ୍କୁ ଅତ୍ୟନ୍ତ ମର୍ମାହତ କରିଛନ୍ତି । ରାଓ୍ୱତଙ୍କ ୪୦ ବର୍ଷର ସେବାକୁ କେହି ଭୁଲି ପାରିବେ ନାହିଁ । ପ୍ରଧାନମନ୍ତ୍ରୀ ମୋଦି ଟୁଇଟ କରି ଗଭୀର ଶୋକ ପ୍ରକାଶ କରିବା ସହ ଲେଖିଛନ୍ତି ଯେ, ପ୍ରତିରକ୍ଷା ସଂସ୍କାରରେ ବିଭିନ୍ନ ଦିଗରୁ କାମ କରିଥିଲେ, ଏବଂ ତାଙ୍କର ଗଭୀର ଅନୁଭୂତି ଭାରତୀୟ ସେନାକୁ ବହୁ ଭାବେ ସାହାଯ୍ୟ କରିଥିଲା । ଏଦେଶ କେବେ ତାଙ୍କର ଅବଦାନକୁ ଭୁଲି ପାରିବ ନାହିଁ । ଗୃହମନ୍ତ୍ରୀ ଅମିତ ଶାହା ଟୁଇଟ କରି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି । ଏଥିସହ ଶାହା ଲେଖିଛନ୍ତି ଯେ, ଭାରତୀୟ ସେନାର ସବୁଠୁ ସାହସୀ ସୈନିକଙ୍କ ମଧ୍ୟରେ ଜଣେ ଥିଲେ ଜେନେରାଲ ବିପିନ ରାଓ୍ୱତ ।

## ମାହାଙ୍ଗା ଡବଲ୍ ମର୍ଡର ମାମଲା : ତଳ କୋର୍ଟଙ୍କ ନିର୍ଦ୍ଦେଶ ଉପରେ ଦାଖଲ ରିଭ୍ୟୁ ପିଟିସନ ଖାରଜ



ଭୁବନେଶ୍ୱର,୦୮/୧୨(ନି.ପ୍ର): ମାହାଙ୍ଗା ଡବଲ ମର୍ଡର ମାମଲାରେ ପୋଲିସକୁ ଝଟକା । ଜେଏମ୍ଏଫର କୋର୍ଟର ନିର୍ଦ୍ଦେଶକୁ ଖାରଜ କଲେ ସାଲେପୁର ଏଡିଜେ କୋର୍ଟ । ଜେଏମ୍ଏଫସି କୋର୍ଟ ମାହାଙ୍ଗା ପୋଲିସକୁ ଅପଡେଟ୍ କେଶ ଡାଏରୀ ଓ ସିଡିଆର ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହାକୁ ପୁର୍ନବିଚାର ପାଇଁ ମାହାଙ୍ଗା ଥାନା ଅଧିକାରୀ ଏଡିଜେ କୋର୍ଟ ଯାଇଥିଲେ । ଏଡିଜେ କୋର୍ଟ ଏହି ପୁର୍ନବିଚାର ଆବେଦନକୁ ଖାରଜ କରିଦେଇଛନ୍ତି । ୧୦ ତାରିଖ ସକାଳ ୧୦ଟା ୩୦ ସୁଦ୍ଧା ପୁନଃ ତଦନ୍ତ ରିପୋର୍ଟ ଓ ସିଡିଆର ଦାଖଲ କରିବା ପାଇଁ କୁହାଯାଇଛି । ଏହା ସହ କାହିଁକି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆନଯିବ ତାହା ମଧଜଣାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବରୁ ସିଡିଆର ଦାଖଲ କରିବା ପାଇଁ ଜେଏମ୍ଏଫ୍ସି କୋର୍ଟ କହିଥିଲେ ମଧ ମାହାଙ୍ଗା ପୋଲିସ ସମୟ ମାଗିଥିଲା ।

## ରାଜଧାନୀରୁ ଧରାପଡ଼ିଲା ହାଇ ପ୍ରୋଫାଇଲ ଠକ

ଭୁବନେଶ୍ୱର,୦୮/୧୨(ନି.ପ୍ର): ରାଜଧାନୀରୁ ଧରାପଡ଼ିଲା ହାଇ ପ୍ରୋଫାଇଲ ଠକ । ନିଜକୁ ବିଭିନ୍ନ କମ୍ପାନୀର ମାଲିକ କହି ଲୋକଙ୍କ ଠାରୁ ଠକୁଥିଲା କୋଟି କୋଟି ଟଙ୍କା । ଆଜି ଏହି ହାଇ ପ୍ରୋଫାଇଲ ଠକ ପ୍ରଜ୍ଞା ପ୍ରକାଶ ନାୟକକୁ ୬ ଦିନିଆ ରିମାଣ୍ଡରେ ଆଣିଛି କମିଶନରେଟ ପୁଲିସ । ନିଜକୁ ପି ଫୋର ଆସୋସିଏଟ୍ସର ନାମକ ଏକ କମ୍ପାନୀର ମାଲିକ ଦର୍ଶାଇଥିଲା । ନିଜ ସେୟାରକୁ ବିକିବା ପାଇଁ ଜଣେ ବ୍ୟକ୍ତିଙ୍କ ଠାରୁ ୨ କୋଟି ୩୫ ଲକ୍ଷ ୮୦ ହଜାର ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା । ୪ ତାରିଖରେ ଅଭିଯୁକ୍ତକୁ ଲିଙ୍ଗରାଜ ଥାନା ପୁଲିସ ଗିରଫ କରିଥିବା ବେଳେ ଆଜି ରିମାଣ୍ଡରେ ଆଣିଛି ପୁଲିସ । ରିମାଣ୍ଡରେ ଆଣିବା ପରେ ଅନ୍ୟ ଠକେଇ ଉପରେ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିବ ବୋଲି ଆଶା ରଖିଛି ପୁଲିସ ।

## ଓମିକ୍ରନ୍ ଭୟ ଭିତରେ ଆଶ୍ୱସ୍ତିକର ଖବର

### ଜୁନ୍ ୨୦୨୨ ସୁଦ୍ଧା ସ୍ୱାଭାବିକ ହୋଇପାରେ ଜୀବନଯାତ୍ରା



ନୂଆଦିଲ୍ଲୀ,୦୮/୧୨: ଓମିକ୍ରନ୍ ଭୟ ଭିତରେ ଆସିଛି ଆଶ୍ୱସ୍ତିକର ଖବର । ଜୁନ୍ ୨୦୨୨ ସୁଦ୍ଧା ସ୍ୱାଭାବିକ ହୋଇପାରେ ଜୀବନଯାତ୍ରା । ଏହା କହିଛନ୍ତି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପୂର୍ବତନ ପରାମର୍ଶଦାତା ଡକ୍ଟର ସୁଭାଷ ସାଲୁଙ୍କେ । ସେ କହିଛନ୍ତି ଜୁନ୍ ସୁଦ୍ଧା କରୋନାର ନୂଆ ଭାରିଆଂଟ ଓମିକ୍ରନର ପ୍ରଭାବ ହ୍ରାସ ପାଇଯାଇଥିବ । ଡକ୍ଟର ସାଲୁଙ୍କେ କହିଛନ୍ତି, ବର୍ତ୍ତମାନ ଚିହ୍ନଟ ହୋଇଥିବା ନୂଆ ଭାରିଆଂଟ ଓମିକ୍ରନ୍ ଅଧିକ ବ୍ୟାପୁଛି ହେଲେ ଏହା ଦ୍ୱାରା ଲୋକେ ଗୁରୁତର ହେବେ ନାହିଁ । ଓମିକ୍ରନରୁ ରକ୍ଷା ପାଇବା ପାଇଁ ଲୋକେ କୋଭିଡ୍ କଟକଣା ମାନିବା ଆବଶ୍ୟକ । ଏଥିପାଇଁ ସରକାର ଲୋକଙ୍କୁ ସଚେତନ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି ।

## ୭ ଦିନ ଭିତରେ ନୂଆ ସିଡିଏସ୍ ନିଯୁକ୍ତ କରିବେ ସରକାର !

ନୂଆଦିଲ୍ଲୀ,୦୮/୧୨: ହେଲିକପ୍ଟର ଦୁର୍ଘଟଣାରେ ଅଚାନକ ଦେଶର ଚିଫ ଡିଫେନ୍ସ ଷ୍ଟାଫ(ସିଡିଏସ୍) ବିପିନ ରାଓ୍ୱତଙ୍କ ମୃତ୍ୟୁ ପୂରା ଦେଶକୁ ସ୍ତବ୍ଧ କରି ଦେଇଛି । ଏବେ ସରକାର ଜେନେରାଲ ରାଓ୍ୱତଙ୍କ ବଦଳରେ ଦେଶର ସିଡିଏସ୍ କାହାକୁ କରାଯିବ, ତା' ଉପରେ ମାନସମନ୍ଥନ ଆରମ୍ଭ କରିଛନ୍ତି । ସମ୍ଭବତଃ ଆସନ୍ତା ୭ରୁ ୧୦ ଦିନ ମଧ୍ୟରେ ସରକାର ଦେଶର ନୂଆ ସିଡିଏସଙ୍କ

▶▶ପୃଷ୍ଠା ୭

## ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାର ସମ୍ପ୍ରସାରଣକୁ କେନ୍ଦ୍ର କ୍ୟାବିନେଟର ମଞ୍ଜୁରୀ

### ଓଡିଶା ସମେତ ଦେଶର ସବୁ ଗ୍ରାମାଂଚଳରେ ସମସ୍ତଙ୍କ ପାଇଁ ପକ୍କା ଘର ଲକ୍ଷ୍ୟ ହେବ ପୂରଣ : ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର, ୦୮/୧୨ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ର ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ(ପିଏମଏୱାଇ-ଜି)କୁ ୨୦୨୪ ମାର୍ଚ୍ଚ ପର୍ଯ୍ୟନ୍ତ ସମ୍ପ୍ରସାରଣ ପ୍ରସ୍ତାବକୁ ଅନୁମୋଦନ ଓଡିଶା ସମେତ ଦେଶର ସବୁ ଗ୍ରାମାଂଚଳରେ ସମସ୍ତଙ୍କ ପାଇଁ ପକ୍କା ଘର ଲକ୍ଷ୍ୟକୁ ପୂରଣ କରିବ ବୋଲି ଟ୍ୱିଟ୍ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣକୁ ସମ୍ପ୍ରସାରଣ କରିବା ପାଇଁ ମଞ୍ଜୁରୀ ଦେଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ । ପିଏମ ଗ୍ରାମୀଣ ଆବାସ ଯୋଜନାର ସମ୍ପ୍ରସାରଣ ଦ୍ୱାରା ମୋଦି ସରକାରଙ୍କର ମୌଳିକ ସୁବିଧା ସହ ୨.୯୫ କୋଟି ପକ୍କା ଘର ନିର୍ମାଣର ଲକ୍ଷ୍ୟକୁ ହାସଲ କରିବ । ବଳକା ୧୫୫.୭୫ ଲକ୍ଷ ଘରର ନିର୍ମାଣ ପାଇଁ ମଧ୍ୟ ସହାୟତା ଦିଆଯିବା ନିଷ୍ପତି ସ୍ୱାଗତଯୋଗ୍ୟ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଏହାବ୍ୟତିତ କେନ୍-ବେତ୍ୱା ନଦୀକୁ ସଂଯୋଗ କରିବାର ଯୋଜନାକୁ ମଧ୍ୟ କ୍ୟାବିନେଟ୍ ମଞ୍ଜୁର ଦେଇଛି । ଏହି ନିଷ୍ପତ୍ତି ଦ୍ୱାରା

▶▶ପୃଷ୍ଠା ୭

## କଟକ ରେଳ ଷ୍ଟେସନରେ ଟଙ୍କା ଭର୍ତ୍ତି ବ୍ୟାଗ ଠାବ : ଜଣେ ଅଟକ



କଟକ,୦୮/୧୨(ନି.ପ୍ର): କଟକ ରେଳ ଷ୍ଟେସନରୁ ମିଳିଲା ଟଙ୍କା ଭର୍ତ୍ତି ବ୍ୟାଗ୍ । ୪ଟି ବ୍ୟାଗରେ ୨୦ ଲକ୍ଷରୁ ଅଧିକ ୧୦ ଓ ୨୦ ଟଙ୍କିଆ ନୋଟ୍ ଜବତ ହୋଇଛି । ରାଜଧାନୀ ଏକ୍ସପ୍ରେସରେ ଭୁବନେଶ୍ୱରରୁ ଦିଲ୍ଲୀ ନିଆଯାଉଥିବା ବେଳେ କଟକରେ ଟଙ୍କା ଭର୍ତ୍ତି ବ୍ୟାଗ୍ ଜବତ କରିଛି ଆରପିଏଫ । ଜଣଙ୍କୁ ଅଟକ ରଖି ପଚରା ଉଚରା କରୁଛି ପୋଲିସ । ଏତେ ଟଙ୍କା କେଉଁଆଡ଼େ ନେଇଯାଉଥିଲେ ସେନେଇ ବ୍ୟକ୍ତି ଜଣକ ସଠିକ୍ ଉତର ଦେଇନପାରିବାରୁ ଟଙ୍କା ବ୍ୟାଗକୁ ଜବତ କରାଯାଇଛି । କୁହାଯାଉଛି ଜବତ ହୋଇଥିବା ଏହି ୧୦ ଓ ୨୦ ଟଙ୍କିଆ ନୋଟକୁ ଏକ ବିବାହ ଉତ୍ସବରେ ମାଳ କରିବା ପାଇଁ ଦିଲ୍ଲୀ ନିଆଯାଉଥିଲା ।

## ୩୨ଗ୍ରାମ ବ୍ରାଉନସୁଗାର ଜବତ : ଜଣେ ଗିରଫ

ଖୋର୍ଦ୍ଧା,୦୮/୧୨ (ନି.ପ୍ର): ବ୍ରାଉନସୁଗାର କାରବାର ଅଭିଯୋଗ ରେ ସଦର ଥାନା ପୋଲିସ ଜଣକୁ ଗିରଫ କରିଛି ।ଗିରଫ ଜଣକ ହେଲେ ପାନବରଜ ଗାଁ ର ଏସ କେ ନସିମ ।ପୋଲିସ ତାଠାରୁ ୩୨ଗ୍ରାମ ବ୍ରାଉନସୁଗାର, ଜରି ପ୍ୟାକେଟ,ଗୋଟିଏ ମୋବାଇଲ,ଗୋଟିଏ ପାନ କାର୍ଡ,ଗୋଟିଏ ହୋଣ୍ଡା ଆକ୍ଟିଭା ଜବତ କରିଛି ।ପୋଲିସ ସୂଚନା ମୁତାବକ ଗଡ଼ ଗୁଡୁମ ମାନସିଂହ ପ୍ରସାଦ ପାଣି ଟାଙ୍କି ନିକଟରେ ବେପାର କରିବା ପାଇଁ ଗ୍ରାହକକୁ ଅପେକ୍ଷା କରିଥିଲା ।ସଦର ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଉକ୍ତ ସ୍ଥାନରେ ଚଢ଼ାଉ କରି ତାକୁ ଗିରଫ କରିବା ସହିତ୩୨ ଗ୍ରାମ ବ୍ରାଉନସୁଗାର ଜବତ କରିଥିଲା ।ଜବତ ବ୍ରାଉନସୁଗାର ମୂଲ୍ୟ ୩ଲକ୍ଷ ୨ହଜାର ଟଙ୍କା ହେବ ବୋଲି ସୂଚନା ଦେଇଛି ।

## ମମିତା ମାମଲାରେ ସପ୍ତମ ଦିନରେ ବିଧାନସଭା ଅଚଳ



ଭୁବନେଶ୍ୱର, ୦୮/୧୨ (ନି.ପ୍ର): ମମିତା ମେହେର ହତ୍ୟା ମାମଲାରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଆଜି ସପ୍ତମ ଦିନରେ ବି ବିଧାନସଭାରେ ଅଚଳାବସ୍ଥା ଜାରି ରହିଛି । ବିରୋଧୀ ବିଜେପି ଓ କଂଗ୍ରେସ ବିଧାୟକ ମାନେ ଏହି ମାମଲାରେ ହଟ୍ଟଗୋଳ କରିଥିଲେ । ବାଚସ୍ପତି ବାରମ୍ବାର ସେମାନଙ୍କୁ ନିଜ ନିଜ ସ୍ଥାନକୁ ଯିବାକୁ ନିବେଦନ କରି ଥିଲେ ସୁଦ୍ଧା ବିଧାୟକ ମାନେ ତାହାକୁ ଶୁଣି ନ ଥିଲେ । ଫଳରେ ବାଚସ୍ପତି ୧୦.୩୩ରୁ ଅପରାହ୍ନ ୧୧.୩୦ ଟା ଯାଏ ଗୃହକୁ ସ୍ଥଗିତ ରହିଲା ବୋଲି ଘୋଷଣା କରିବା ସହ ଅଚଳାବସ୍ଥାକୁ ଦୂର କରିବାକୁ ସର୍ବଦଳୀୟ ବୈଠକ ଡାକିଥିଲେ । ସର୍ବଦଳୀୟ ବୈଠକ ପରେ ମଧ୍ୟ ଗୃହ ନଚାଲିବାରୁ ବାଚସ୍ପତି ଗୃହକୁ ଅପରାହ୍ନ ୪ ଟା ଯାଏଁ ମୁଲତବୀ ଘୋଷଣା କରିଥିଲେ । ଅପରାହ୍ଣ ବୈଠକରେ ବିରୋଧୀ ଦଳର ବିଧାୟକମାନେ ପୁଣି ଘଂଟ ପିଟି ପ୍ରତିବାଦ ଜଣାଇଥିଲେ । ଫଳରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ପୁଣି ଥରେ ସର୍ବଦଳୀୟ ବୈଠକ ଡାକିଥିଲେ । ଏହା ପରେ ସେ ଆସନ୍ତା କାଲି ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ଆଜି ୧୦.୩୦ଟାରେ ନିର୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେପି ଓ କଂଗ୍ରେସ ଦଳର ବିଧାୟକ ମାନେ ପ୍ଲାକାର୍ଡ ଧରି ନାରାବାଜୀ କରିଥିଲେ । ସେମାନେ ମମିତା ମେହେର ମାମଲାରେ ଦିବ୍ୟଶଙ୍କର ମିଶ୍ରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ବିଜେଡି ବିଧାୟକ ମାନେ ମଧ୍ୟ ପ୍ଲାକାର୍ଡ ଧରି ସେମାନଙ୍କର ଆସନରେ ଠିଆ ହେବା ଦେଖା ଯାଇଥିଲା ।

▶▶ପୃଷ୍ଠା ୭

## ଗତବର୍ଷ ଅଧାରୁ ପାଠ ଛାଡିଛନ୍ତି ୮୧୬୮ ପିଲା



ଭୁବନେଶ୍ୱର, ୦୮/୧୨ (ନି.ପ୍ର): ୨୦୧୯-୨୦ରେ ୮୧୬୮ ପିଲା ଅଧାରୁ ପାଠ ଛାଡିଛନ୍ତି । ଏହି ସୂଚନା ଦେଇଛନ୍ତି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ । ବିଧାୟକ ତାରା ବାହିନୀପତିଙ୍କ ପ୍ରଶ୍ନରେ ଏଭଳି ଉତର ରଖିଛନ୍ତି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ । ଉତରରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି ଯେ, ୨୦୧୯-୨୦ରେ ୮୧୬୮ ପିଲା ଅଧାରୁ ପାଠ ଛାଡିଛନ୍ତି । ନୂଆପଡାରୁ ସର୍ବାଧିକ ୮୯୬,ଗଞ୍ଜାମ ୫୮୩, ସୁନ୍ଦରଗଡ ୫୨୬, ଖୋର୍ଦ୍ଧାରୁ ୬୦୩, କେନ୍ଦୁଝର ୬୮୧, କଳାହାଣ୍ଡି ୫୨୮ ପିଲା ଅଧାରୁ ପାଠ ଛାଡିଛନ୍ତି । ଏମାନଙ୍କୁ ସ୍କୁଲକୁ ଫେରାଇ ଆଣିବା ପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । କରୋନା ପରବର୍ତି ସମୟରେ ଷଷ୍ଠ-ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଖୋଲିବା ପାଇଁ ସରକାର ଅନୁମତି ପ୍ରଦାନ କରିଛନ୍ତି । ପୂର୍ବପରି ପିଲାମାନେ ସ୍କୁଲକୁ ଆସିବାକୁ ଆଗ୍ରହ ପ୍ରକାଶ କରୁନଥିବା ନେଇ କୌଣସି ତଥ୍ୟ ହସ୍ତଗତ ହୋଇନାହିଁ । ଅନ୍ୟପକ୍ଷରେ ସ୍ମାର୍ଟଫୋନ ଉପଲବ୍ଧତା ନେଇ ବିଧାୟିକା କୁସୁମ ଟେଟେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ପ୍ରଶ୍ନ କରିଥିବା ବେଳେ ଏହାର ଉତରରେ ସେ କହିଛନ୍ତି ଯେ, ୨୦୨୦ମସିହା ସେପ୍ଟେମ୍ବର ମାସରେ ଏନେଇ ସର୍ଭେ ହୋଇଥିଲା । ପ୍ରଥମରୁ ଦଶମ ଶ୍ରେଣୀ ପିଲାଙ୍କୁ ନେଇ ସର୍ଭେ କରାଯାଇଥିବା ବେଳେ ରାଜ୍ୟରେ ୨୮.୮୭% ପିଲାଙ୍କ ପାଖରେ ସ୍ମାର୍ଟଫୋନ ଥିବା ଜଣାପଡ଼ିଥିଲା ।

## ଓମିକ୍ରନ ସଂକ୍ରମିତ ଦେଶରୁ ୯୮୨ ଆସିଥିବା ବେଳେ ୪ ପଜିଟିଭ



ଭୁବନେଶ୍ୱର, ୦୮/୧୨ (ନି.ପ୍ର): ଓମିକ୍ରନ ସଂକ୍ରମଣ ଆରମ୍ଭ ହେବାଠାରୁ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଓମିକ୍ରନ ରିସ୍କ ତଥା ଆଟ ରିସ୍କ ଦେଶରୁ ଓଡ଼ିଶାକୁ ୯୮୨ ଜଣ ଫେରିଛନ୍ତି । ସେମାନଙ୍କ ମଧ୍ୟରୁ ଚାରି ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ନମୁନା ଜିନମ ସିକ୍ୱେନ୍ସିଂ ପାଇଁ ପଠାଯାଇଛି । ସେମାନେ ସୁସ୍ଥ ଅଛନ୍ତି ଓ ଏକାନ୍ତବାସରେ ରହିଛନ୍ତି ବୋଲି ସୂଚନା ଦେଇଛନ୍ତି ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର । ସେ କହିଛନ୍ତି, ବିଦେଶ ଫେରନ୍ତାଙ୍କୁ ନେଇ ଆତଙ୍କିତ ହୁଅନ୍ତୁ ନାହିଁ । ସେମାନେ ଫେରାର ନାହାନ୍ତି । କିଛି ଫୋନ ଉଠାଉ ନାହାନ୍ତି, ଆମ ସ୍ୱାସ୍ଥ୍ୟକର୍ମୀ ଗାଁ ଗାଁ ବୁଲି ସେମାନଙ୍କୁ ଟ୍ରେସ କରିବା କାମରେ ଲାଗିଛନ୍ତି । ଯଦି ତୃତୀୟ ଲହର ଆସେ, ରାଜ୍ୟ ସରକାର ମୁକାବିଲା ପାଇଁ ପ୍ରସ୍ତୁତ ଅଛନ୍ତି । ପ୍ରଥମ ଓ ଦ୍ୱିତୀୟ ଲହରରୁ ରାଜ୍ୟ ଅନେକ କିଛି ଶିକ୍ଷା ପାଇଛି ବୋଲି ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି । ସାରା ବିଶ୍ୱରେ କରୋନା ଭାଇରସର ନୂଆ ଭାରିଆଣ୍ଟ ଓମିକ୍ରନର ସଂକ୍ରମଣ କୋକୁଆ ଭୟ ସୃଷ୍ଟି କରିଛି । ସଂକ୍ରମିତଙ୍କ ମାମଲା ଲଗାତାର ବଢ଼ି ଚାଲିଛି । ଏହି ନୂଆ ଭାରିଏଣ୍ଟ ଡେଲ୍ଟା ସମେତ ଅନ୍ୟ ଭାରିଏଣ୍ଟ ଠାରୁ ଅଧିକ ସଂକ୍ରାମକ ବୋଲି କୁହାଯାଉଛି ।

# କଫସିରପ୍ ଜବତ : ଦୁଇ ଗିରଫ

ପୁରୀ,୦୮/୧୨ (ନି.ପ୍ର): ପୃଥକସ୍ଥାନରେ ବେଆଇନ୍‌ଭାବେ କଫ୍ ସିରଫ ବିକ୍ରି କରୁଥିବା ଅଭିଯୋଗରେ ଦୁଇଜଣଙ୍କୁ ପୁଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ଦ୍ୱୟହେଲେ ତାଳବଣିଆ ଥାନାଅନ୍ତର୍ଗତ ମାଟିଆପଡ଼ା ମହାନ୍ତିସାହିର କିର୍ତ୍ତୀ ଓରଫ ଶିବୁନା ସାହୁ(୨୬) ଓ ବାସେଳୀସାହି ଥାନାଅନ୍ତର୍ଗତ ମାର୍କଣ୍ଡେଶ୍ୱରସାହି ନୋଳିଆସାହିର କମଳ ବେହେରା(୪୫) । ଅଭିଯୁକ୍ତମାନଙ୍କ ନିକଟରୁ ୪୧ ବୋତଲ କଫ୍ ସିରଫ ଜବତ କରାଯାଇଛି । ଗତକାଲି ସନ୍ଧ୍ୟାରେ କୁମ୍ଭାରପଡ଼ା ଥାନା ଏଏସ୍‌ଆଇ ପ୍ରମୋଦ କୁମାର ଦଳାଇ ଅନ୍ୟକର୍ମଚାରୀଙ୍କ ସହିତ ପାଟ୍ରୋଲିଂ କରୁଥିବାବେଳେ ପୁରୀ ବସ୍ ଷ୍ଟାଣ୍ଡସ୍ଥିତ ତାରେଣୀମଣ୍ଡପ ନିକଟରେ ସର୍ବସାଧାରଣସ୍ଥାନରେ କଫ୍ ସିରଫ ବିକ୍ରି କରାଯାଉଥିବା ସୂଚନା ପାଇଥିଲେ । ସୂଚନା ଆଧାରରେ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସେଠାରେ କଫ ସିରଫ୍ ବିକ୍ରି କରୁଥିବାବେଳେ କିର୍ତ୍ତୀକୁ ଧରିଥିଲେ । ଯାଞ୍ଚସମୟରେ କିର୍ତ୍ତୀ ନିକଟରୁ ୨୧ ବୋତଲ (ୟୁରେକ୍ସ)କଫ୍ ସିରାଫ (୧.୯ ଲିଟର) ଜବତ କରାଯାଇଥିଲା । ଜବତ କଫ୍ ସିରାଫ ମଧ୍ୟରୁ ୪ଟି ବୋତଲ ଖୋଲାଥିଲା । ସେହିପରି ଆଜି ମାର୍କଣ୍ଡେଶ୍ୱରସାହି ନୋଳିଆସାହିର କମଳ ନିକଟରୁ ଆଜି ୨୦ ବୋତଲ କଫ ସିରାଫ୍ (ପ୍ରତ୍ୟେକ ବୋତଲରେ ୧୦୦ମିଲିଗ୍ରାମ) ଜବତ କରି ବାସେଳୀସାହି ଥାନା ତାକୁ ଗିରଫ କରିଛି । ଅଭିଯୁକ୍ତଦ୍ୱୟଙ୍କ ବିରୁଦ୍ଧରେ ଭାରତୀୟ ଦଣ୍ଡବିଧି ଆଇନ୍‌ର ବିଭିନ୍ନ ଧାରା ଓ ଡ୍ରଗ୍ସ ଆଣ୍ଡ କସ୍‌ମେଟିକ୍ ଆକ୍ଟରେ ମାମଲା ରୁଜୁ କରି ଆଜି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ୯୦ ବର୍ଷୀୟା ବୃଦ୍ଧା ଏବେ ବି ବିଧବା ଭତାରୁ ବଂଚିତ

ସାଲେପୁର,୦୮/୧୨ (ନି.ପ୍ର): ରାଜ୍ୟ ସରକାର ପୂର୍ବରୁ ନିୟମ ନିର୍ଦ୍ଧାରଣ କରିଥିଲେ ଯେ ପ୍ରତିମାସ ୧୫ ତାରିଖରେ ବିଭିନ୍ନ ପଂଚାୟତ କାର୍ଯ୍ୟାଳୟରେ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ କରିବେ । କୋଭିଡ୍ ସମୟରେ ପଂଚାୟତ କାର୍ଯ୍ୟାଳୟ ତରଫରୁ ପ୍ରତି ହିତାଧିକାରୀଙ୍କ ଘରକୁ ଯାଇ ଭତା ବଣ୍ଟନ କରାଯାଇଥିଲା । ପରବର୍ତ୍ତୀ ସମୟରେ ଭତା ପ୍ରଦାନର ସମୟ ବଦଳି ଯାଇଥିଲା । ଗତ ଅକ୍ଟୋବର ନଭେମ୍ବର ମାସରେ କେତେକ ହିତାଧିକାରୀଙ୍କୁ ମାହାଙ୍ଗା ବ୍ଲକ ବିଭିନ୍ନ ପଂଚାୟତ କାର୍ଯ୍ୟାଳୟରେ ଭତା ବଣ୍ଟନ କରାଯାଇଥିଲା ବେଳେ ଆଉ କେତେକ ହିତାଧିକାରୀଙ୍କୁ ବ୍ୟାଙ୍କ ମାଧ୍ୟମରେ ଭତା ପ୍ରଦାନ କରାଯିବ ବୋଲି କୁହାଯାଇଥିଲା । ବ୍ୟାଙ୍କକୁ ଭତା ଆଣିବାକୁ ଯାଇ ବୃଦ୍ଧ ବୃଦ୍ଧାମାନେ ବହୁ ସମସ୍ୟା ଭୋଗୁଥିଲା ବେଳେ ଅନେକଙ୍କ ଭତା ଆଜି ପର୍ଯ୍ୟନ୍ତ ମିଳିନଥିବା ଅଭିଯୋଗ ହୋଇଛି । ଯାହାର ଉଦାହରଣ ପାଲଟିଛି ଭଦ୍ରେଶ୍ୱର ପଂଚାୟତ । ଭଦ୍ରେଶ୍ୱର ପଂଚାୟତର ବହୁ ହିତାଧିକାରୀ ବର୍ତ୍ତମାନ ସୁଦ୍ଧା ବ୍ୟାଙ୍କ ମାଧ୍ୟମରେ ବାର୍ଦ୍ଧକ୍ୟ ଭତା ପାଇପାରି ନାହାଁନ୍ତି । ଏଠାରେ ସୂଚନାଯୋଗ୍ୟ ଯେ, ଭଦ୍ରେଶ୍ୱର ପଂଚାୟତ ଝାଡେଶ୍ୱର ଗ୍ରାମର ଗୋଲଖ ଚନ୍ଦ୍ର ସ୍ୱାଇଁ, ପିତା - ଭଗବାନ ବ୍ୟାଙ୍କ ମାଧ୍ୟମରେ ଭତା ନପାଇ ଗଣମାଧ୍ୟମର ପ୍ରତିନିଧିଙ୍କ ନିକଟରେ ଅଭିଯୋଗ କରିଥିଲେ । ଜନୈକ ଗଣମାଧ୍ୟମର ପ୍ରତିନିଧି ମାହାଙ୍ଗା ବ୍ଲକର ସମାଜମଙ୍ଗଳ କାର୍ଯ୍ୟାଳୟକୁ ଯାଇ ସେମାନଙ୍କର ସମସ୍ୟା ସଂକ୍ରାନ୍ତରେ ଜଣାଇବା ପରେ ସମାଜ ମଙ୍ଗଳ କାର୍ଯ୍ୟାଳୟରେ କାର୍ଯ୍ୟରତ ଜନୈକ ମହିଳା କର୍ମଚାରୀ ରାଗିଯାଇ ସଂପୃକ୍ତ ସାମ୍ବାଦିକଙ୍କୁ ଓଲଟି ପ୍ରଶ୍ନ କରିଥିଲେ ତମେ ପ୍ରଥମେ ବ୍ୟାଙ୍କକୁ ଯାଇ ବହି ଅପଡେଟ୍ କର । ଉକ୍ତ ବ୍ୟକ୍ତିଙ୍କର ଦୁଇ ମାସର ଭତା ବ୍ୟାଙ୍କ ବହିକୁ ଯାଇଛି । ଏଠାରେ ସୂଚନା ଯୋଗ୍ୟ ଯେ, ଗୋଲଖ ଚନ୍ଦ୍ର ସ୍ୱାଇଁ କାନାରା ବ୍ୟାଙ୍କ ଉମର ଶାଖାକୁ ବାରମ୍ବାର ଯାଇ ବହି ଅପଡେଟ୍ କରିବାକୁ କହିଥିଲେ ମଧ୍ୟ କର୍ମଚାରୀ ଶୁଣିନଥିଲେ । ପରବର୍ତ୍ତୀ ସମୟରେ ଦୁଇ ମାସର ଭତା ଆସିଥିବା କଥା ଜାଣିବା ପରେ ସେ ବ୍ୟାଙ୍କ ମ୍ୟାନେଜରଙ୍କୁ ଭେଟି ନିଜର ସମସ୍ୟା କହିଥିଲେ । କାନାରା ବ୍ୟାଙ୍କ ମ୍ୟାନେଜର ବହି ଅପଡେଟ୍ କରିବା ପରେ ଜଣାପଡିଥିଲା କେବଳ ନଭେମ୍ବର ମାସର ଭତା ବ୍ୟାଙ୍କ ବହିକୁ ଆସିଛି କିନ୍ତୁ ଅକ୍ଟୋବର ମାସର ଆସିନାହିଁ । ଏଠି ପ୍ରଶ୍ନ ଉଠେ ଯେ କିଭଳି ଭାବରେ ବ୍ଲକରେ କାର୍ଯ୍ୟରତ ମହିଳା ଜଣକ ଗଣମାଧ୍ୟମର ପ୍ରତିନିଧିଙ୍କୁ ମିଛ କହିଲେ । ଏପରିକି ଭଦ୍ରେଶ୍ୱର ପଂଚାୟତର ଝାଡେଶ୍ୱରପୁର ଗ୍ରାମର କୁନ୍ତଳା ଦିବ୍ୟା ଯାହାର ବୟସ ୯୦ ବର୍ଷରୁ ଉର୍ଦ୍ଧ୍ୱ ସେ ଏପର୍ଯ୍ୟନ୍ତ ବି ବିଧବା ଭତା ପାଇପାରି ନାହାଁନ୍ତି । ଏପରିକି ଅନେକ ବୃଦ୍ଧ ବୃଦ୍ଧା ରହିଛନ୍ତି ଯେଉଁମାନେ କି ଦୁଇ ମାସ ଧରି ବାର୍ଦ୍ଧକ୍ୟ ଭର୍ତ୍ତା ପାଇନାହାଁନ୍ତି । ସୂଚନା ଯୋଗ୍ୟ ଯେ ସାଲେପୁର, ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକରେ ବହୁ ଯୋଗ୍ୟ ହିତାଧିକାରୀ ଭତ୍ତା ନ ପାଇ ବ୍ଲକ ପ୍ରଶାସନର ନିକଟକୁ ଦୌଡିଥିଲେ ମଧ୍ୟ ସେମାନେ ଭତା ପାଇପାରୁନଥିବା ଅଭିଯୋଗ ହୋଇଛି । କଟକ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

# ଦାଦାବଟି ଆଦାୟ ଅଭିଯୋଗରେ ଯୁବକ ଗିରଫ

ପୁରୀ,୦୮/୧୨ (ନି.ପ୍ର): ଏସ୍‌ୟୁଭି ଛକ ଅଞ୍ଚଳରେ ପର୍ଯ୍ୟଟକଙ୍କ ଗାଡ଼ିରୁ ମାରଣାସ୍ତ୍ର ଦେଖାଇ ଦାଦାବଟି ଆଦାୟ କରୁଥିବା ଅଭିଯୋଗରେ ବଳିଆପଣ୍ଡା ବିଜୟଗର ପଛ ପାଖରେ ଥିବା ମଦନଗ୍ରାମର ପିଣ୍ଟୁ ଓରଫ ସମୀର ସାମନ୍ତରାୟ (୩୦)କୁ ବଳିଆପଣ୍ଡା ଥାନା ପୁଲିସ ଗିରଫ କରିଛି । ଅଭିଯୁକ୍ତ ନିକଟରୁ ଏକ ଛୁରି ଓ ନଗଦ ୮୦୦ ଟଙ୍କା ଜବତ କରାଯାଇଛି । ମଙ୍ଗଳବାର ସକାଳେ ବଳିଆପଣ୍ଡାଥାନା ଏଏସ୍‌ଆଇ ପ୍ରମୋଦ କୁମାର ଦଳାଇ ଥାନାର ଅନ୍ୟ କର୍ମଚାରୀମାନଙ୍କ ସହିତ ପାଟ୍ରୋଲିଂ କରୁଥିବାବେଳେ ଏସ୍‌ୟୁଭି ଛକ ଅଞ୍ଚଳରେ ପର୍ଯ୍ୟଟକଙ୍କ ଗାଡ଼ିରୁ ମାରଣାସ୍ତ୍ର ଦେଖାଇ ଦାଦାବଟି ଆଦାୟ କରାଯାଉଥିବା ସୂଚନା ପାଇଥିଲେ । ସୂଚନା ଆଧାରରେ ପୁଲିସ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ ଧରିବାକୁ ଉଦ୍ୟମ କରୁଥିବାବେଳେ ପିଣ୍ଟୁ ପୁଲିସକୁ ଚକମା ଦେଇ ଘଟଣାସ୍ଥଳରୁ ଚମ୍ପଟ ମାରିବାକୁ ଚେଷ୍ଟା କରିଥିଲା । ତେବେ ପୁଲିସ ଟିମ୍ ତାକୁ କୌଶଳ କ୍ରମେ ତାକୁ କାବୁ କରିନେବା ସହିତ ପିଣ୍ଟୁ ନିକଟରୁ ଏକ ଛୁରି ଓ ନଗଦ ୮୦୦ ଟଙ୍କା ଜବତ କରିଥିଲା । ଅଭିଯୁକ୍ତ ବିରୁଦ୍ଧରେ ଭାରତୀୟ ଦଣ୍ଡବିଧି ଆଇନ୍‌ର ୨୯୪, ୩୫୩,୩୮୬ ଓ ୩୮୭ ଧାରାରେ ୧୭୩/୨୧ମାମଲା ରୁଜୁ କରି ତାକୁ କୋର୍ଟ ଚାଲାଣ କରାଯାଇଛି ।

# ମାହାଙ୍ଗାରେ ଶବଦାହ ଗୃହ ନିର୍ମାଣ କାହା ସ୍ୱାର୍ଥରେ ?

ସାଲେପୁର,୦୮/୧୨ (ନି.ପ୍ର): ମାହାଙ୍ଗା ବ୍ଲକର ୩୭ ଟି ପଂଚାୟତରେ ବିଭିନ୍ନ ରାଜସ୍ୱ ଗ୍ରାମରେ ଥିବା ଗୋଚର ଓ ଶ୍ମଶାନ ଜମି ଉପରେ ଚତୁର୍ଦ୍ଦଶ ଅର୍ଥ କମିଶନରଙ୍କ ଅନୁଦାନରେ ୨୦୧୫ - ୧୬ ମସିହାରେ ଏବଂ ପରବର୍ତ୍ତୀ ସମୟରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଶବଦାହ ଗୃହ ଗୁଡିକ ଏକ ପ୍ରକାର ଅଚଳ ହୋଇ ପଡିଛି । ପରିତ୍ୟକ୍ତ ଅବସ୍ଥାରେ ଶବଦାହ ଗୃହ ଗୁଡିକ ରହିଥିଲା ବେଳେ ଏହାର ନିକଟରେ ଖୋଳାଯାଇଥିବା ନଳକୂପ ଗୁଡିକ ଅଚଳ ହୋଇଗଲାଣି । ଏଥିପ୍ରତି ଗ୍ରାମ ପଂଚାୟତର ଦୃଷ୍ଟି ପଡୁନାହିଁ । ଯାହାଫଳରେ ଲୋକମାନେ ଗୋଚର ଓ ଶ୍ମଶାନ ଜମିର ଖୋଲା ସ୍ଥାନରେ ଶବ ଦାହ କରୁଛନ୍ତି । ତାହା ହେଲେ ଏଠାରେ ପ୍ରଶ୍ନ ଉଠୁଛି । ପଂଚାୟତର କେତେକ କର୍ମୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ସେମାନଙ୍କୁ ଉକ୍ତ ଶବଦାହ ଗୃହର ନିର୍ମାଣ କାର୍ଯ୍ୟର ଦାୟିତ୍ୱ ଦିଆଯାଇଥିବା ଚର୍ଚ୍ଚା ବି ହେଉଛି । କାହା ସ୍ୱାର୍ଥରେ ଏ ଶବଦାହ ଗୃହ ନିର୍ମାଣ କରାଯାଇଛି । ସରକାରୀ ଅର୍ଥକୁ କିଭଳି ଭାବରେ ହରିଲୁଟ୍ କରାଯାଇ ନିମ୍ନମାନର ଶବଦାହ ଗୃହ ନିର୍ମାଣ କରାଯାଉଛି ତାହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହେଉଛି । ଏପରିକି ବଣଜଙ୍ଗଲପୂର୍ଣ୍ଣ ଅବସ୍ଥାରେ ଶବ ଦାହ ଗୃହର ଚତୁପାର୍ଶ୍ୱ ରହିଥିଲେ ମଧ୍ୟ ତାହାର ସଫେଇ ହେଉନାହିଁ । ଯେଉଁ ଉଦ୍ଦେଶ୍ୟ ନେଇ ଶବଦାହ ଗୃହ ନିର୍ମାଣ କରାଯାଇଥିଲା ତାହା ସମ୍ପୂର୍ଣ୍ଣ ହୋଇ ପାରିନାହିଁ ।

# ସିନାପାଲିରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ : ସହର ମଝିରେ ଆଣ୍ଠୁଏ ପାଣି

ନୂଆପଡା,୦୮/୧୨ (ନି.ପ୍ର): ନୂଆପଡା ଜିଲ୍ଲା ସିନାପାଲି ସହରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ସହରର ମଝି ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚରେ ପାଣି ଜମା ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ସିନାପାଲି ସହରର ଡ୍ରେନେଜ ତଥା ପରିମଳ ବ୍ୟବସ୍ଥାକୁ ସୁଧାରିବା ପାଇଁ ବାରମ୍ବାର ପ୍ରଶାସନ ପାଖରେ ଅଭିଯୋଗ ହେଉଥିଲେ ମଧ୍ୟ ପରିମଳ ବ୍ୟବସ୍ଥା ସୁଧୁରିବାର ନା ଧରୁନି । ପ୍ରକାଶ ଯୋଗ୍ୟ ଯେ, ସିନାପାଲି ସ୍ଥିତ ରାସ୍ତାରେ ଡ୍ରେନେଜ ବ୍ୟବସ୍ଥା ଠିକ୍ ନ ଥିବାରୁ ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚରେ ପାଣି ଜମା ହୋଇଥିବା ଦେଖିବାକୁ ମିଳିଛି । ଲୋକେ ବାଧ ହୋଇ ଉକ୍ତ ମଇଳା ପାଣି ଦେଇ ଯାତାୟତ କରିବାକୁ ବାଧ ହେଉଛନ୍ତି । ଏଭଳି ସିନାପାଲି ସହରର ବିଭିନ୍ନ ସ୍ଥାନରେ ଡ୍ରେନେଜ ବ୍ୟବସ୍ଥା ଠିକ ନଥିବାରୁ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ଦୀର୍ଘଦିନରୁ ଜଳନାଥ ଛକ ନିକଟରେ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତକୁ ନେଇ ବ୍ଲକ ପ୍ରଶାସନ ତଥା ଜିଲ୍ଲା ପ୍ରଶାସନକୁ ବାରମ୍ବାର ଅବଗତ କରାଇଥିଲେ ବି ସମାଧାନର ରାସ୍ତା ଅଧପନ୍ତରିଆ ହୋଇ ରହିଯାଇଛି । ଡ୍ରେନ ନିର୍ମାଣ ପାଇଁ ସରକାରୀ ସ୍ତରରେ ବ୍ୟବସ୍ଥା କରାଯାଇଛି, ହେଲେ ତାହା ସମ୍ପୂର୍ଣ୍ଣ ହୋଇପାରୁ ନାହିଁ । ବାରମ୍ବାର ଏହି ଅଧାପନ୍ତରିଆ ଡ୍ରେନରେ ଅଘଟଣ ଘଟି ଧନଜୀବନ ନଷ୍ଟ ହେଉଥିବା ଅଭିଯୋଗ ହେଉଛି । ଅନେକ ଥର ଏହି ଡ୍ରେନ ମାନଙ୍କରେ ଯାତାୟତ କରୁଥିବା ଲୋକେ, ଗାଡ଼ି ମୋଟର ତଥା ଗାଇଗୋରୁ ଖସିପଡି ଅକାଳରେ ଜୀବନ ହାନି ଘଟୁଥିବା ଦେଖିବାକୁ ମିଳିଛି ।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଏନେଇ ବାରମ୍ବାର ପ୍ରଶାସନକୁ ଅବଗତ କରାଇଥିଲେ ବି କୌଣସି ସୁଫଳ ମିଳୁନଥିବା ପ୍ରକାଶ କରିଛନ୍ତି । ଉକ୍ତ ଡ୍ରେନର ମଇଳା ପାଣି ଜମିବା ଦ୍ୱାରା ମଶାମାଛିର ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି । ମଶା କାମୁଡିବା ଦ୍ୱାରା ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ପଡୁଛନ୍ତି । ସ୍ଥାନୀୟ ଛୋଟ ପିଲା ମାନେ ଉକ୍ତ ମଇଳା ପାଣିରେ ଖେଳିବା ଦ୍ୱାରା ଅନେକ ଚର୍ମରୋଗର ଶିକାର ହେଉଥିବା ପ୍ରକାଶ କରିଛନ୍ତି । ସିନାପାଲି ସହରର ଏହିପରି ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାରେ ତୁରନ୍ତ ସୁଧାର ଅ ।ଣିବାକୁ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି ।

# ସିନାପାଲି ବିଡ଼ିଓଙ୍କ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ

ନୂଆପଡା,୦୮/୧୨ (ନି.ପ୍ର): ନୂଆପଡା ଜିଲ୍ଲା ସିନାପାଲି ବିଡ଼ିଓ ସଦାଶିବ ନାଏକ ରାନିମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କରିଥିବା ଜଣାପଡ଼ିଛି । ଉକ୍ତ ପରିଦର୍ଶନ ସମୟରେ ଶ୍ରୀ ନାଏକଙ୍କ ସମେତ ସିନାପାଲି ତହସିଲଦାର ଲୋକନାଥ ଶବର, କାର୍ଯ୍ୟନିର୍ବାହୀ ଅଧିକାରୀ, ସ୍ଥାନୀୟ ସରପଞ୍ଚ ତଥା ଅନ୍ୟାନ୍ୟ ଅଧିକାରୀ ସାମିଲ୍ ଥିଲେ । ରାଣୀମୁଣ୍ଡା ସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନବ ନିର୍ମିତ ଗ୍ରାମ୍ୟ ହାଟ, ଗ୍ରାମ୍ୟ ପାର୍କ ପରିଦର୍ଶନ କରି ନିର୍ମାଣ କାର୍ଯ୍ୟର ତଦାରଖ କରିଥିଲେ । ଉକ୍ତ ନିର୍ମାଣ କାର୍ଯ୍ୟର ସଫଳତା ନେଇ ନିର୍ମାଣ ଦାୟୀତ୍ୱରେ ଥିବା ଅଧିକାରୀଙ୍କୁ ପ୍ରଶଂସା କରିଥିଲେ । ନିର୍ମାଣଧୀନ ଥିବା ଗ୍ରାମ୍ୟ ପାର୍କରେ ପୁଣି ଆବଶ୍ୟକ ତଥା ଅଧୁରା ଥିବା କାମକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ସ୍ଥାନୀୟ ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶେ ଦେଇଥିଲେ । ଉକ୍ତ ଗ୍ରାମ୍ୟପାର୍କକୁ ଆହୁରି ଆକର୍ଷଣୀୟ କରି ନିର୍ମାଣ କରାଯିବା ସହ ଶିଶୁ ମାନଙ୍କ ପାଇଁ ମଧ୍ୟ ବିଭିନ୍ନ ପ୍ରକାର ଖେଳଣା ଓ ଆମୋଦ ପ୍ରମୋଦର ବ୍ୟବସ୍ଥା କରାଯିବ ବୋଲି ସ୍ଥାନୀୟ ସରପଞ୍ଚ ଯୋଜନା କରିଥିବା କହିଥିଲେ । ସେହିପରି ଏହି ପାର୍କକୁ ଲାଗି ରହିଥିବା ପଡିଆକୁ ଏକ ଆଦର୍ଶ ଖେଳପଡ଼ିଆ ଭାବରେ ନିର୍ମାଣ କରାଯିବା ନେଇ ମଧ୍ୟ ଯୋଜନା କରାଯାଇଛି । ଏହି ସ୍ଥାନ ପରିଦର୍ଶନ କରି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ ପରେ ଉପସ୍ଥିତ ଅଧିକାରୀ ଖୁସି ବ୍ୟକ୍ତ କରିଥିଲେ । ପରେ ନିକଟରେ ଚାଲିଥିବା ରାଣୀମୁଣ୍ଡା ଧାନମଣ୍ଡି ବୁଲି ଦେଖି ଚାଷୀ ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ।

# ୪ ମୃତ ପକ୍ଷୀ ଜବତ : ଶୀକାରୀ ଗିରଫ

ଖୋର୍ଦ୍ଧା,୦୮/୧୨ (ନି.ପ୍ର): ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିନସ୍ଥ ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ହାତରେ ଜଣେ ପକ୍ଷୀ ଶୀକାରୀ ଧରାପଡିଛି । ତାଠାରୁ ବନ୍ୟପ୍ରାଣୀ ବିଭାଗ ୪ଟି ମୃତ ପକ୍ଷୀ ଜବତ କରିଛି । ଗିରଫ ଶୀକାରୀ ଜଣକ ହେଲେ ପୁରୀ ଜିଲ୍ଲା ଗଡ଼ିଶାଗଦା ଥାନା ଅଂଚଳର କବିରାଜ ରାଉତ (୩୭) ।

ସୂଚନା ମୁତାବକ, ଟାଙ୍ଗୀ ରେଞ୍ଜ ଅନ୍ତର୍ଗତ ଦୋଛିଆଁ ପକ୍ଷୀ ସୁରକ୍ଷା କ୍ୟାମ୍ପ ନିକଟସ୍ଥ ଆଲିପଡ଼ା ନାଳ ନିକଟରୁ ଜଣେ ପକ୍ଷୀ ଶୀକାରୀକୁ ଆଜି ପୂର୍ବାହ୍ନରେ ଗିରଫ କରିଛି ଟାଙ୍ଗୀ ବନ୍ୟପ୍ରାଣୀ ବନାଂଚଳ ବିଭାଗ । ଶୀକାରୀ ନିକଟରୁ ଦୁଇ ଗୋଟି ମୃତ ବଡ଼ ବତକ ଏବଂ ଦୁଇ ଗୋଟି ମୃତ କାମ ଚଢେଇ ଜବତ କରାଯାଇଛି । ଏନେଇ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଗିରଫ ଶୀକାରି ବିରୋଧରେ ପିଆର ନମ୍ବର ୧୦ଟି/୨୧-୨୨ ରେ ଏକ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯିବ ବୋଲି ଟାଙ୍ଗୀ ରେଞ୍ଜ୍ ବନାଂଚଳ ଅଧିକାରିଣୀ ଚୂଡ଼ାରାଣୀ ମୁର୍ମୁ ସୂଚନା ଦେଇଛନ୍ତି ।

ସେ ଆହୁରି ମଧ୍ୟ କହିଛନ୍ତି ଯେ, ଆଗକୁ ପାଟ୍ରୋଲିଂକୁ ଆହୁରି କଡ଼ାକଡ଼ି କରାଯିବ । ପ୍ରକାଶ ଥାଉକି, ଶୀତଦିନ ଜାରି ରହିଥିବା ବେଳେ ଚିଲିକାରେ ପକ୍ଷୀ ଶୀକାର ଆରମ୍ଭ ହୋଇ ଗଲାଣି । ବନ୍ୟପ୍ରାଣୀ ବିଭାଗ ମଧ୍ୟ ପାଟ୍ରୋଲିଂ ଜାରି ରଖିଥିବା ବେଳେ ପାଟ୍ରୋଲିଂକୁ ଖାତିର ନକରି ଶିକାରୀମାନେ ଅବାଧରେ ପକ୍ଷୀ ଶିକାର କରି ଚାଲିଛନ୍ତି । ତେବେ ବନ୍ୟପ୍ରାଣୀ ବିଭାଗ ଶିକାରୀଙ୍କ ଉପରେ ନଜର ରଖିଥିବା ଜଣାପଡିଛି ।

# ଏକ୍ସଆଇଏମ ବିଶ୍ୱବିଦ୍ୟାଳୟର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ

ଖୋର୍ଦ୍ଧା,୦୮/୧୨ (ନି.ପ୍ର): ସ୍ଥାନୀୟ ହରିରାଜପୁର ନିଜିଗଡ, କୁକ୍ରି ଠାରେ ଥିବା ଏକ୍ସଆଇଏମ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପରିସରରେ ତିନି ଦିନ ଧରି ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଡକ୍ଟର ଫା ଅଶୋକ ଓହୋଲ ଏସଜେ, ଜାଭିୟର ଇନଷ୍ଟିଚ୍ୟୁଟ ଅଫ ସୋସିଆଲ ସର୍ଭିସ, ଫା ଷ୍ଟାନି ଡିସୁଜା ଏସଜେ ଦକ୍ଷିଣ ଏସିଆର ଜେସୁଇଟ୍ ସମ୍ମିଳନୀର ସଭାପତି, ଫା କୋଏ ଜେମ୍ସ, ସଚିବ ପା, ଆୟୋଜି ଆଗ ଭଭାଗୀ, ଏସଜେ, କୁଳପତି, ବିଶ୍ୱବିଦ୍ୟାଳୟ ଏବଂ ଫ୍ଲା ଏସ୍ ଆଟୋଂନି ରାଜ, ଏସ.ଜେ, ରେଜିଷ୍ଟ୍ରାର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବିଶ୍ୱବିଦ୍ୟାଳୟ ଉଚ୍ଚଶିକ୍ଷାରେ ଉଦ୍ୟୋଗର ଗୁରୁତ୍ୱରୋପ କରିଥିଲେ । ଏହି ସମ୍ମିଳନୀର ବିଷୟବସ୍ତୁ ହେଉଛି "ଇଦ୍ୟୋଗୀତା ଏବଂ ଉଚ୍ଚ ଶିକ୍ଷା ' ଶିକ୍ଷାଗତ ଏବଂ ଉଦ୍ୟୋଗୀ ଦୃଶ୍ୟପଟ୍ଟରେ ବିଶ୍ୱପ୍ଲୁତ ପରିବର୍ତନ ଦେଇ ଗତି କରୁଛି । ଉଚ୍ଚ ଶିକ୍ଷା ବ୍ୟବସ୍ଥା ଅଧିକ ଅଭିନବ ହେବାର ଆବଶ୍ୟକତା ରହିଛି । ଯାହାଦ୍ୱାରା ସମଗ୍ର ବିଶ୍ୱରେ ଅର୍ଥନୈତିକ, ସାମାଜିକ ଏବଂ ସର୍ବାଙ୍ଗୀନ ଅଭିବୃଦ୍ଧି ଏବଂ ବିକାଶକୁ ପ୍ରୋତ୍ସାହିତ କରାଯାଇପାରିବ । ଅନେକ ଏକାଡେମିକ୍ ଅନୁଷ୍ଠାନ ବର୍ତ୍ତମାନ ଯୁବକମାନଙ୍କୁ ଏକ ଲାଭଦାୟକ ଏବଂ ଫଳପ୍ରଦ ଭବିଷ୍ୟତ ଆଡକୁ ମାର୍ଗଦର୍ଶନ କରିବାରେ ଏକ ଉଦ୍ୟୋଗୀ ସହାୟକ ହୋଇପାରିବ ବୋଲି ଉପସ୍ଥିତ ଅତିଥିମାନେ ମତ ରଖିଥିଲେ ।

# ଲାଇଫ ଲାଇନ ଜମାକାରୀ ଏରସିଏସ ଅଫିସରେ ପକାଇଲେ ତାଲା

ଜୟପୁର,୦୮/୧୨ (ନି.ପ୍ର): ଜମା ଟଙ୍କା ଫେରିପାଇବାକୁ ଜୟପୁରରେ ଚିଟ ଫଣ୍ଡ ଜମାକାରୀ ଓ ଲାଇଫ୍ ଲାଇନ କୋ ଅପରେଟିଭ ସୋସାଇଟି କର୍ମଚାରୀଙ୍କ ହଙ୍ଗାମା । ପ୍ରଥମେ ଜୟପୁର ଟାଉନ ଥାନାରେ ହଙ୍ଗାମା ଓ ପରେ ସମସ୍ୟା ସମାଧାନ ନେଇ ପ୍ରତିଶ୍ରୁତି ନମିଳିବାରୁ ସମବାୟ ଉପ ନିବନ୍ଧକଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ଗେଟରେ ତାଲା ମାରିଲେ ।ଉଚ୍ଚ ହାରରେ ସୁଧ ଲୋଭ ଦେଖାଇ ଲାଇଫ୍ ଲାଇନ କୋ ଅପରେଟିଭ ସୋସାଇଟି ୫୦୦ ଜମାକାରୀଙ୍କ ଠାରୁ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ନେଇ ଯାଇଥିବା ଅଭିଯୋଗ ହୋଇଛି । ପୁଣିଥରେ ସାମ୍ନାକୁ ଆସିଲା ଚିଟଫଣ୍ଡ ଠକେଇ । ଆଉ ଏଥର ଅଭିଯୋଗ ଆସିଛି ଜୟପୁରରୁ । ଜୟପୁର ସହର ଓ ଏହାର ଆଖପାଖ ଅଂଚଳର ୫୦୦ ଜମାକାରୀଙ୍କ ଠାରୁ ଲାଇଫ ଲାଇନ କୋଅପରେଟିଭ ସୋସାଇଟି ନାମକ ସଂସ୍ଥା ଏହି ଜମା ଟଙ୍କା ନେଇଥିବା ବେଳେ ଏହା ଏବେ ଜମାକାରୀଙ୍କୁ ଫେରାଉ ନାହିଁ ।ସେହିପରି କର୍ମଚାରୀ ମାନେ ବି ଦୀର୍ଘ ମାସ ହେଲା ଦରମା ପାଇନଥିବା ଅଭିଯୋଗ କରିଛନ୍ତି । ସେପଟେ ସଂସ୍ଥାର ଅଫିସ ଜୟପୁରରେ ବନ୍ଦ ହୋଇଯାଇଥିବାରୁ ଚିନ୍ତାରେ ଜମାକାରୀ ଓ କର୍ମଚାରୀ ।ତେଣୁ ଟଙ୍କା ଫେରିପାଇବାକୁ ପ୍ରଥମେ ଜୟପୁର ଟାଉନ ପୋଲିସର ଦ୍ୱାରସ୍ଥ ହୋଇଥିଲେ ଏମାନେ ।କିନ୍ତୁ ପୋଲିସ ଠାରୁ ନିରାଶା ହେବା ପରେ ସମବାୟ ନିବନ୍ଧକଙ୍କ କାର୍ଯ୍ୟାଳୟରେ ବି ତାଲା ମାରି ବିକ୍ଷୋଭ କରିଥିଲେ । ଟଙ୍କା ତୁରନ୍ତ ଫେରସ୍ତ ନମିଳିଲେ ଆତ୍ମହତ୍ୟା ର ଚେତାବନୀ ବି ଦେଇଛନ୍ତି ଏମାନେ ।ଏହା ସଂସ୍ଥା ମୁଖ୍ୟ ଙ୍କୁ ଥାନା ପରିସରରେ ଘେରିଛନ୍ତି । ଏହି ସଂସ୍ଥାଟି ୨୦୦୫ ମସିହାରୁ ଜୟପୁରରେ କାର୍ଯ୍ୟକ୍ଷମ ହେଉଥିବା ବେଳେ ଲୋକଙ୍କ ଠାରୁ ପ୍ରତିଦିନ ଟଙ୍କା ଜମା ନେଇ ଆସୁଥିଲା ।ଠିକ ସମୟରେ ବି ଫେରସ୍ତ କରୁଥିଲା ।କିନ୍ତୁ ୨ ବର୍ଷ ହେଲା କରୋନା ଯୋଗୁଁ ଋଣ ଆଦାୟ ସରକାରୀ ନିର୍ଦ୍ଦେଶ ନାମା ପରେ ବନ୍ଦ ଥିଲା ।ସେବେ ଠାରୁ ଜମାକାରୀ ଟଙ୍କା ଫେରି ପାଇନଥିବା ବେଳେ କର୍ମଚାରୀ ବି ଦରମା ପାଇ ନାହାଁନ୍ତି ।କର୍ମଚାରୀ ଓ ଜମାକାରୀ ଏଥିପାଇଁ ସଂସ୍ଥାର ତତ୍କାଳୀନ ସଂପାଦକ ଗଂଗାଧର ସାହୁ ଓ ସଭାପତି ରାଜେଶ ତ୍ରିପାଠୀ ଙ୍କୁ ଦାୟୀ କରିଛନ୍ତି ।ଏମାନଙ୍କ ସହ ଥାନାରେ ହାତାହାତି ବି ହୋଇଛନ୍ତି ।କିନ୍ତୁ ୨୦୧୨ ମସିହା ଠାରୁ ସଂସ୍ଥାର ଅଡିଟ ହୋଇନଥିବାରୁ ତଦନ୍ତ ଆଗକୁ ବଢି ପାରୁନି ବୋଲି ପୋଲିସ କହିଛି ।ଅଡିଟ ପରେ ହିଁ ଠକେଇ ପଛରେ କିଏ ଅଛି ଜଣା ପଡିବ ବୋଲି ଜୟପୁର ଏସଡିପିଓ କହିଛନ୍ତି ।ସେପଟେ ସଂସ୍ଥାର ପୂର୍ବତନ ସଂପାଦକ ନିଜକୁ ନିର୍ଦ୍ଦୋଶ କରିବା ସହ କର୍ମଚାରୀ ଋଣ ଆଦାୟ କରିନଥିବାରୁ ଏହି ସମସ୍ୟା ଦେଖାଦେଇଥିବା କହି ଓଲଟି କର୍ମଚାରୀଙ୍କ ଉପରେ ଦୋଷ ଲଦିଛନ୍ତି । ଜମା ଟଙ୍କା ଓ ଦରମା ଏମାନେ କେବେ ଫେରି ପାଇବେ ତାହା ସଂସ୍ଥା ର ଅଡିଟ ରିପୋର୍ଟ ଉପରେ ନିର୍ଭର କରୁଛି ।ତେଣୁ ପ୍ରଶାସନ ଏହି ସଂସ୍ଥା ର ଅଡିଟ ତୁରନ୍ତ କରିବା ସହ ଯିଏ ଏଥିରେ ଆର୍ଥିକ ଅନିୟମିତତା କରିଛି ସେମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ହେବା ନିହାତି ଜରୁରୀ ।

# ୧୨ ଦାଦନ ଶ୍ରମିକ ଉଦ୍ଧାର : ୨ ଅଟୋ ଚାଳକ ଗିରଫ

ବଲାଙ୍ଗିର,୦୮/୧୨ (ନି.ପ୍ର): ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ପୋଲିସ ଧ୍ୱାରା ୧୨ ଜଣ ଦାଦନ ଶ୍ରମିକ ଉଦ୍ଧାର ହୋଇଥିବା ବେଳେ ଘଟଣାରେ ଦୁଇ ଅଟୋ ଡ୍ରାଇଭରଙ୍କୁ ପୋଲିସ ଗିରଫ କରିଥିବା ଜଣାପଡ଼ିଛି ।

ସୂଚନା ଅନୁସାରେ, ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ଥାନା ଏ.ଏସ.ଆଇ.ସାଓ୍ୱନ କେରକେଟା ତା.୬/୧୨/୨୧ ସମୟ ୧୦ ଟାରେ ନିଜ ଥାନା ଏରିଆରେ ପେଟ୍ରୋଲିଂ କରୁଥିଲେ । ସେହି ବେଲପଡା ବ୍ଲକ କନ୍ଦ୍ରେନଝୁଲା ଛକ ଠାରେ ଦୁଇଟି ଅଟୋ ରିକ୍ସାରେ ଖପ୍ରାଖୋଲ ଥାନା ଭରୁଆମୁଣ୍ଡା ଗାଁର ୩ ଜଣ ପୁରୁଷ, ୫ ଜଣ ମହିଳା, ୪ ଜଣ ଶିଶୁ ଥିବା ଦେଖିବାକୁ ପାଇଥିଲେ । ପରେ ଖପ୍ରାଖୋଲ ଥାନା ଆଣି ୧୨୯ ରେ କେଶ ରେଜିଷ୍ଟ୍ରେସନ କରିଥିଲେ ଓ ଦୁଇ ଅଟୋ ଡ୍ରାଇଭରକୁ ଗିରଫ କରିବା ସହ ଦୁଇ ଅଟୋକୁ ଜବତ କରିଛନ୍ତି । ଥାନା ରେ କେଶ ନମ୍ବର ୧୨୦,୩୭୦,୩୭୪,୩୪ ଆଇପିସି ଧାରା ରୁଜୁ କରି ଡ୍ରାଇଭର ବିରଂଚି ବାଗ (୪୧) ଓ ପୂର୍ଣ୍ଣ ବଗର୍ତି (୩୦) କୁ କୋର୍ଟ ଚାଲାଣ କରିଥିବା ତଦନ୍ତକାରୀ ଅଫିସର ନାରାୟଣ ସାହୁ ସୂଚନା ଦେଇଛନ୍ତି । ମୁଖ୍ୟ ଦଲାଲ୍ କନ୍ଦ୍ରେନଝୁଲା ଗାଁ ଗୋପ ରାଏ (୫୭) ଓ କଣ୍ଟାବାଞ୍ଜି ଅମରେନ୍ଦ୍ର ବାଗ ଫେରାର ଥିବା ଥାନା ଅଧିକାରୀ ରମାକାନ୍ତ ସାହୁ କହିଛନ୍ତି ।

# ଓଏସଓୟୁ ରେଜିଷ୍ଟ୍ରାରଙ୍କ ସହିତ ସଂଯୋଜକ ବିଜୟ ରାମଙ୍କ ସାକ୍ଷାତକାର

ରାଇରଙ୍ଗପୁର,୦୮/୧୨ (ନି.ପ୍ର): ସମ୍ବଲପୁର, ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ମହିଳା ମହାବିଦ୍ୟାଳୟର ରାଇରଙ୍ଗପୁର ଶାଖାର ସଂଯୋଜକ ବିଜୟ କୁମାର ରାମ ମୁଖ୍ୟ କାର୍ଯ୍ୟାଳୟ ସମ୍ବଲପୁର ପରିଭ୍ରମଣ କରିଥିଲେ । ଅଧ୍ୟକ୍ଷ ଡାକ୍ତର ପ୍ରଦିପ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଶାଖା ନୂତନ ଭାବେ ଏହି ବର୍ଷ ଖୋଲାଯାଇଛି । ବିଶେଷ କରି ଏହି ଅଂଚଳରେ ଏମଏ ଖୋଲାଯିବାରେ ହର୍ଷୋଲ୍ଲାସର ଲହରି ଖେଳିଯାଇଛି । ଅନେକ ଛାତ୍ର ଛାତ୍ରୀଙ୍କ ସହିତ କର୍ମଚାରୀ ମାନେ ମଧ୍ୟ ଏଡମିଶନ ନେଇ ଚାଲିଛନ୍ତି । ରିଜିଓନାଲ ଅଫିସର ବାଲେଶ୍ୱର ଭବେଶ ଚନ୍ଦ୍ର ମହାନ୍ତିଙ୍କ ମାର୍ଗଦର୍ଶନରେ ମହିଳା ମହାବିଦ୍ୟାଳୟରେ ଏହି ଶାଖାର ଉପଯୋଗିତା କିପରି ବଢିବ ସେହି ଉଦ୍ଦେଶ୍ୟରେ ସଂଯୋଜକ ବିଜୟ ରାମ ସମ୍ବଲପୁର ଗସ୍ତ କରି କର୍ମଚାରୀଙ୍କ ସହିତ ରେଜିଷ୍ଟ୍ରାର ଓଏଏସ ମାନସ ପୁଜାରିଙ୍କ ସହିତ ଅଧ ଘଂଟାରୁ ଅଧିକ ଚର୍ଚ୍ଚା କରିଥିଲେ । ଶ୍ରୀ ପୁଜାରି ମହିଳା ମହାବିଦ୍ୟାଳୟର ପ୍ରାରମ୍ଭରେ ସନ୍ତୁଷ୍ଟ ହୋଇଛନ୍ତି । ବିଶେଷ କରି ବିଏଡର ଆବଶ୍ୟକତା ଉପରେ ସଂଯୋଜକ ଚର୍ଚ୍ଚା କରିଥିଲେ ।

# ଜିଲ୍ଲାରେ ଧାନ ଓ ମକା ମଣ୍ଡି ଶୀଘ୍ର ଖୋଲିବାକୁ ଦାବି

ଜୟପୁର,୦୮/୧୨ (ନି.ପ୍ର): କୃଷକ କଲ୍ୟାଣ ମଂଚ କୋରାପୁଟ ତରଫରୁ ଜିଲ୍ଲାରେ ମକା ଓ ଧାନ ମଣ୍ଡି ତୁରନ୍ତ ଆରମ୍ଭ କରିବାକୁ ଦାବୀ କରାଯାଇଛି । ଏନେଇ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କ ଜରିଆରେ ଦାବି ପତ୍ର ପ୍ରଦାନ କରାଯାଇଛି । ଖରିଫ ଋତୁରେ ଜିଲାରେ ବିଭିନ୍ନ ବ୍ଲକରେ ୮୦ ପ୍ରତିଶତରୁ ଅଧିକ ଧାନ ଓ କମା ଅମଳ ସରିଛି । ଜିଲା ରେ ମଣ୍ଡି ଆରମ୍ଭ ହୋଇନଥିବାରୁ ଚାଷୀମାନେ ମକା ଓ ଧାନ ଏମଏସପି ଠାର ଅତି କମ ଦରରେ କ୍ୱିଂଟାଲ ପିଛା ମକା ୩ ଶହରୁ ୪ ଶହ ଓ ଧାନ ୩ ଶହରୁ ୬ ଶହ ଦରରେ ବିକ୍ରି କରିବାକୁ ବାଧ ହେଉଛନ୍ତି । ପ୍ରକୃତରେ ପ୍ରଶାସନ ଚାଷୀଙ୍କ ସ୍ୱାର୍ଥ ପାଇ ଚେଷ୍ଟିତ ତାହା ହେଲେ ଜିଲାରେ ତୁରନ୍ତ ମକା ଓ ମଣ୍ଡି ଆରମ୍ଭ କରି ଚାଷୀଙ୍କୁ ଅଭାବି ବିକ୍ରୀର ଶୀକାର ହେବାକୁ ଦିଆନଯାଉ ବୋଲି ଜିଲା କୃଷକ କଲ୍ୟାଣ ମଂଚର ସାଧାରଣ ସମ୍ପାଦକ ନରେନ୍ଦ୍ର କୁମାର ପ୍ରଧାନ ପ୍ରଶାସନ ନିକଟରେ ଦାବି କରିଛନ୍ତି । ଏହାର ନକଲ ଜିଲା ଯୋଗାଣ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି ।

# କେବେ ସରିବ ବିକ୍ରମଦେବ କଲେଜ ଗେଟ୍ ସମ୍ମୁଖ ଓଭରବ୍ରିଜ ନିର୍ମାଣ ?

ଜୟପୁର,୦୮/୧୨ (ନି.ପ୍ର): ଅବିଭକ୍ତ କୋରାପୁଟ ଜିଲ୍ଲାର ବିକ୍ରମ ଦେବ ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରମୁଖ କଲେଜ ଭାବେ ପରିଚିତ । ୬୮ଲକ୍ଷ ଟଙ୍କା ବ୍ୟୟରେ ବିକ୍ରମ ଦେବ ସ୍ୱୟଂ ଶାସିତ ମହାବିଦ୍ୟାଳୟର
ଫୁଟ ଓଭରବ୍ରିଜ ନିର୍ମାଣାଧୀନ ରହିଛି । ଗତ ଅଗଷ୍ଟ ମାସରୁ ଅଚାନକ ଭାବେ ନିର୍ମାଣ କାମ ଅଧାରୁ ବନ୍ଦ ରହିଛି । ସମ୍ମୁଖ ଗେଟ୍ ନିକଟରେ ଛାତ୍ରଛାତ୍ରୀଙ୍କ ଶହଶହ ବାଇକ ଥୁଆ ହୋଇ ରହିବା ଏବଂ କାମ ପାଇଁ କଡ଼ା ଯାଇଥିବା ମାଟି ଜମା ହୋଇ ରହିବାରୁ ଛୋଟ ବଡ଼ ଦୁର୍ଘଟଣା ନିୟମିତ ଘଟୁଛି । ତା' ସାଙ୍ଗକୁ କଲେଜ ସମ୍ମୁଖରେ ନିୟମିତ ଭାବେ ଟ୍ରାଫିକ୍ ଜାମ୍ ହେବା ସହ ଲୋକଙ୍କ ଯାତାୟତରେ ବାଧା ଉପୁଜୁଛି । ଏଠାରେ ଯୁକ୍ତଦୁଇ, ଯୁକ୍ତତିନି ଓ ସ୍ନାତକ, ବିଇଡି ଆଦି ପାଠ୍ୟକ୍ରମ ସହ ଇଗ୍ନୋର କେନ୍ଦ୍ର ବି ରହିଛି । ପ୍ରତ୍ୟେକ ଦିନ କଲେଜକୁ ୨ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଶତାଧିକ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ମାନଙ୍କର ଯିବା ଆସିବା ଲାଗି ରହୁଛି । କଲେଜର ମଧ୍ୟ ଭାଗ ଦେଇ ଜାତୀୟ ରାଜପଥ ୨୬ ଯାଇଛି । ଲାଇଫ୍ ଲାଇନ୍ ରାସ୍ତା ଭାବେ ଏହା ପରିଚିତ । ଏହି ରାସ୍ତାରେ ୨୪ ଘଣ୍ଟା ତମାମ ଭାରୀଯାନ ଠାରୁ ଆରମ୍ଭ କରି ବସ, ଟ୍ୟାକ୍ସି, ଶହଶହ ବାଇକରେ ଲୋକେ ଯିବା ଆସିବା କରୁଛନ୍ତି । ଅନ୍ୟ ପକ୍ଷରେ କଲେଜ ସମ୍ମୁଖର ଗେଟ ବନ୍ଦ ରହୁଥିବାରୁ କଲେଜକୁ ଆସୁଥିବା ଛାତ୍ରଛାତ୍ରୀଙ୍କ ବାଇକ, ଅଭିଭାବକ ମାନଙ୍କ ବାଇକ୍ ଆଦି ଗେଟ ନିକଟରେ ରଖାଯିବା ପାଇଁ ପାର୍କିଂ କରାଯାଇଛି । ଛାତ୍ରଛାତ୍ରୀ ମାନେ ମଧ୍ୟ ରାସ୍ତାର ଅନ୍ୟ ପାର୍ଶ୍ୱରେ ଥିବା ଶ୍ରେଣୀଗୃହ ଓ ବିଭିନ୍ନ ଛାତ୍ରୀ ନିବାସର ଅନ୍ତେବାସୀ ଛାତ୍ରୀ ମାନେ ଛାତ୍ରୀନିବାସକୁ ଯାଇ ଶ୍ରେଣୀ ଗୁଡ଼ିକୁ ଯିବା ଆସିବା କରୁଛନ୍ତି । ଏହାସହ ଫୁଟ ଓଭର ବ୍ରିଜ୍ ପାଇଁ କଢ଼ାଯାଇଥିବା ମାଟି ସେଭଳି ଗଦା ହୋଇ ପଡ଼ିରହିଛି ।ଏହା ସାଙ୍ଗକୁ କଲେଜ ସମ୍ମୁଖ ଗେଟରୁ ମୁଖ୍ୟ ଟ୍ରାଫିକ ପୋଷ୍ଟ ୩୦୦ମିଟର ଦୂରତାରେ ରହିଛି । ସେଠାରେ ପାର୍କିଂ ଲାଇଟ୍ ଲାଗିବା ମାତ୍ରକେ କଲେଜ ସମ୍ମୁଖରେ ଛାତ୍ରଛାତ୍ରୀଙ୍କ ଗହଳି ସହ ରାସ୍ତାରେ ଯା'ଆସ ହେଉଥିବା ଗାଡି ଗୁଡ଼ିକ ସେଭଳି ରଖିବା ସହ ସେଠାରେ ଟ୍ରାଫିକ ଜାମ୍ ହେଉଛି ।ଛୋଟ ବଡ଼ ଦୁର୍ଘଟଣା ନିୟମିତ ପାଲଟିଛି । ତୁରନ୍ତ ମାଟି ହଟାଇବା ସହ କାମ ସାରି ହସ୍ତାନ୍ତର କରିବାକୁ ପୂର୍ତ୍ତବିଭାଗକୁ ଅନୁରୋଧ ପତ୍ର ଲେଖାଯାଇଛି ବୋଲି କହିଛନ୍ତି ଅଧ୍ୟକ୍ଷ ଡଃ. ଗୋପାଳ ହାଲଦାର । ୨୦ ମିଟର ଲମ୍ବ ଓ ୩ ମିଟର ଓସାର ବିଶିଷ୍ଟ ଫୁଟ ଓଭର ବ୍ରିଜର ପ୍ଲେଟ୍ ଲଗାଯିବା କାମ ବାକି ରହିଛି ।

# ରାମଗଡ଼

ଉତ୍ତରାଖଣ୍ଡର ଚୋପତା, ଡେରାଡୁନ୍, ଭିମ୍‌ତାଲ, ମୁକ୍ତେଶ୍ୱର ପରି ଅନେକ ଲୋକପ୍ରିୟ ଶୈଳନିବାସ ରହିଛି । ହେଲେ ଉତ୍ତରାଖଣ୍ଡରେ ଏମିତି ମଧ୍ୟ କିଛି ପର୍ଯ୍ୟଟନସ୍ଥଳୀ ଅଛି ଯାହା ବିଷୟରେ ଖୁବ୍ କମ୍ ଲୋକ ଜାଣିଛନ୍ତି । ସେମିତି ଏକ ସ୍ଥାନ ହେଉଛି ରାମଗଡ଼ । ଏହି ଛୋଟ ଶୈଳନିବାସରେ ଭରି ରହିଛି ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ । ଏହାର ଚତୁପାର୍ଶ୍ୱକୁ ପାହାଡ଼, ଝରଣା ଏବଂ ଘଞ୍ଚ ଘେରି ରହିଛି । ନୈନିତାଲରୁ ୨୪ କିଲୋମିଟର ଦୂରରେ ଅବସ୍ଥିତ ଏହି ଶୈଳନିବାସ । ଏହି ସ୍ଥାନରେ ଅଧିକ ଫଳ ଉତ୍ପାଦନ ହେଉଥିବାରୁ । ରାମଗଡ଼କୁ ଉତ୍ତରାଖଣ୍ଡର ଫଳ ଝୁଡ଼ି ମଧ୍ୟ କୁହାଯାଏ । ପୂର୍ବରୁ ଏହି ସ୍ଥାନରେ ଅନେକ ବ୍ରିଟିଶ୍ ଅଫିସର୍‌ମାନେ ଆରାମ କରିବାକୁ ଆସୁଥିଲେ । ବ୍ରିଟିଶ୍ ସମୟର ବଙ୍ଗଳା ଆଜି ବି ଏଠାରେ ଦେଖିବାକୁ ମିଳେ । ଏହି ସ୍ଥାନରେ ବିଭିନ୍ନ ପ୍ରକାର ବରକୋଳି, ଆପଲ, କମଳା ଆଦିର ବଗିଚା ଦେଖିବାକୁ ମିଳେ । ପର୍ଯ୍ୟଟକମାନେ ସ୍ଥାନୀୟ ଲୋକମାନଙ୍କ ସହ ମିଶି ଟ୍ରେକିଙ୍ଗ ମଜା ମଧ୍ୟ ନେଇଥାନ୍ତି ।





**ନଥୁଖାନ :**
ସମୁଦ୍ର ପତନରୁ ୬,୩୬୫ ଫୁଟ୍ ଉଚ୍ଚରେ ଅବସ୍ଥିତ ନଥୁଖାନ । ଏହି ସ୍ଥାନଟି ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରି ରହିଛି । ପ୍ରକୃତିର ଭବ୍ୟ ଦୃଶ୍ୟରେ ପରିପୂର୍ଣ୍ଣ । ଏହି ସ୍ଥାନଟି ପର୍ଯ୍ୟଟକଙ୍କୁ ଶାନ୍ତି ଦେଇଥାଏ । କୋଳାହଳମୁକ୍ତ ଏହି ଛୋଟ ସ୍ଥାନଟିରେ ପର୍ଯ୍ୟଟକଙ୍କ ଗହଳି ଜମୁନଥିବାରୁ ନିରୋଳା ସ୍ଥାନ ପସନ୍ଦ କରୁଥିବା ଲୋକଙ୍କ ପାଇଁ ଭଲ ବିକଳ୍ପ ହୋଇପାରିବ ।

**ମୁକ୍ତେଶ୍ୱର :**
ଏହି ସ୍ଥାନର ଏଠାରେ ଥିବା ପ୍ରାଚୀନ ଶିବ ମନ୍ଦିରର ନାଁରେ ରଖାଯାଇଛି । ମୁକ୍ତେଶ୍ୱରରୁ ନନ୍ଦଦେବୀ, ନନ୍ଦକୋଟ, ତ୍ରିଶୁଳ ଏବଂ ପଞ୍ଚାଚୁଳି ସହଜରେ ପହଞ୍ଚି ହୋଇଥାଏ । ପର୍ଯ୍ୟଟକମାନେ ଏହି ସ୍ଥାନରେ ରକ୍ କ୍ଲାଇମ୍ବିଙ୍ଗ୍, ର୍‌ୟାପଲିଙ୍ଗ୍ ଭଳି ରୋମାଞ୍ଚକର କ୍ରୀଡ଼ାରେ ଅଂଶଗ୍ରହଣ କରିଥାନ୍ତି ।

***କେଉଁଠି ରହିବେ:***
ରାମଗଡ଼ରେ ରହିବା ପାଇଁ ବିଭିନ୍ନ ପ୍ରକାର ଛୋଟ ବଡ଼ ହୋଟେଲ ଏବଂ ରିର୍ସଟ ଆଦି ରହିଛି । ପର୍ଯ୍ୟଟକମାନଙ୍କ ରହିବା ଖାଇବାରେ କୌଣସି ଅସୁବିଧା ହୋଇନଥାଏ । କିଛି କିଛି ହୋଟେଲ ପର୍ଯ୍ୟଟକଙ୍କ ବୁଲାବୁଲି ପାଇଁ ଟୁରିଷ୍ଟ ବସ୍ ମଧ୍ୟ ଯୋଗାଇ ଦେଇଥାନ୍ତି ।

***କେମିତି ଯିବେ:***
ରାମଗଡ଼ର ନିକଟତମ ବିମାନବନ୍ଦର ପନ୍ତନଗର ବିମାନବନ୍ଦର । ଏହା ରାମଗଡ଼ରୁ ୭୬ କି.ମି ଦୂର । ବିମାନବନ୍ଦରରୁ ଟ୍ୟାକ୍ସି ଯୋଗେ ରାମଗଡ଼ ଆସି ହୋଇଥାଏ । ନଚେତ୍ କାଠଗୋଦାମ ରେଳଷ୍ଟେସନରୁ ମଧ୍ୟ ଆସି ପାରିବେ । ପ୍ରତିଦିନ ଦିଲ୍ଲୀରୁ କାଠଗୋଦାମ ଟ୍ରେନ୍ ଯିବାଆସିବା କରିଥାଏ । ଆଲମୋଡ଼ା କିମ୍ବା ହଲଦ୍ୱାନିରୁ ମଧ୍ୟ ବସ୍ ଯୋଗେ ରାମଗଡ଼ ପହଞ୍ଚି ହୋଇଥାଏ ।

***କେବେ ଆସିବେ:***
ରାମଗଡ଼ର ପାଣିପାଗ ସବୁବେଳେ ଥଣ୍ଡା ରହିଥାଏ । ତେଣୁ ଏହି ସ୍ଥାନକୁ ସବୁ ସମୟରେ ଆସି ହୋଇଥାଏ । କିନ୍ତୁ ମାର୍ଚ୍ଚରୁ ସେପ୍ଟେମ୍ବର ଏହି ସ୍ଥାନରେ ଅଧିକ ପର୍ଯ୍ୟଟକଙ୍କ ଗହଳି ଦେଖିବାକୁ ମିଳେ ।

**ଶ୍ରୀ ଅରବିନ୍ଦ ଆଶ୍ରମ :**
ଶ୍ରୀ ଅରବିନ୍ଦ ଆଶ୍ରମ ରାମଗଡ଼ର ସବୁଠୁ ଲୋକପ୍ରିୟ ସ୍ଥାନ । ଏହି ଆଶ୍ରମ ପର୍ଯ୍ୟଟକଙ୍କୁ ଯୋଗ ଆଦିର ସୁବିଧା ଉପଲବ୍ଧ କରାଇଥାଏ । ଏହା ବ୍ୟତୀତ ଏଠାରେ ଧ୍ୟାନ କକ୍ଷ ମଧ୍ୟ ରହିଛି ।



# ଶୀତଦିନେ ତ୍ୱଚାର ଯତ୍ନ

ପ୍ରତ୍ୟେକ ଋତୁରେ ତ୍ୱଚାର ଯତ୍ନ ଭିନ୍ନ ଭିନ୍ନ ଉପାୟରେ ନିଆଯାଏ । କିନ୍ତୁ ଶୀତଦିନେ ତ୍ୱଚାର ଯତ୍ନ ନେବା ଏକ କଠିନ ବ୍ୟାପାର । ଏହି ଋତୁରେ ସାବୁନ ବ୍ୟବହାର କରନ୍ତୁ ନାହିଁ । ଶିରାପ୍ରଶିରାରେ ତେଲ ମାଲିସ୍ ଯୋଗୁଁ ପ୍ରସାରିତ ହୁଏ ଓ ରକ୍ତ ସଂଚାଳନ ଉପଯୁକ୍ତ ପରିମାଣରେ ହୋଇଥାଏ । ମାଲିସ୍ ସମୟରେ ତ୍ୱାଚାରେ ଅଧିକ ତେଲ ଲାଗିଥିଲେ ଏକ ଓଦା ତଉଲିଆରେ ତେଲକୁ ପୋଛି ଦିଅନ୍ତୁ । ତ୍ୱଚା ଶୁଷ୍କ ଓ ରୁକ୍ଷା ଦେଖାଯାଉଥିଲେ ଭଲ କମ୍ପାନୀର ବଡ଼ି ଲୋଶନ କିଣି ଲଗାନ୍ତୁ ।



● **ନାସପାତି ଲଗାନ୍ତୁ:** ନାସପାତି ତ୍ୱଚାକୁ ବେଶ୍ କୋମଳ ରଖେ । ଏଥିରେ ଥିବା ଭିଟାମିନ, ପୋଷାକ ତତ୍ତ୍ୱ, ଆଣ୍ଟିଅକ୍ସିଡେଣ୍ଟ, ତ୍ୱଚାରେ ସୃଷ୍ଟି ହେଉଥିବା କୁଞ୍ଚନକୁ ପ୍ରତିରୋଧ କରେ ଓ ତ୍ୱଚାକୁ ସୁନ୍ଦର, କୋମଳ ଓ ନିରୋଗ ରଖେ ।

କ୍ଷ **ଲହୁଣି ଲଗାନ୍ତୁ:** ତ୍ୱଚାରେ କ୍ଷୀର, ସର ଓ ଲହୁଣୀ ମାଲିସ୍ କରନ୍ତୁ । ଆଖି ଓ ଆଖି ନିକଟବର୍ତ୍ତୀ ତ୍ୱଚାରେ ଏହାକୁ ଲଗାଇବେ ନାହିଁ । ମାଲିସର ୧୦/୧୫ ମିନିଟ ପରେ ଥଣ୍ଡା ପାଣିରେ ତ୍ୱଚାକୁ ଧୋଇ ଦିଅନ୍ତୁ । ଏହାପରେ ତ୍ୱଚା କୋମଳ ଓ ସୁନ୍ଦର ଦେଖାଯାଏ ।

● **ଅଣ୍ଡାର କେଶର:** ଅଣ୍ଡାର କେଶର ତ୍ୱଚାରେ ଚମକ ଆଣିବାରେ ବେଶ୍ ଭୂମିକା ଲିଭାଇଥାଏ । ଅଣ୍ଡାକୁ ଭାଙ୍ଗିବା ପରେ ଏହାର ଧଳାଅଂଶ ଲାଳରୁ କେଶରକୁ ବାହାର କରି ମୁହଁରେ ଲଗାନ୍ତୁ । ଏହାର ଅଧଘଣ୍ଟା ପରେ ତ୍ୱଚାକୁ ଧୋଇ ଦିଅନ୍ତୁ । ଦେଖିବେ ଆପଣଙ୍କ ତ୍ୱଚା ଉଜ୍ଜ୍ୱଳ ଦେଖାଯିବ । ଏହା ମଧ୍ୟ ତ୍ୱଚାକୁ ଥଣ୍ଡା ରଖେ ।

● **ମହୁ:** କମଳା ରସରେ ଏକ ଚାମଚ ମହୁ ମିଶାଇ ତ୍ୱଚାରେ ମାଲିସ କରନ୍ତୁ । ୨୦ ମିନିଟ ପରେ ଥଣ୍ଡା ପାଣିରେ ତ୍ୱଚାକୁ ଧୋଇ ଦିଅନ୍ତୁ । ଏଥିରେ ଥିବା ଭିଟାମିନ, ପୋଷାକତତ୍ତ୍ୱ ତ୍ୱଚାକୁ ଚିକ୍କଣ ଓ କୋମଳ ରଖେ ।

● **ବନ୍ଧାକୋବି ଓ ମୂଳା:** ବନ୍ଧାକୋବିକୁ କିଛି ପାଣିରେ ଗରମ କରନ୍ତୁ । ବନ୍ଧାକୋବି ଛାଣି ସେହି ଗରମ ପାଣିରେ କିଛି ଥଣ୍ଡାପାଣି ମିଶାଇ ମୁହଁକୁ ଧୁଅନ୍ତୁ । ଏହାପରେ ମୂଳାକୁ କାଟି ମୁହଁରେ ମାଲିସ୍ କରନ୍ତୁ । ୧୫/୨୦ ମିନିଟ ପରେ ମୁହଁକୁ ଧୋଇ ଦିଅନ୍ତୁ । ବନ୍ଧାକୋବିରୁ ଭିଟାମିନ ଓ ପୋଷାକ ତତ୍ତ୍ୱ ମିଳିଥାଏ ଓ ମୂଳାରୁ ଭିଟାମିନ 'ଏ' ମିଳିଥାଏ ।

● **ଶୁଷ୍କ ତ୍ୱଚା:** ଆପଣଙ୍କର ଯଦି ତ୍ୱଚା ଶୁଷ୍କ ହୋଇଥାଏ ତେବେ ଏକ ଚାମଚ ମହୁ ସହ ଗୋଲାପ ପାଣି, ଆଲମଣ୍ଡ ତେଲ, ଦୁଇ ଚାମଚ କ୍ଷୀର ପାଉଡ଼ର ଏବଂ ଅଣ୍ଡାର କେଶର ମିଶାଇ ଦିଅନ୍ତୁ । ଏହି ମିଶ୍ରଣକୁ ତ୍ୱଚାରେ ଲଗାଇ ୨୦/୩୦ ମିନିଟ ପରେ ଧୋଇ ଦିଅନ୍ତୁ । ଏହାପରେ ଆପଣଙ୍କ ତ୍ୱଚା ଶୁଷ୍କ ପରିବର୍ତ୍ତେ କୋମଳ ହୋଇଯିବ ।

# ଖାଦ୍ୟ ସମ୍ପର୍କିତ ସଚେତନତା

♦ କଦଳୀ ଦୈନିକ ଖାଇବା ଭଲ । ହେଲେ ଖାଲିପେଟରେ କଦଳୀ ଖାଇଲେ ପେଟରେ ମ୍ୟାଗ୍ନେସିୟମ, କ୍ୟାଲସିୟମର ପରିମାଣ ବୃଦ୍ଧି ପାଇ ଜ୍ୱଳନ ହୋଇଥାଏ ।

♦ ରାତିରେ ସେଓ ନ ଖାଇବା ଉଚିତ । ସେଓ ଖାଇବା ଦ୍ୱାରା ରାତିବେଳା ଏହା ହଜମ ପ୍ରକ୍ରିୟା ଉପରେ କୁପ୍ରଭାବ ପକାଉଥିବାର ଗବେଷକଙ୍କ ମତ ।

♦ ସକାଳେ ୧ଗିଲାସ ପାଣି ପିଇବା ପରେ ହିଁ ଗ୍ରୀନ ଟି ପିଇବା ଭଲ । ଖାଲିପେଟରେ ଏହା ପିଇଲେ ଶରୀରରେ ଏସିଡ ମାତ୍ରା ବୃଦ୍ଧିପାଏ ।

♦ ରାତିରେ କଫି ପିଇଲେ ନିଦ ଭଲଭାବରେ ହୁଏ ନାହିଁ । ଏହା ପିଇଲେ ଶରୀରରେ ଜଳର ମାତ୍ରା କମ ହୋଇଥାଏ ।

♦ ହରଡ଼ ଡାଲି, ବୁଟଡାଲି, ମୁଗ ଡାଲି ଇତ୍ୟାଦି ନାନାଦି ପ୍ରକାରର ଡାଲିକୁ ରାତିବେଳା ନ ଖାଇବା ଉଚିତ । ଏହା ଠିକ ଭାବରେ ହଜମ ହୁଏନାହିଁ ।

♦ ଖାଲିପେଟରେ ଖିର ପିଇବା ମଧ୍ୟ ସ୍ୱାସ୍ଥ୍ୟ ପାଇଁ ହାନିକାରକ । ଏଥିରେ ମହଜୁଦ ଥିବା ସ୍ୟାଚୁରେଟେଡ ଫୁଡ ପ୍ରୋଟିନ ଇତ୍ୟାଦି ମାଂସପେଶୀ ଦୁର୍ବଳ କରିଥାଏ ।

# ବିବାହ ବଜାର



ଖବରକାଗଜରେ ବିବାହ ବିଜ୍ଞାପନ ବା ମାଟ୍ରିମୋନିଆଲ ଘଟସୂତ୍ର ବ୍ୟବସାୟ ଆଦି କିଛି ନୂଆ କଥା ନୁହେଁ । ତେବେ ବିବାହ ବଜାର ! ଚାଇନା ଅନ୍ତର୍ଗତ ସାଂଘାଇର 'ପିଉପଲସ ସ୍କୋଆର୍'ରେ ରହିଛି ବିବାହ ବଜାର । ସପ୍ତାହରେ ଦିନଟିଏ ବଜାର ବସେ । ନିଜ ପାଇଁ ତଥା ନିଜର ସଂପର୍କୀୟ ଆଦିଙ୍କ ପାଇଁ ବର ବା। କନିଆ ଖୋଜୁଥିବା ଲୋକେ ସେସଠାରେ ହାତଲେଖା ବିଜ୍ଞାପନ ଟାଙ୍ଗୁଛନ୍ତି । ସେଥିରେ ଭାବି ବର ବା ବଧୂଙ୍କ ପୂର୍ଣ୍ଣ ବିବରଣୀ ଯଥା ଫଟୋ, ଠିକଣା, ଟେଲିଫୋନ ନମ୍ବର ଆଦି ଥାଏ । ସେସବୁ ପଢ଼ି ଯୋଗାଯୋଗ କରାଯାଏ । ମୁଖ୍ୟତଃ ବୟସ୍କ ଲୋକେ ସେଠାକୁ ଆସୁଥିବା ପ୍ରକାଶ । କିଏ ପୁଅ ପାଇଁ ବୋହୂ ତ କିଏ ଝିଅ ପାଇଁ ଜ୍ୱାଇଁ ଖୋଜିବା ଲାଗି । ଏହା ବୟସ୍କଙ୍କ ପାଇଁ ପାରମ୍ପରିକ ହୋଇଗଲାଣି । ତେବେ ଆଧୁନିକ ଯୁବବର୍ଗ ବିବାହ ବଜାରକୁ ପସନ୍ଦ କରୁନାହାନ୍ତି ।

# ଭୋକ ଲାଗୁଥିଲେ ଖାଆନ୍ତୁ

ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଭୋକ ନଲାଗି ମଧ୍ୟ କିଛି ନା କିଛି ଖାଇବାର ଅଭ୍ୟାସ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହୋଇପାରେ । ଶିକାଗୋର ଇଲିନୋଇଟସ ୟୁନିଭରସିଟିର ରିପୋର୍ଟ ଅନୁସାରେ, ଭୋକ ହେଉନଥିବା ବେଳେ ଖାଦ୍ୟ ଗ୍ରହଣ କରିବା ଠିକ ନୁହେଁ । ବୈଜ୍ଞାନିକଙ୍କ କହିବାନୁସାରେ, ଯେତେବେଳେ ଭୋକ ଲାଗିବ ସେତିକି ବେଳେ ଖାଦ୍ୟ ପାଖକୁ ଯିବା ଦରକାର । ଏଭଳି କଲେ ଶରୀରର ରକ୍ତ ଶର୍କରା ସ୍ତର ସାମାନ୍ୟ ରହିବ ଓ ସ୍ୱାସ୍ଥ୍ୟ ବି ଭଲ ରହିବ ।



# ଓ୍ୱିଣ୍ଟର ସିଜନ ପାଇଁ ଷ୍ଟାଇଲିସ ଶ୍ରଗ୍

ଋତୁ ପରିବର୍ତ୍ତନ ସହିତ ଆମ ପୋଷାକ ପିନ୍ଧିବା ଶୈଳୀ ମଧ୍ୟ ପରିବର୍ତ୍ତିତ ହୋଇଥାଏ । ଶୀତଦିନେ ଶୀତରୁ ରକ୍ଷା ପାଇବା ସହ ଫ୍ୟାସନେବୁଲ ଦିଶିବା ଭଳି ପୋଷାକ ଚୟନରେ କରିବା ସହଜ ହୋଇନଥାଏ । ନିଜକୁ ଫ୍ୟାସନ ଅପଡେଟ କରାଇବା ପାଇଁ ଅନେକ ଉପାୟ ଆପେଣଇଥାଉ । ତେବେ ଆଜିକାଲି ଫ୍ୟାସନ ଇଣ୍ଡଷ୍ଟ୍ରିରେ 'ଶ୍ରଗ'ର ଚାହିଦା ବଢ଼ିବାରେ ଲାଗିଛି । ଶ୍ରଗକୁ ଆପଣ ଜିନ୍ସ କିମ୍ବା ଲଙ୍ଗ ସ୍କର୍ଟ ସହ ପିନ୍ଧି ପାରିବେ । ଏହା ଆପଣଙ୍କୁ ଷ୍ଟାଇଲିଶ ଓ ଆକର୍ଷକ ଲୁକ ଦେବା ସହ ଶୀତ ଦାଉରୁ ମଧ୍ୟ ଆପଣଙ୍କୁ ରକ୍ଷା କରିଥାଏ । 'ଶ୍ରଗ'ର ରଙ୍ଗ ଆପଣଙ୍କ ଆଉଟଫିଟକୁ ନୂଆ ଲୁକ୍ ଦେବ । ତେବେ ଜାଣନ୍ତୁ ଏପରି କିଛି କ୍ଲାସିକ ଶ୍ରଗ ବିଷୟରେ ଯାହା ଆସୁଥିବା ଋତୁରେ ଆପଣଙ୍କ ପାଇଁ ପୂରା ପରଫେକ୍ଟ ।



***ଟିଲ ବ୍ଲୁ ଏଭରଗ୍ରୀନ ଶ୍ରଗ:*** ଯଦି ଆପଣ ଅଫିସ ପାଇଁ କ୍ଲାସିକ ଲୁକରେ ନଜର ଆସିବାକୁ ଚାହୁଛନ୍ତି ତେବେ ଟିଲ ବ୍ଲୁ ଏଭରଗ୍ରୀନ ଶ୍ରଗ କିଣନ୍ତୁ । ଏହା ଆପଣଙ୍କୁ ଡିସେଣ୍ଟ ଲୁକ ଦେବ । ଏହା ଯେ କେବଳ ଅଫିସ ପାଇଁ ପ୍ରଯୁଜ୍ୟ ତାହା ନୁହେଁ ଆପଣ ଜିନ୍ସ ଓ ଟି ସାର୍ଟ ସହ ପିନ୍ଧି ବାହାରକୁ ମଧ୍ୟ ଯାଇପାରିବେ ।

***ପିଙ୍କ ଫ୍ୟାସନେବଲ ଶ୍ରଗ:*** ଆଜିକାଲି ଲଙ୍ଗ ଶ୍ରଗ ଫ୍ୟାସନରେ ରହିଛି । ଆପଣ ଅନେକ ସେଲିବ୍ରିଟିଙ୍କୁ ମଧ୍ୟ ଏହି ଶ୍ରଗ ପିନ୍ଧୁଥିବାର ଦେଖିଥିବେ । ଏହି ପିଙ୍କ ଶ୍ରଗ ଲଙ୍ଗ ହୋଇଥିବାରୁ ଯେ ଆକର୍ଷଣୀୟ ଲାଗେ ତାହା ନୁହେଁ ବରଂ ଏହାର ବେଲ ସ୍ଲିଭସ ଓ ଫ୍ଲେୟର୍ଡ଼ ରଙ୍ଗ ଏହାକୁ ଅଧିକ ସୁନ୍ଦର କରିଥାଏ ।

***ବ୍ଲାକ ସ୍ମାର୍ଟ ଶ୍ରଗ୍:*** ବ୍ଲାକ ସ୍ମାର୍ଟ ଶ୍ରଗ ଆପଣଙ୍କ ଅଫିସ ଡ୍ରେସ ପାଇଁ ଖୁବ ଭଲ ରହିବ । ତେବେ ଏହାର ସିମ୍ପଲ ସ୍ମାର୍ଟ ଲୁକ ଯୋଗୁଁ ଆପଣ ଖୁବ ସୁନ୍ଦର ଦିଶିବେ । ଅନ୍ୟ ଯେକୌଣସି ଡ୍ରେସ ସହ କମ୍ବାଇନ କରି ଆପଣ ଏହି ଶ୍ରଗ ପିନ୍ଧି ପାରିବେ ।



***ସର୍ଟ ଲୁକ୍ ହ୍ୱାଇଟ ଏଣ୍ଡ ବ୍ଲୁ ଶ୍ରଗ୍:*** ଏହି ସର୍ଟ ଲୁକ ଶ୍ରଗ୍ ଦେଖିବାକୁ ଖୁବ ଷ୍ଟାଇଲିଶ୍ । ଯଦି ଆପଣ ଡାର୍କ ରଙ୍ଗର ଆଉଟଫିଟ ପିନ୍ଧୁଛନ୍ତି ଯେପରିକି ବ୍ଲାକ ରଙ୍ଗର ପ୍ୟାର୍ଟ ଓ ଟି ସାର୍ଟ ତେବେ ଏହା ଆପଣଙ୍କୁ ଖୁବ ମାନିବ ।

# ଧୂମପାନ ତ୍ୟାଗର ସରଳ ଉପାୟ

■ ଧୂମପାନ ନୀରବ ଘାତକ ପରିକାମ କରିଥାଏ । ସର୍ବେକ୍ଷଣରୁ ପ୍ରକାଶିତ ଯେ ପ୍ରତି ୨୦ଜଣରେ ୯ଜଣ ଲୋକ ଧୂମପାନ ଅଭ୍ୟାସ ଛାଡ଼ିବା ପାଇଁ କେବଳ ପ୍ରତିଶ୍ରୁତି କରିଥାନ୍ତି, ବାସ୍ତବରେ ଏହି ଅଭ୍ୟାସକୁ ସେମାନେ ତ୍ୟାଗ କରିପାରନ୍ତି ନାହିଁ । ତେବେ ଏଥିରୁ ନିବୃତ୍ତ ହେବା ପାଇଁ ଜନୈକ ବିଶେଷଜ୍ଞ ସରଳ ଉପଚାରମାନ ଏକ ସୋସିଆଲ ସାଇଟ ଜରିଆରେ ସାଧାରଣ ଲୋକଙ୍କୁ ଅବଗତ କରାଇଛନ୍ତି ।

■ ଧୂମପାନ କରିବାକୁ ଇଚ୍ଛା ହେଲେ ଲେମ୍ବୁ ପାଣିରେ ଚିମୁଟାଏ କଳାଲୁଣ ମିଶାଇ ପିଅନ୍ତୁ । ଏଥିରେ ମହଜୁଦ ଥିବା ସଲଫର ଧୂମପାନର ଇଚ୍ଛାକୁ ହ୍ରାସ କରେ । ନିୟମିତ ଭାବରେ ଏହି ଉପାୟ କରିବା ଲାଭପ୍ରଦ ।

■ ଅଁଳା ଖଣ୍ଡକୁ ଲୁଣ ମିଶାଇ କିଛିଦିନ ଖରାରେ ଶୁଖାଇ ରଖିବେ । ଧୂମପାନର ଇଚ୍ଛା ହେଲେ ଏହାକୁ ଚୋବାଇବା ଉଚିତ । ଏଥିରେ ଥିବା ଭିଟାମିନ ସି ଧୂମପାନ କରିବାର ଇଚ୍ଛାକୁ ନିୟନ୍ତ୍ରଣ କରୁଥିବାର ବିଶେଷଜ୍ଞଙ୍କ ମତ ।

■ ସିଗାରେଟ୍ ପିଇବାକୁ ଇଚ୍ଛା ହେଲେ ଡାଲଚିନି ଖଣ୍ଡେ ପାଟିରେ ପକାନ୍ତୁ । ପ୍ରତ୍ୟହ ଏହି ଅଭ୍ୟାସ କଲେ ଧୂମପାନରୁ ଶୀଘ୍ର ମୁକ୍ତି ମିଳେ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଉତ୍ତର ପୂର୍ବର ସମସ୍ୟା...

ବହୁ ଦିନର ବ୍ୟବଧାନ ପରେ ପୂର୍ବ-ଉତ୍ତର କ୍ଷେତ୍ର ହଠାତ୍ ଅଶାନ୍ତ ହୋଇ ଉଠିଛି । ଗତ ରବିବାର ଦିନ ଯବାନ୍‌ମାନଙ୍କ ଭୁଲ୍ ପାଇଁ ୧୪ଜଣ ନାଗା ନାଗରିକଙ୍କର ମୃତ୍ୟୁ ଘଟଣା କେବଳ ନାଗାଲାଣ୍ଡ ନୁହେଁ, ତମାମ୍ ପୂର୍ବ ଉତ୍ତର ରାଜ୍ୟଗୁଡ଼ିକରେ ତୀବ୍ର ଅଶାନ୍ତି ଓ ଉତ୍ତେଜନାର କାରଣ ହୋଇଛି । ନିରାପ ରକ୍ଷୀମାନେ ନାଗାଲାଣ୍ଡର ମୋନ୍ ଜିଲ୍ଲାରେ ତିନୋଟି ଲଗାତର ଘଟଣାରେ ଗୁଳି ଚଳାଇ ଚଉଦଜଣ ସାଧାରଣ ନାଗରିକଙ୍କୁ ମାରିଥିବାବେଳେ ଏହି ଘଟଣାରେ ଅନ୍ୟ ଏଗାର ଜଣ ଗୁରୁତର ଆହତ ହୋଇଛନ୍ତି । ଏହି ଦାରୁଣ ଅଘଟଣରେ ଉଭ୍ୟକ୍ତ ହୋଇ ଲୋକମାନେ ଜଣେ ଯବାନଙ୍କୁ ଜୀବନରେ ମାରି ଦେଇଛନ୍ତି । ପ୍ରଥମ କରି ଯବାନମାନେ ଗୁଳି ଚଳାଇ ଛ'ଜଣ ସାଧାରଣ ନାଗରିକଙ୍କୁ ମାରିଦେଇଥିବାବେଳେ ଖାଦାନରୁ ପିକ୍‌ଅପ୍ ଭ୍ୟାନ୍‌ରେ ଶନିବାର ସନ୍ଧ୍ୟାରେ ଗୀତ ଗାଇ ଗାଇ ଫେରୁଥିବା କୋଇଲା ଶ୍ରମିକମାନଙ୍କ ଉପରକୁ ବିଦ୍ରୋହୀ ବୋଲି ଭାବି ଗୁଳି ଚଳାଇଥିଲେ । ଯବାନମାନେ ବିଚାରିଥିଲେ କି, ସେମାନେ ଏନ୍‌ଏସିଏନ୍(କେ)ର ୟୁ ଅଙ୍ଗ୍ ଗୋଷ୍ଠୀର ଉଗ୍ରପନ୍ଥୀ । ଶ୍ରମିକମାନେ ଘରକୁ ବିଳମ୍ବିତ ସନ୍ଧ୍ୟାରେ ନ ଫେରିବା ଯୋଗୁଁ ସେମାନଙ୍କ ପରିବାର ଲୋକେ ପ୍ରତିକ୍ରିୟାଶୀଳ ହୋଇ ଯବାନମାନଙ୍କ ଉପରେ ଆକ୍ରମଣ କରିବା ସହିତ ସେମାନଙ୍କ ଗାଡ଼ିରେ ନିଆଁ ଲଗାଇ ଦେଇଥିଲେ । ଆର୍ମି ଗାଡ଼ିକୁ ଘେରାଉ କରି ଉଭ୍ୟକ୍ତ ଜନତା ଆକ୍ରମଣ କରିବାରୁ ଆତ୍ମରକ୍ଷା ଲାଗି ଯବାନମାନେ ପୁଣି ଗୁଳିଚାଳନା କରିବା ଫଳରେ ଆଉ ସାତଜଣ ନାଗରିକଙ୍କ ମୃତ୍ୟୁ ଘଟିଥିଲା । ଏହି ଅଭାବନୀୟ ଘଟଣା କେବଳ ପୂର୍ବ ଉତ୍ତର କ୍ଷେତ୍ର ନୁହେଁ, ଦେଶସାରା ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି । ମେଘାଳୟ ମୁଖ୍ୟମନ୍ତ୍ରୀ କନରାଡ୍ ସାଙ୍ଗମା ଓ ନାଗାଲାଣ୍ଡ ମୁଖ୍ୟମନ୍ତ୍ରୀ ନେଇଫିଉ ରିଓ ସମେତ ବିଭିନ୍ନ ନେତୃସ୍ଥାନୀୟ ବ୍ୟକ୍ତି ଏହି ଅଘଟଣ ପାଇଁ ବିଶେଷ କ୍ଷମତାପ୍ରାପ୍ତ ଯବାନମାନଙ୍କ ଏଭଳି ଅବିଚାରିତ କାର୍ଯ୍ୟର ତୀବ୍ର ନିନ୍ଦା କରିଛନ୍ତି । ସୁପ୍ରିମ୍ କୋର୍ଟ ନ୍ୟାୟାଧୀଶ କଟୁ ମନ୍ତବ୍ୟ ଦେଇ କହିଛନ୍ତିଯେ, ତୁମକୁ କ୍ଷମତା ମିଳିଛି ବୋଲି ମନଇଚ୍ଛା ତାହାର ଦୁରୁପଯୋଗ କରିବ । ଏହା କଦାପି ଗ୍ରହଣୀୟ ନୁହେଁ । ଏହି ମର୍ମାନ୍ତିକ ଘଟଣାର ପ୍ରତଧ୍ୱନି ଶୁଣିବାକୁ ମିଳିଛି ସଂସଦରେ । ଦଳମତ ବିଚାର ନିର୍ବିଶେଷରେ ସମସ୍ତେ କ୍ଷୋଭ ପ୍ରକାଶ କରି ଯବାନମାନଙ୍କ ଦୁରାଚରଣର ତୀବ୍ର ନିନ୍ଦା କରିଛନ୍ତି । ନାଗାଲ୍ୟାଣ୍ଡ ଓ ମେଘାଳୟ ସମେତ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟର ପ୍ରତିନିଧିମାନେ 'ଆପା'ର ପ୍ରତ୍ୟାହାର ସକାଶେ ଦୃଢ଼ ଦାବି ମଧ୍ୟ ଉଠାଇଛନ୍ତି । ବିତର୍କର ଉତ୍ତରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ସମଗ୍ର ଘଟଣାର ବିବରଣୀ ଦେବା ସହିତ ଏହା 'ଭୁଲ ବୁଝାମଣା' ପାଇଁ ହୋଇଗଲା ବୋଲି ଦର୍ଶାଇ ସରକାରଙ୍କ ପକ୍ଷରୁ ଦୁଃଖ ପ୍ରକାଶ କରିଛନ୍ତି । ସମଗ୍ର ଘଟଣାକ୍ରମର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ମାସକ ଭିତରେ ରିପୋର୍ଟ ମଗାଯାଇଛି ଏବଂ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଗୃହକୁ ଆଶ୍ୱାସନା ଦେଇଛନ୍ତି । କେଉଁ ପରିସ୍ଥିତିରେ ଉତ୍ତରପୂର୍ବ କ୍ଷେତ୍ର ସମେତ କେତେକ ରାଜ୍ୟରେ ସାମରିକ ବାହିନୀକୁ ବିଶେଷ କ୍ଷମତା ଦିଆଯାଇଛି, ତାହା ସମସ୍ତଙ୍କୁ ଜଣା । ଉଗ୍ରବାଦୀ କାର୍ଯ୍ୟକଳାପ ଦମନ ପାଇଁ ସାମରିକ ଓ ଅର୍ଦ୍ଧ ସାମରିକ ବାହିନୀକୁ ସ୍ୱତନ୍ତ୍ର ଆଇନବଳରେ କ୍ଷମତା ଦିଆଯାଇଛି । ମଣିପୁରରେ କିଭଳି 'ଆସା' ପ୍ରତ୍ୟାହାର ଦାବି କରି ନେତ୍ରୀ ଇରମ ଶର୍ମିଳା ଦୀର୍ଘ କାଳ ଅନଶନ କରିଥିବା କେହି ଭୁଲିଯାଇନାହାନ୍ତି । ତାଙ୍କ ଦାବିକୁ ଭୃକ୍ଷେପ କରିନଥିବା ପ୍ରଶାସନ ଏବେ ଅନ୍ତତଃ ଚେତିବା ଦରକାର ଯେ, ଆଇନ ବଳରେ ବଳିୟାନ ଆର୍ମିର ଅବିଚାରିତ କାର୍ଯ୍ୟ କିପ୍ରକାର ଭୟାବହ ପରିଣତିର କାରଣ ହୋଇପାରେ । ଏଭଳି ଘଟଣା ପରେ ତମାମ ଉତ୍ତରପୂର୍ବରେ ଆପାର ପ୍ରତ୍ୟାହାର ପାଇଁ ଉଠିଥିବା ମିଳିତ ଦୃଢ଼ସ୍ୱର ଓ ଦାବି ନେଇ କପକ୍ଷ କି' ସଙ୍କେତ ନେଉଛନ୍ତି, ତାହା ଦେଖାଯିବାର କଥା। ଏହା କେବଳ ନାଗାଲାଣ୍ଡ କିମ୍ବା ଉତର-ପୂର୍ବ କ୍ଷେତ୍ରର ସମସ୍ୟା ହୋଇରହିନାହିଁ, ସମଗ୍ର ଦେଶର ଆଇନ ଶୃଙ୍ଖଳା ବ୍ୟବସ୍ଥାର ଅଂଶବିଶେଷ ରୂପେ ଛିଡ଼ା ହୋଇଛି । କିଛି ଦିନତଳେ ଦେଶର ସବୁଠାରୁ ବଡ଼ ରାଜ୍ୟ ୟୁପିରେ କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀଙ୍କ ପୁତ୍ରଙ୍କ ଇଙ୍ଗିତରେ କେତେକ ଚାଷୀଙ୍କୁ ହତ୍ୟା କରାଯିବା ଏବଂ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ କରାଯାଇ ନଥିବା ସରକାରଙ୍କ ପାଇଁ ସମାଲୋଚନାର ପ୍ରସଙ୍ଗ ହୋଇଛି । ନାଗା ନାଗରିକଙ୍କୁ ଭୁଲବଶତଃ' ଗୁଳି କରି ମରାଯିବା ବ୍ୟବସ୍ଥାରେ ଥିବା ଦୁର୍ବଳତାକୁ ଇସାରା କରୁଥିବା ବେଳେ ଉଗ୍ରବାଦ ଦମନ ନାମରେ ଉପସ୍ଥିତ ଆଇନର ଯଦୃଚ୍ଛା ପ୍ରୟୋଗ କେତେବଡ଼ ଅପରାଧ ତାହା ମୌଳିକ ମାନବାଧିକାର ଉଘନକୁ ସୂଚାଉଛି। ସୁତରାଂ ଯେଉଁ ଆଇନ କାନୁନ୍ ଜନସାଧାରଣଙ୍କ ହିତରେ ଆସିବା ପରିବର୍ତ୍ତେ କ୍ଷତି ଉପୁଜାଉଛି, ତାହା ରହିବା କେତେଦୂର ଠିକ୍ ବୁଝାଯିବା ଦରକାର । ସରକାର ହୁଏତ ଏହିସବୁ ପ୍ରକରଣ ଦେଖିବା ପରେ ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ପୁନର୍ବିଚାର କରି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ ପାରନ୍ତି ବୋଲି ତବିଦ ମହଲର ମତ ।

## ଶତାୟୁ ଶିକ୍ଷକ ପଦ୍ମଶ୍ରୀ ନନ୍ଦକିଶୋର ପୃଷ୍ଟି



ଅମୂଲ୍ୟ କୁମାର ପଣ୍ଡା



ବୟସ ଶହେ ଟପିଲାଣି, କାନକୁ ବି ଆଉ ଭଲ ଭାବେ ଶୁଭୁନି। ତା' ଭିତରେ ବି ଛୋଟ ପିଲାଙ୍କୁ ପାଠ ପଢ଼େଇବାରେ ତାଙ୍କୁ ଆନନ୍ଦ ମିଳେ। ସେଥିପାଇଁ ତ, ଗତ ୭୦ ବର୍ଷ ହେଲା ମାଗଣାରେ ଗାଁ'ର କୁନି କୁନି ପିଲାମାନଙ୍କୁ ସେ ପାଠ ପଢ଼େଇ ଚାଲିଥିଲେ ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ କନ୍ତିରା ଗାଁ'ର ସଭିଙ୍କ ପ୍ରିୟ ମହାନ ବ୍ୟକ୍ତିତ୍ୱ ନନ୍ଦ ମାଷ୍ଟ୍ରେ । ତାଙ୍କ ପୂରା ନାମ ହେଉଛି ନନ୍ଦକିଶୋର ପୃଷ୍ଟି। ଶିକ୍ଷାଗତ ଯୋଗ୍ୟତା କହିଲେ ମାଇନର ସ୍କୁଲରୁ ସପ୍ତମ ପାସ୍। ତଥାପି କନ୍ତିରା ଗାଁ'ରେ ନନ୍ଦ ମାଷ୍ଟ୍ରେ କହିଲେ ତାଙ୍କୁ ସମସ୍ତେ ଜାଣନ୍ତି। ୧୯୪୬ରେ ଆରମ୍ଭ କରିଥିଲେ ଚାଟଶାଳୀ। ନନ୍ଦ ସାର୍ ସବୁବେଳେ କହୁଥିଲେ, ଚାଟଶାଳୀର ପିଲାମାନେ ଖୁବ ଭଲ । ସେମାନେ ମୋତେ ଭଲ ପାଆନ୍ତି ଓ ମୁଁ ସେମାନଙ୍କୁ ଭଲ ପାଏ । ମୁଁ ଚାହେଁ ପିଲାମାନେ ଭଲ ପଢନ୍ତୁ । ପିଲାମାନେ ମୋତେ ନିରାଶ କରନ୍ତି ନାହିଁ । ଶେଷ ନିଃଶ୍ୱାସ ଯାଏଁ ଶିକ୍ଷକତା କରିବି । ମୋ ଜୀବନରେ ଯୋଗର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ । ପାଠ ପଢ଼ାଇ ପିଲାଙ୍କ ମୁହଁରେ ହସ ଫୁଟିଲେ ମିଳୁଥିବା ଆନନ୍ଦ ପ୍ରକୃତ ପୁରସ୍କାର ବୋଲି କହନ୍ତି ପଦ୍ମଶ୍ରୀ ନନ୍ଦକିଶୋର ପୃଷ୍ଟି। ସେ ସଦା କହୁଥିଲେ ଚାଟଶାଳୀ ହିଁ ତାଙ୍କ ଘର, କର୍ମସ୍ଥଳୀ, ସ୍କୁଲ ଓ ସ୍ୱପ୍ନ । ସାତ ଦଶନ୍ଧିରୁ ଅଧିକ ସମୟ ଧରି ଚାଟଶାଳୀ ଖୋଲି ପିଲାଙ୍କୁ ପଢାଉଥିବା ଯାଜପୁର ଜିଲ୍ଲାର ୧୦୨ ବର୍ଷର ଏହି ଶିକ୍ଷକ ନନ୍ଦକିଶୋର ପୃଷ୍ଟିଙ୍କୁ ଏବର୍ଷ ମିଳିଥିଲା ପଦ୍ମଶ୍ରୀ ପୁରସ୍କାର । ଶତାୟୁ ଶିକ୍ଷକ ନନ୍ଦ ସାର ଚଳିତ ବର୍ଷ ଗତ ନଭେମ୍ବର ୯ ତାରିଖରେ ରାଷ୍ଟ୍ରପତି ଭବନ ଯାଇ ରାଷ୍ଟ୍ରପତିଙ୍କଠାରୁ ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କରିଥିଲେ ଆଉ ଏହି ଅବସରରେ ସେ ରାଷ୍ଟ୍ରପତିଙ୍କ ମୁଣ୍ଡ ଉପରେ ହାତ ରଖି ଆଶୀର୍ବାଦ କରିବା ଦୃଶ୍ୟ ସବୁଆଡ଼େ ଚର୍ଚ୍ଚାର ବିଷୟ ପାଲଟିଥିଲା।

ନନ୍ଦ ମାଷ୍ଟ୍ରେଙ୍କ ଜନ୍ମ ଗୋଟିଏ କୃଷକ ପରିବାରରେ ହୋଇଥିଲା। ତାଙ୍କ ନନ୍ଦ କିଶୋରଙ୍କ ପିତାଙ୍କ ନାମ ଥିଲା ନାଭ ପୃଷ୍ଟି ଓ ମାତାଙ୍କ ନାମ ଚନ୍ଦ୍ରମଣି ପୃଷ୍ଟି । ପିଲାଦିନେ ସେ ସେଠାକାର ହାତିବାରୀ ମାଇନର ସ୍କୁଲରୁ ସପ୍ତମ ଶ୍ରେଣୀ ପାସ୍ ମଧ କରିଥିଲେ। ହେଲେ ଆର୍ଥିକ ଅଭାବରୁ ଆଉ ଅଧିକ ପଢ଼ିପାରିନଥିଲେ। ଏହାପରେ ସେ ଗାଁରେ ରହି ତାଙ୍କ ବାପାଙ୍କ ସହ ଚାଷବାସ କାମ ବୁଝାସୁଝା କରୁଥିଲେ। ଏହି ସମୟରେ ଗାଁ'ର ଅନ୍ୟ ପିଲାମାନେ କିନ୍ତୁ ପାଠ ନପଢ଼ି ବାହାରେ ବୁଲୁଥିଲେ। ଏହାକୁ ଦେଖି ନନ୍ଦକିଶୋର ସେମାନଙ୍କୁ ଏକାଠି କରି ଚାଟଶାଳୀଟିଏ ଆରମ୍ଭ କରିଥିଲେ। ସେଠାରେ ସେ ପିଲାମାନଙ୍କୁ ଏକାଠି କରି ପ୍ରଥମେ ସେମାନଙ୍କୁ ଅକ୍ଷର ଶିଖାଇଥିଲେ ଏବଂ ପରେ ସେମାନଙ୍କୁ ଦସ୍ତଖତ କରିବା ମଧ ଶିଖାଇଥିଲେ। ଏହିଠୁ ହିଁ ଆରମ୍ଭ ହୋଇଥିଲା ନନ୍ଦ ମାଷ୍ଟ୍ରେଙ୍କ ପାଠପଢ଼ାର କାହାଣୀ। ତିନୋଟି ପିଢ଼ିକୁ ପଢ଼େଇଲେଣି ପାଠ। ନନ୍ଦ ସାରଙ୍କ ଚାଟଶାଳୀ ଏପରି ଏକ ସ୍ଥାନ, ଯେଉଁଠି ଦିନେ ଜେଜେ ଅକ୍ଷର ଚିହ୍ନିଥିଲେ ଆଉ ସେଠାରେ ନାତି ବି ପଢ଼ିଥିଲେ । କନ୍ତିରା ଗାଁ'ର ଲୋକଙ୍କ କହିବାନୁଯାୟୀ, ନନ୍ଦ ମାଷ୍ଟ୍ରେ ବହୁ ଦିନ ହେଲା ପାଠ ପଢ଼େଇ ଆସୁଛନ୍ତି। ଗାଁ'ର ଅନେକ ଲୋକ ତାଙ୍କଠୁ ପାଠ ପଢ଼ି ଆଜି ହାକିମ ମଧ ହେଇଛନ୍ତି। ହେଲେ ଏଥିପାଇଁ କେବେ ବି ସେ କୌଣସି ପଇସା ନେଇନାହାନ୍ତି। ଏଥିସହ ଅନ୍ୟ କିଛି ଲୋକ ମଧ କୁହନ୍ତି ଯେ, ତାଙ୍କ ବାପା, ଜେଜେ ବାପା ଅମଳର ଲୋକେ ନନ୍ଦ ମାଷ୍ଟ୍ରେଙ୍କ ପାଖରେ ପଢ଼ିଛନ୍ତି। ସେମାନେ ବି ପିଲାଦିନେ ତାଙ୍କଠାରୁ ଅକ୍ଷର ଶିଖିଛନ୍ତି। ଗାଁ'ର ତିନି ପିଢ଼ିକୁ ମାଷ୍ଟ୍ରେ ପାଠ ପଢ଼ାଇଥିବା ଗାଁ ଲୋକେ କହିଥାନ୍ତି। ଏବେ ସ୍କୁଲ ଚାଲୁଥିଲେ ମଧ ଗାଁର ଅନେକ ପିଲା ନନ୍ଦ ମାଷ୍ଟ୍ରେଙ୍କ ପାଖକୁ ଅକ୍ଷର ଶିଖିବାକୁ ଆସିଥାନ୍ତି।

ନନ୍ଦ ମାଷ୍ଟ୍ରେ ପିଲାମାନଙ୍କୁ ଦୁଇ ବେଳା ପାଠ ପଢ଼ାଇଥାନ୍ତି। ପ୍ରଥମେ ସକାଳ ବେଳା ୬ଟାରୁ ୯ଟା ଆଉ ତା ପରେ ସନ୍ଧ୍ୟାବେଳେ ୫ଟାରୁ ୬ଟା ୩୦ପର୍ଯ୍ୟନ୍ତ ପାଠପଢ଼ା ହୁଏ। ସକାଳ ବେଳା ଛୋଟ ଛୋଟ ପିଲାମାନେ ଅକ୍ଷର ଶିଖୁଥିବାବେଳେ ଅପରାହ୍ନରେ ବଡ଼ ପିଲାମାନେ ତାଙ୍କଠୁ ଗଣିତ ଶିଖାଉଥିଲେ । ପୂର୍ବରୁ ନନ୍ଦ ମାଷ୍ଟ୍ରେ ଗୋଟିଏ ବରଗଛ ପାଖରେ ବସି ପିଲାମାନଙ୍କୁ ପାଠ ପଢ଼ାଉଥିଲେ। ପରେ ସେହି ସ୍ଥାନରେ ଗୋଟିଏ ହନୁମାନ ମନ୍ଦିର ହେବାରୁ, ତା'ରି ପ୍ରାଙ୍ଗଣରେ ବସି ନନ୍ଦ ମାଷ୍ଟ୍ରେ ପିଲାମାନଙ୍କୁ ପାଠ ପଢ଼ାଉଥିଲେ । ଏ ସମ୍ପର୍କରେ ନନ୍ଦକିଶୋରଙ୍କୁ ପଚାରିଲେ ସେ କହୁଥିଲେ - "ମୋତେ ପିଲା ବହୁତ ପସନ୍ଦ। ତାଙ୍କୁ ପଢେଇବାରେ ମୋତେ ଖୁସିମିଳେ। ଜୀବନ ଥିବା ପର୍ଯ୍ୟନ୍ତ ମୁଁ ସେମାନଙ୍କୁ ପଢ଼େଇବି। ଗାଁ'ର କୌଣସି ବି ପିଲା ଅପାଠୁଆ ରହୁ ତା ମୁଁ ଚାହେଁନା। ସେଥିପାଇଁ ତ ଏତେଦିନ ହେଲା ସେମାନଙ୍କୁ ପଢ଼େଇଚାଲିଛି।"

ଯାଜପୁରର ଚାଟଶାଳୀ ଶିକ୍ଷକ ଭାବେ ପରିଚିତ ପଦ୍ମଶ୍ରୀ ନନ୍ଦ କିଶୋର ପୃଷ୍ଟି ବା ନନ୍ଦ ସାରଙ୍କ ଜୀବନୀ ଉପରେ ନିର୍ମାଣ ହୋଇଛି ଫିଲ୍ମ। ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ କନ୍ତିରା ଗ୍ରାମରେ ରହୁଥିବା ଏହି ୧୦୪ ବର୍ଷୀୟ ନନ୍ଦ କିଶୋର ପୃଷ୍ଟି ଚାଟଶାଳୀ ଜରିଆରେ ଦୀର୍ଘ ୮୦ ବର୍ଷ ଧରି ମାଗଣାରେ ଶିକ୍ଷାଦାନ କରିଆସୁଥିଲେ । କିଛିଦିନ ପୂର୍ବେ ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ରାଜ୍ୟ ସରକାର ପଦ୍ମଶ୍ରୀ ପାଇଁ ତାଙ୍କ ନାମ ସୁପାରିଶ କରିଥିଲେ । ପରେ ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିବାକୁ ଘୋଷଣା କରିଥିଲେ । ତେବେ ନନ୍ଦ ସାରଙ୍କ ଜୀବନିକୁ ନେଇ ଅଭିସ୍ମିତା ଫିଲ୍ମସ୍ ପକ୍ଷରୁ "ନନ୍ଦ ମାଷ୍ଟ୍ରଙ୍କ ଚାଟଶାଳୀ" ନାମରେ ଏକ ଫିଲ୍ମ ନିର୍ମାଣ କରାଯାଇଛି । ଦେବପ୍ରଭା ପଡକ୍ସନ ଓ ଷ୍ଟୁଡ଼ିଓୱାଲା ପ୍ରଡକ୍ସନ ବ୍ୟାନରରେ ଏହି ଫିଲ୍ମ ନିର୍ମାଣ କରାଯାଇଥିବା ବେଳେ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅନ୍ତର୍ଜାତୀୟ ନିର୍ଦ୍ଦେଶକ ପ୍ରଣବ ଆଇଚ, ପ୍ରଯୋଜକ ଭାବେ ବରିଷ୍ଠ ସାମ୍ବାଦିକ ଅଭୟ ପତି ଏବଂ ଅଭିନେତ୍ରୀ ନୈନା ଦାଶ ରହିଛନ୍ତି । ଏହାର କାହାଣୀ ଅସ୍ମିତା ପତି ଲେଖିଥିବା ବେଳେ ନନ୍ଦ ସାରଙ୍କ ଗାଁ ସମେତ ଓଡ଼ିଶାର ବିଭିନ୍ନ ସ୍ଥାନରେ ଏହାର ସୁଟିଂ କରାଯାଇଛି। ଜଣେ ଶତାୟୁ ଶିକ୍ଷକ ହେଉଛନ୍ତି ନନ୍ଦ ସାର୍ । ଗାଁର ପିଲାମାନେ କିଭଳି ମଣିଷ ହେବେ ସେ ନେଇ ତାଙ୍କର ଅବଦାନ ବେଶ୍ ମହନୀୟ । ଏନେଇ ସାର୍ ସବୁବେଳେ ବିନା ଦେୟରେ ଶିକ୍ଷାଦାନ କରୁଥିଲେ । ୧୯୪୬ ମସିହାରୁ ପିଲାମାନଙ୍କୁ ପାଠ ପଢାଇବା ଆରମ୍ଭ କରିଥିଲେ । ଶତାୟୁ ହୋଇ ବି ପିଲାମାନଙ୍କୁ ଶିକ୍ଷାଦାନରେ କିଛି ଊଣା କରୁନଥିଲେ । ଜୀବନ କାଳରେ ସେ ତିନି ହଜାରରୁ ଅଧିକ ପିଲାଙ୍କୁ ମଣିଷ କରିପାରିଛନ୍ତି ନନ୍ଦ ସାର୍ । ଏହି ମହାନ ବ୍ୟକ୍ତି ଚଳିତ ଡିସେମ୍ବର ମାସ ୭ ତାରିଖରେ ଇହଧାମ ତ୍ୟାଗ କରିଛନ୍ତି। ଏହି ଶତାୟୁ ଶିକ୍ଷକଙ୍କ ବିୟୋଗ, ସମଗ୍ର ଦେଶ ପାଇଁ ଏକ ଅପୂରଣୀୟ କ୍ଷତି । ତାଙ୍କୁ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳି ଯାଇଛି । ମୁଖ୍ୟମନ୍ତ୍ରୀ ଠୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ଶୋକ ବ୍ୟକ୍ତ କରିଛନ୍ତି। ନନ୍ଦ ସାର୍ ଆମ ଗହଣରେ ଆଜି ନାହାଁନ୍ତି ସତ କିନ୍ତୁ ତାଙ୍କ ପ୍ରଚେଷ୍ଟା ଇତିହାସରେ ଲିପିବଦ୍ଧ ହୋଇ ରହିବ ସବୁଦିନ ପାଇଁ।

♥ ଅରଙ୍ଗାବାଦ, ବରୀ, ଯାଜପୁର
(ମୋ) ୯୯୩୮୯୦୬୦୭୦

## ଆର୍ଯ୍ୟ ସମାଜ ଓ ସ୍ୱାମୀ ଦୟାନନ୍ଦ



ଡାଃ ସୁରେନ୍ଦ୍ର ନାଥ ଦାଶ

ଉନବିଂଶ ଶତାବ୍ଦୀର ମଧ୍ୟ ଭାଗ ଆଡକୁ ଭାରତରେ ପାଶ୍ଚତ୍ୟ ଶିକ୍ଷା ଓ ସଂସ୍କୃତିର ଆଦର ବଢିଗଲା । ଶିକ୍ଷିତ ଇଂରେଜୀ ପଢୁଆ ଯୁବକ ମାନେ ପୁରୁଣା ରୁଢିବାଦୀ ସମାଜର କଠୋର ନୀତି ନିୟମରୁ ମୁକ୍ତି ପାଇବା ପାଇଁ ଖ୍ରିଷ୍ଟିଆନ ଧର୍ମ ଆଡକୁ ସ୍ୱଭାବତଃ ଆକୃଷ୍ଟ ହେଲେ, କାରଣ ପୁରାତନ ସମାଜ ତାଙ୍କ ନୂତନ ଜୀବନ ଶୈଳିକୁ ଗ୍ରହଣ କଲାନାହିଁ । ସେମାନେ ବିଧର୍ମୀ, ଧର୍ମଛଡା ବୋଲି ନିନ୍ଦିତ ହୋଇ ଜାତିଚ୍ୟୁତ ହେଲେ । ଅନେକ ଚିନ୍ତାଶୀଳ ଶିକ୍ଷିତ ହିନ୍ଦୁ ଅନୁଭବ କଲେ, ସମୟ ସହିତ ହିନ୍ଦୁ ଧର୍ମରେ ପରିବର୍ତ୍ତନ ନହେଲେ ଏହା କାଳକ୍ରମେ ଇହୁଦୀ ଓ ଜୋରାଷ୍ଟ୍ରିୟ ଧର୍ମ ଭଳି ବିଲୁପ୍ତ ହୋଇଯିବ । ସେଥିପାଇଁ ଉନବିଂଶ ଶତାବ୍ଦୀର ମଧ୍ୟ ଭାଗରୁ ଅନେକ ସ୍ଥାନରେ ସଂସ୍କାର ଆନ୍ଦୋଳନ ଆରମ୍ଭ ହେଲା । ହିନ୍ଦୁ ଧର୍ମରୁ ଯୁଗ ଯୁଗ ଧରି ଜମାଟ ବାନ୍ଧିଥିବା କୁସଂସ୍କାରକୁ ହଟାଇ ଏକ ଯୁଗୋପଯୋଗୀ ନୂତନ ରୂପ ଦେବା ପାଇଁ ଚେଷ୍ଟା କରାଗଲା । ବଙ୍ଗଳାରେ ବ୍ରାହ୍ମ ସମାଜ ଦ୍ୱାରା ରାଜା ରାମମୋହନ ରାୟ, ଈଶ୍ୱର ଚନ୍ଦ୍ର ବିଦ୍ୟା ସାଗର, କେଶବ ଚନ୍ଦ୍ର ସେନ, ଦ୍ୱାରୀକା ନାଥ ଠାକୁର, ମହାରାଷ୍ଟ୍ରରେ ମହାଦେବ ରାଣାଡେଙ୍କ ପାର୍ଥନା ସମାଜ, ପଞ୍ଜାବରେ ଆର୍ଯ୍ୟ ସମାଜ ଏହି ସଂସ୍କାର ଆନ୍ଦୋଳନର ସୂତ୍ରଧର ଥିଲେ। ସେଥି ମଧ୍ୟରୁ ଆର୍ଯ୍ୟ ସମାଜ ସାରା ଭାରତରେ ବେଦ, ସନାତନ ଧର୍ମ ର ପୁନଃ ପ୍ରତିଷ୍ଠା, ପିତୁଳା ପୁଜା, ବ୍ରାହ୍ମଣ ପୁରୋହିତଙ୍କ ନାନା ଜଟିଳ ପଦ୍ଧତି ରୁ ସମାଜକୁ ମୁକ୍ତ କରିବାକୁ ସଫଳ ପ୍ରୟାସ କରିଥିଲେ । ଧର୍ମ ଛାଡିଥିବା ଅନେକ ହିନ୍ଦୁଙ୍କୁ ସ୍ୱଧର୍ମ କୁ ଫେରାଇ ଆଣିବା ପାଇଁ ସେମାନେ ଶୁଦ୍ଧି ଆନ୍ଦାଳନ (Re-conversion Movement) କରିବା ଯୋଗୁ ସେମାନେ ଅନ୍ୟ ଧର୍ମର କଟର ପନ୍ଥୀଙ୍କ ବିଷ ଦୃଷ୍ଟିରେ ପଡି ଅନେକ ଜୀବନ ମଧ୍ୟ ହରାଇଥିଲେ ଯାହାର ମୂଳ ବିବରଣୀ ଲୋକଙ୍କୁ ଅଜଣା ରହିଗଲା ।

ଆର୍ଯ୍ୟ ସମାଜ ୧୮୭୫ ମସିହା ଏପ୍ରିଲ ୧୦ ତାରିଖରେ ଆଚାର୍ଯ୍ୟ ଦୟାନନ୍ଦ ସରସ୍ୱତୀ ନାମକ ଜଣେ ହିନ୍ଦୁ ସନ୍ୟାସୀଙ୍କ ଦ୍ୱାରା ବମ୍ବେଠାରେ ପ୍ରତିଷ୍ଠା ହୋଇଥିଲା । ଅନେକ ଏହାର ସ୍ଥାପନା ୧୮୭୭ ମସିହା ଲାହୋରଠାରେ ହୋଇଥିଲା ବୋଲି ଦାବି କରନ୍ତି । ପରବର୍ତ୍ତୀ କାଳରେ ଲାହୋର ଏହି ସଂସ୍କାର ଆନ୍ଦୋଳନର ମୁଖ୍ୟ କେନ୍ଦ୍ର ହୋଇଥିଲା । ହିନ୍ଦୁ ଧର୍ମରେ ବେଦର ମହାତ୍ମ୍ୟ ସନାତନ ଧର୍ମର ପୂର୍ଣ୍ଣ ପ୍ରତିଷ୍ଠା, ସଂସ୍କୃତ ଭାଷାର ପ୍ରଚଳନ ଏହାର ଲକ୍ଷ୍ୟଥିଲା । ଏମାନେ ଜାତି ପ୍ରଥା ମାନନ୍ତି ନାହିଁ । ଧର୍ମର ପ୍ରତିଷ୍ଠା ପାଇଁ ଆଚାର୍ଯ୍ୟ ଗୁରୁକୁଳ ଆଶ୍ରମର ଆରମ୍ଭ କରିଥିଲେ । ୧୮୭୦ ମସିହାରେ ଫାରୁକ ବାଦ ଓ ପରେ ବନାରସ, ମିର୍ଜାପୁର, ଆଲିଗଡ, କାସଗଞ୍ଜଠାରେ ଗୁରୁକୁଳ ମାନ ପ୍ରତିଷ୍ଠା ହୋଇଥିଲା । ଏହି ବିଦ୍ୟାଳୟରେ ପିଲା ମାନଙ୍କୁ ବେଦ, ଉପନିଷଦ, ନିରୁକ୍ତ, ମହାଭାଷ୍ୟ, ବେଦାନ୍ତ ଶିକ୍ଷା ଦିଆ ଯାଉଥିଲା । ନିଶୁଳ୍କ ଖାଦ୍ୟ ଓ ରହିବା ବ୍ୟବସ୍ଥା ଥିଲା । କଠୋର ଶୃଂଖଳା ମଧ୍ୟରେ ସେମାନେ ନିଜସ୍ୱ ସଂସ୍କୃତିରେ ବିଦ୍ୟା ଲାଭ କରୁଥିଲେ ।

ନିଜର ମତ ପ୍ରଚାର ପାଇଁ ଆଚାର୍ଯ୍ୟ ସାରା ଭାରତ ଭ୍ରମଣ କରି, ହିନ୍ଦିରେ ଦେଇଥିବା, ଦି ଲାଇଟ ଅଫ ଟ୍ରୁଥ ବକ୍ତୃତା ମାଳା ପରବର୍ତ୍ତୀ କାଳରେ, ସତ୍ୟମ ପ୍ରକାଶମ ପୁସ୍ତକ ଆକାରରେ ପ୍ରକାଶ ପାଇଛି ।୧୮୮୩ ମସିହାରେ ଆଚାର୍ଯ୍ୟଙ୍କର ଆଜମିର ଠାରେ ଜଣେ ମୁସଲମାନ ଆତତାୟୀ ହାତରେ ମୃତ୍ୟୁ ଘଟିଲା । ତାଙ୍କ ପରେ ପଣ୍ଡିତ ଲେଖାରାମ, ଆଚାର୍ଯ୍ୟ ଶ୍ରଦ୍ଧାନନ୍ଦ ଏହାର ମୁଖ୍ୟ ହେଲେ । ଉଭୟ ମଧ୍ୟ ମୁସଲମାନଙ୍କ ହାତରେ ନିହତ ହେଲେ । ଲାଲା ଲାଜପତ ରାୟ, ସ୍ୱାମି ବିବେକାନନ୍ଦ, ଭଗତ ସିଂ ଏହାର ସମର୍ଥକ ଥିଲେ । ରାମକୃଷ୍ଣ ମିଶନ ତାଙ୍କ ପଦ୍ଧତିକୁ ଗ୍ରହଣ କରି, ବେଦାନ୍ତର ପ୍ରଚାର ପ୍ରସାର କରି ଆସିଛି ।

୧୮୯୩ ମସିହାରେ ପଞ୍ଜାବରେ ଆର୍ଯ୍ୟ ସମାଜୀ ମାନେ ନିରାମିଷାଶୀ (ମହାତ୍ମା ପନ୍ଥୀ) ଓ ଆମିଷାଶୀ (କଲଚର ଦଳ) ଦୁଇ ଭାଗରେ ବିଭକ୍ତ ହେଲେ । ପଞ୍ଜାବରେ ଆର୍ଯ୍ୟସମାଜ ଅହମଦିଆ ମୁସଲମାନ ଓ ଶିଖ ମାନଙ୍କ ବିରୋଧର ସମ୍ମୁଖିନ ହୋଇଥିଲା । ଶିଖ ମାନେ ଆଗରୁ ନିଜକୁ ହିନ୍ଦୁ ବୋଲି ପରିଚୟ ଦେଉଥିଲେ । ଆର୍ଯ୍ୟସମାଜ ଆସିଲା ପରେ ହିନ୍ଦି ଓ ସଂସ୍କୃତର ପ୍ରସାର ହୋଇ, ଅନେକ ପଞ୍ଜାବୀ ହିନ୍ଦୁ, ହିନ୍ଦୀକୁ ନିଜର ମାତୃଭାଷା ବୋଲି ଦାବି କଲେ । ନିଜର ଗୁରୁମୁଖୀ ଭାଷାର ରକ୍ଷା ପାଇଁ ଶିଖ ମାନେ ଆନ୍ଦୋଳନ ଆରମ୍ଭ କଲେ । ସେମାନେ ହିନ୍ଦୁ ନୁହଁନ୍ତି ଦାବି କରି ପଞ୍ଜାବୀ ସୁବାଗଠନ ଡାକରା ଦେଲେ । ଅକାଳି ଦଳ ଗଠନ ହୋଇ ଏକ ସ୍ୱତନ୍ତ୍ର ଧର୍ମ ଓ ଜାତି ବୋଲି ଶିଖ ମାନେ ରାଜ୍ୟ ଦାବି କଲେ । ପଞ୍ଜାବରୁ ହରିଆନା ପୃଥକ ହେଲା । ଗୁରୁଦ୍ୱାର ପ୍ରବନ୍ଧକ ସମିତିକୁ ଗୁରୁଦ୍ୱାରର ପରିଚାଳନା ଗଲା । ହିନ୍ଦୁ ମହନ୍ତ ମାନେ ତଡା ଖାଇଲେ । ଗୁରୁଦ୍ୱାରରେ ଥିବା ହିନ୍ଦୁ ଦେବାଦେବୀଙ୍କ ମୂର୍ତ୍ତିମାନଙ୍କୁ କଢାଗଲା ।

ସିନ୍ଧୁ ପ୍ରଦେଶରେରେ ଏହି ଆନ୍ଦୋଳନ ବେଶ ସୁଦୃଢ ଥିଲା । ନାରାୟଣ ଦେବ ନାମକ ଜଣେ ଏହାର ପୁରୋଧା ଥିଲେ । ତାଙ୍କୁ ଦୟାନନ୍ଦଙ୍କ ସିପାହୀ କୁହାଯାଏ । ସେ ଅନେକ ମୁସଲମାନଙ୍କୁ ହିନ୍ଦୁ ଧର୍ମକୁ ଫେରାଇ ଆଣିବାରେ ସଫଳ ହୋଇଥିଲେ । ୧୯୪୮ ମସିହାରେ ଏକ ରାସ୍ତା ଆକ୍ରମଣରେ ସେ ନିହତ ହେଲେ ।

ଗୁଜୁରାଟରେ ମହାରାଜା ସାୟାଜୀ ରାଓ ଗାଇକୱାଡଙ୍କ ସାହାଯ୍ୟରେ ଏହାର ପ୍ରସାର ଘଟିଥିଲା । ମାଲବାରରେ ମେପଲା ହିନ୍ଦୁ ନିଧନ,ବେଳେ ଆର୍ଯ୍ୟସମାଜ କର୍ମୀମାନେ ସେଠାରେ ହିନ୍ଦୁମାନଙ୍କୁ ସାହାଯ୍ୟ କରିଥିଲେ । ହାଇଦ୍ରାବାଦ ନିଜାମଙ୍କ ହିନ୍ଦୁ ବିଦ୍ୱେଷି ନୀତିକୁ ସେମାନେ ହିନ୍ଦୁମହାସଭା ସହ ମିଶି ବିରୋଧ କରିଥିଲେ ।

ସେମାନେ ଏକ ନିରାକାର, ନିର୍ଗୁଣ, ସର୍ବବ୍ୟାପ୍ତି ଈଶ୍ୱରରେ ବିଶ୍ୱାସ କରନ୍ତି । ବେଦ ହିଁ ଜ୍ଞାନର ଶ୍ରେଷ୍ଠ ଗ୍ରନ୍ଥ (Infallibility of Veda), ଏକମାତ୍ର ପଥ ପ୍ରଦର୍ଶକ। ଏହାକୁ ସମସ୍ତେ ପଢିବା ଉଚିତ । ସେମାନେ ଅବତାର ବାଦ, ମାନବ ଭଗବାନ, ଅନ୍ୟ ପୁରାଣ, ରାମାୟଣ, ମହାଭାରତ, ବାଇବେଲ, କୋରାନକୁ ବିଶ୍ୱାସ କରନ୍ତି ନାହିଁ । ଯଜୁର୍ବେଦରେ ଉଲ୍ଲେଖ "ଅମ"କୁ ନିଜର ପ୍ରତୀକ ରୂପେ ଗ୍ରହଣ କରିଥାଆନ୍ତି। ଗାୟତ୍ରୀ ମନ୍ତ୍ର ଅତି ପବିତ୍ର କହି ତାହା ସଂଧ୍ୟା ସମୟରେ ଗାନ କରନ୍ତି । ଘୃତ ଯଜ୍ଞ କରନ୍ତି । ପୁରୋହିତ ଦ୍ୱାରା କିମ୍ବା ସ୍ୱୟଂଏହା କରି ପାରନ୍ତି । ବିବାହ, ଶ୍ରାଦ୍ଧ ଆଦିର ଜଟିଳତାରୁ ମୁକ୍ତି ପାଇଁ ଆର୍ଯ୍ୟ ସମାଜ ମନ୍ଦିର ମାନଙ୍କରେ ସରଳ ଉପାୟରେ କର୍ମ କରାଇ ଥାଆନ୍ତି। ନାମ ମାତ୍ର ଦକ୍ଷିଣା ଦିଆଯାଏ। ବିଧବା ବିବାହ, ନାରୀ ସ୍ୱାଧିନତା ସମର୍ଥନ କରନ୍ତି । ମୂର୍ତ୍ତି ପୁଜା ମାନନ୍ତି ନାହିଁ । ଭାରତ ବାହାରେ ଭାରତୀୟ ରହୁଥିବା ଅନେକ ଦେଶ, ଫିଜି, ଦକ୍ଷିଣ ଆଫ୍ରିକା, କେନିଆ, ଉଗାଣ୍ଡା, ସୁରିନାମ, ଗାଏନା, ମରିସସ, ଶ୍ରୀଲଙ୍କା ଠାରେ ଏହାର ଶାଖା ମାନ ପ୍ରତିଷ୍ଠା ହୋଇଛି । ଭାରତରେ ୮୦ ଲକ୍ଷ ସମାଜୀ ରହିଛନ୍ତି। ଦୀପାବଳୀ ଓ ହୋଲି ପର୍ବକୁ ସେମାନେ ପାଳନ କରନ୍ତି । ଆଚାଯ୍ୟଙ୍କ ସ୍ମୃତିରେ ସାରା ଦେଶରେ ଦୟାନନ୍ଦ ଆଙ୍ଗ୍ଲୋ ବେଦିକ ସ୍କୁଲ (ଡିଏଭି)ମାନ ପ୍ରତି ରାଜ୍ୟ ରେସ୍ଥାପିତ ହୋଇଛି ।

ଆଚାର୍ଯ୍ୟଙ୍କ ରହସ୍ୟମୟ ମୃତ୍ୟୁ: ଦୟାନନ୍ଦ ଅନେକ ବାର ମୁସଲମାନ ଉଗ୍ରପନ୍ଥୀଙ୍କ ଦ୍ୱାରା ହତ୍ୟା ପ୍ରଚେଷ୍ଟାର ସମ୍ମୁଖିନ ହୋଇଥିଲେ । ତାଙ୍କ ଖାଦ୍ୟରେ ଏକାଧିକ ଥର ବିଷ ମିଶା ଯାଇଥିଲା । ମାତ୍ର ହଟ ଯୋଗ ଦ୍ୱାରା ସେ ରକ୍ଷା ପାଇଥିଲେ । ଥରେ କିଛି ଆକ୍ରମଣକାରୀ ତାଙ୍କୁ ପାଣିରେ ବୁଡାଇବାକୁ ଚେଷ୍ଟା କଲେ ମଧ୍ୟ, ସେ ସେମାନଙ୍କୁ ପାଣିରେ ବୁଡାଇଦେଲେ । ଅବଶ୍ୟ ପରେ ଛାଡି ଦେଲେ । ଆଉ ଥରେ ଆକ୍ରମଣ କାରୀଙ୍କୁ ଦେଖି ପ୍ରଣାୟମ ଦ୍ୱାରା ଗଙ୍ଗା ଜଳରେ ବହୁ ସମୟ ବୁଡି ସେମାନଙ୍କୁ ଫାଙ୍କି ଦେଇଥିଲେ । ଶେଷରେ କାଳ ମୁହୂର୍ତ୍ତ ଉପଗତ ହେଲା । ଯୋଧପୁର ମହାରାଜା ଯଶୱନ୍ତ ସିଂ-୨ ତାଙ୍କୁ ନିଜ ପ୍ରାସାଦକୁ ନିମନ୍ତ୍ରଣ କରି ଶିଷ୍ୟ ହେବାର ଇଚ୍ଛା ପ୍ରକାଶ କଲେ ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## କବିତା କୋଣାର୍କ



### ବୈଚାରିକ ଦ୍ୱନ୍ଦ୍ୱ

ଅନସୂୟା ପଣ୍ଡା

ଭାଡି ଉପରେ ଥାକ ଥାକ ଯୋଜନା
ଠିକ୍ ଛଣଗଦା ପରି, ତା ଉପରେ,
ତା ଉପରେ
ଛାତଫାଟି ପାଣି ଗଳୁଚି,
ସବୁ ଫିମ୍ପି ମାରିବାର ଡରରେ
ଭାଡି ତଳେ ମୂଷାମାନେ ଅହ ରହ
ଖୋଳ କରିବାରେ ବ୍ୟସ୍ତ
କିଛି ଅପହୃତ କରିନେବାର ନିଶାରେ ।
କେତେବେଳୁ ଗୋଧୂଳି ସନ୍ଧ
କରିସାରିଲାଣି ଅନ୍ଧାର ସାଙ୍ଗରେ
ନୂଆ ସକାଳଟେ ଆଣିବାର
ପ୍ରତିଶ୍ରୁତି ସତ୍ୟପାଠରେ
ସେ ପୁଣି ଅରୁଣ କଷାୟ ବସ୍ତ୍ରରେ
ଲୋଭ ମୋହ କାମନା ଶୂନ୍ୟ
ସନ୍ଥଟିଏ କରି
ଅନ୍ୟାୟ, ଅତ୍ୟାଚାର ଓ ଦୁର୍ନୀତି ମୁକ୍ତ
ସମାଜ ତିଆରିବା ପାଇଁ ।
ହେଲେ ଏ କ'ଣ! ଅଦିନ କୁହୁଡି
ଶୁଣି ଗୋଟେ ନୂଆ ଆରକ୍ଷଣର
ସୂଚନା ଗଣମାଧ୍ୟମରେ



ପ୍ରଶ୍ନବାଚୀ ଅନେକଙ୍କ ମୃତ ଭବିଷ୍ୟତ
କିଛି ଆଶା ଭରସାମାନଙ୍କର
ଦେହତ୍ୟାଗର ଆଗୁଆ ସୂଚନା
ଅନେକ ମେଧାକୁ ହତ୍ୟା କରିବାର
ଅବିମୃଶ୍ୟକାରିତାରେ ।
ଟିକେ ଖୋଲା ପବନ ଆସୁଥିବା ଝରକା
ପୁଣି ସିଲ୍ ହେଲା
ଅଣନିଶ୍ୱାସୀ ଭିତରେ,
ଅମ୍ଳଜାନ ଅଭାବରେ
ଅନେକ ବିଳପୁଥିଲେ ଚିତ୍କାରରେ
ଗୁମୁରୁଥିଲା ନୀରବତା ଆରକ୍ଷଣର
ପରିପାଟୀରେ ।
କେତେ ସ୍ୱପ୍ନ ଅପସରି ଯାଉଥିଲେ
ଯୋଗ୍ୟତା ଆଉ
ଆରକ୍ଷଣର ଦୋଛକିରେ
କାହାରି କିନ୍ତୁ ଅନୁଶୋଚନା
କି ଅନୁତାପ ନଥିଲା
ଅଭ୍ୟସ୍ତ ସମସ୍ତେ, ବିଚକ୍ଷଣ ଉଡିବାରେ
ଦିଗ ବଦଳେଇ ରାଜନୀତିର ବିସ୍ତୃତ
ଆକାଶରେ।

♥ କ୍ୟୁଆର/୫ଆର/୧, ଇଞ୍ଜିନିୟରିଂ କଲେଜ, ବୁର୍ଲା, ସମ୍ବଲପୁର, ୭୬୮୦୧୮
(ମୋ)୯୪୩୯୨୧୧୯୭୧

### ସଂସାର ବନ୍ଧନ

ଅମ୍ବିକା ସ୍ୱାଇଁ



ଧନୀ ଓ ଗରିବ ସମସ୍ତେ ମଣିଷ
ପ୍ରଭୁଙ୍କ ସନ୍ତାନ ସଭିଏଁ
ଧନୀ ବୋଲି ତୁମେ କରନାହିଁ ଗର୍ବ
ଅନ୍ୟକୁ ଦେଖନି ହୀନମନ୍ୟେ ।

ଧରାକୁ ଆସିଛେ ଖାଲି ଦେହେ ଆମେ
ଯିବା ମଧ ସେହି ରୂପେ
ଧନ ରତ୍ନ ଟଙ୍କା କିଛି ନେବା ନାହିଁ
ତୁଚ୍ଛ କରି ଚାଲି ଯିବେ ନୃପେ ।

ହୀରା, ସୁନା, ରୂପା ଦାମୀ ଅଳଙ୍କାର
ଚେହେରା କରେ ସୁନ୍ଦର
ମଣିଷ ଭିତରେ ସୁନ୍ଦର ହୃଦୟ
ସବୁଠି ପାଏ ଆଦର ।

ଯେତେ ପିନ୍ଧିଲେ ବି ଦାମୀ ଅଳଙ୍କାର
ମନ ନଥିବ ନିର୍ମଳ
ହୋଇ ପାରିବାନି ଆଦରର ପାତ୍ର
ରହିବନି ତା'ର ମୂଲ୍ୟ ।

ପରସ୍ପର ରଖ ସ୍ନେହର ବନ୍ଧନ
ଧନୀ ଗରିବ ନ ଭାବି ମନେ
ଚାଲି ଗଲା ପରେ ତୁମକୁ ଝୁରିବେ
ଆହାଃ ଭଲ ମଣିଷଟି ଥିଲା ଜଣେ ।।

♥ ଭୁବନେଶ୍ୱର
(ମୋ)୯୭୭୭୫୯୯୬୯୫



### ପ୍ରତୀକ୍ଷା

ଡକ୍ଟର ମନୋରଞ୍ଜନ ବିଷୋୟୀ



ବେଳେବେଳେ
ମୁହଁ ବୁଲାଇଦିଏ ସମୟ
ପ୍ରତୀକ୍ଷାକୁ ଆଉଟିକେ
ଲମ୍ବା କରିଦେଇ
ଲହୁ ଲୁହରେ ଗଢ଼ା
ନିଜ କଥା ନିଜକୁ ଶୁଣାଇ
ମୋ ନୀରବ ବ୍ୟକ୍ତିତ୍ୱର
ଅଥର୍ବ ହାତଟି
ମାପି ପାରୁନାହିଁ
ପ୍ରତୀକ୍ଷାର ସମୟକୁ
କିନ୍ତୁ ପ୍ରତୀକ୍ଷାର ବାଟ ସାରା
ଖାଲି କଳ୍ପନାର ଫୁଲ
ସତ ହେଉକି ମିଛ ହେଉ
ହେଲେ ସବୁଠୁ ସୁନ୍ଦର।

♥ ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର
ମୋ:୮୮୯୫୧୪୧୭୨୭



### ବୟସ

ଦିନେଶ ମେହେର



ଶତାବ୍ଦୀ ପରେ ଶତାବ୍ଦୀର ଅନ୍ତ
ନୂତନ ଦିନର ଆଗମନ
ପୁରୁଣା ଦିନର ଅଲିଭା ସ୍ମୃତି
ମନେ ପକେଇ ଦିଏ
କେତେ ଯେ ମିଠା କଥା
ପୁଣି ମନରେ ଖେଳିଯାଏ
ଅକୁହା କାହାଣୀ ମାନ
ବୟସର ତାଳେ ତାଳେ
ଜୀବାତ୍ମାର ହୁଏ ଅନ୍ତ ଧୀରେ ଧୀରେ
ନେଇ ଯାଉଅଛି ମୁହୁର୍ତ୍ତ ପରେ ମୁହୁର୍ତ୍ତକୁ
ବିତି ଯାଉଥାଏ ଉଜାଗରେ
କେତେ ଯେ ନିସ୍ତବ୍ଧ ରାତ୍ରି
ବୟସର ଛକିଶୁନ ଖେଳ ମଧ୍ୟେ
ପୁରୁଣା ଦିନର ଅଭୁଲା ସତେଜ ଆଘାତ
ଛୁଆ ଦିନର ମଧୁର ଦୁର୍ଘଟଣା
ମନେ ଯେବେ ଆସେ
ଅଶ୍ରୁସିକ୍ତ କରେ ଚକ୍ଷୁ ଯୋଡିକୁ
ଇଚ୍ଛା ହୁଏ ସମୟର ଚାବିକୁ
ପଛ କୁ ପଛକୁ ମୋଡ଼ି ଦେବାକୁ
ପୁଣି ଇଚ୍ଛା ହୁଏ ଛୁଆ ଟିଏ ହୋଇ
ସମସ୍ତଙ୍କ ଗେହ୍ଲା ହୋଇ ହସିବାକୁ କିନ୍ତୁ
ନୂତନ ସମୟର ସଙ୍ଗେ ତାଳ ଦେଇ
ନୂତନ ଶତାବ୍ଦୀ କୁ ଆଲିଙ୍ଗନ କରି
ବୟସ ସହ ବଢ଼ି ଚାଲିଛି ଆଗକୁ
ପୁରୁଣା ଦିନ ଠୁ ଚାଲି ଯାଇଛି
ଦୂରକୁ ଓ ଅନେକ ଦୂରକୁ।

♥ ପଳାସ କଳାହାଣ୍ଡି



## ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ

ଡ. ସିନ୍ଧୁ ସେନ



**ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...**

ଭାଗ-୩୯

ବାରବର୍ଷ । କିଛି କମ୍ ସମୟ ନୁହେଁ । ସାରା ପରିବାର ଠାରୁ ଅର୍ଜୁନ ଦୂରେଇ ଯିବେ । କେମିତି ସହିବେ ଅନ୍ୟମାନେ । କିନ୍ତୁ ପରେ ଜାଣିଲୁ, ସେହି ଦଣ୍ଡ ହିଁ ଅର୍ଜୁନଙ୍କ ଜୀବନର ଗତିପଥକୁ ସଂପୂର୍ଣ୍ଣ ବଦଳାଇ ଦେଇଥିଲା । ଅଭିଶାପ ନୁହେଁ ବରଂ ପାଲଟି ଯାଇଥିଲା ଆଶୀର୍ବାଦ । ନହେଲେ ଅର୍ଜୁନ କ'ଣ ସେହି ସମୟ ମଧ୍ୟରେ ଅସଂଖ୍ୟ ଦିବ୍ୟାସ୍ତ୍ରର ଅଧିକାରୀ ହୋଇ ପାରିଥାନ୍ତେ । ମହାଦେବଙ୍କୁ ଆରାଧନା କରି ପାଶୁପତ ଅସ୍ତ୍ର ଲାଭ କରିବା କ'ଣ କମ୍ କଥା । ଇନ୍ଦ୍ରଦେବଙ୍କ ଠାରୁ ପାଇଥିଲେ ସକଳ ଦିବ୍ୟାସ୍ତ୍ର ପ୍ରୟୋଗର ଜ୍ଞାନ କୌଶଳ । ଏହାକୁ ଦୁର୍ଭାଗ୍ୟ ନକହି ବରଂ ସୌଭାଗ୍ୟ ବୋଲି କହିବା କିଛି ଭୁଲ୍ ହେବନି ।

ଅର୍ଜୁନ ତେବେ କ'ଣ ସମଗ୍ର ଆର୍ଯ୍ୟାବର୍ତ୍ତରେ ଶ୍ରେଷ୍ଠତମ ବୀର ହୋଇ ରହିଯିବେ ? ତଥାପି, ମଣିଷ ମନର ଆଶା, ସ୍ୱପ୍ନ, ଆକାଂକ୍ଷା ସହଜରେ ମରିଯାଏନା, ମୋ ମନରେ ଠିକ୍ ସେହିଭଳି ବାରମ୍ବାର ଜାଗିଉଠୁଛି ବାସନା । ଥରୁଟିଏ ହେଲେ ମଧ୍ୟ ଅର୍ଜୁନ ସହ ସମ୍ମୁଖ ସମରରେ ଯୁଦ୍ଧ କରିବାର ସୁଯୋଗ ମୋତେ ମିଳୁ । ଅର୍ଜୁନଙ୍କ ସହ ଯୁଦ୍ଧ କରୁକରୁ ମୋର ବୀରଗତି ହୋଇଗଲେ ମଧ୍ୟ ଜଗତ ଜାଣିବ କର୍ଣ୍ଣ ଭୀରୁ ନୁହେଁ, କାପୁରୁଷ ନୁହେଁ । ସେ ଲଢ଼ି ଜାଣିଛି । ବୀରର ମହତ୍ୱ ବୁଝିଛି । କର୍ଣ୍ଣ ବଞ୍ଚି ରହିଲେ ବୀରପରି ବଞ୍ଚି ରହିବ, ଆଉ ମଲେ ମଧ୍ୟ ବୀର ପରି ମରିବ । ସାରା ଜଗତକୁ ସେ ଦେଖାଇଦେବ କର୍ଣ୍ଣ କିଏ ? କର୍ଣ୍ଣ କ'ଣ ? ସେ କେବଳ ବାକ୍ୟବୀର ନୁହେଁ, କର୍ମବୀର ମଧ୍ୟ । ମନେମନେ ପ୍ରଭୁଙ୍କୁ ସ୍ମରଣ କରି କହୁଥିଲି, ଜୀବନରେ ଥରେହେଲେ ମଧ୍ୟ ସେଇ ସୁଯୋଗ ଦିଅ । କର୍ଣ୍ଣ ମୃତ୍ୟୁକୁ ଭୟ କରେନାହିଁ । ସେ ବୀରପରି ଲଢ଼ି ମୃତ୍ୟୁବରଣ କରିବାକୁ ଚାହେଁ ।

ମୁଁ ମୋ ନିଜସ୍ୱ ଚିନ୍ତାରେ ମଗ୍ନଥିବାବେଳେ ସେପଟୁ ମିତ୍ର ମୋ କାନ୍ଧକୁ ଦୋହଲାଇ ଦେଇ କହନ୍ତି, ଜାଣ ମିତ୍ର, ବନବାସ ଜୀବନ ଅର୍ଜୁନଙ୍କୁ ଯେଉଁଳି ସଫଳତା ମିଳିଛି ସେମିତି କିଛି ବିପର୍ଯ୍ୟୟ ମଧ୍ୟ ।

କ'ଣ ସେ ବିପର୍ଯ୍ୟୟ ? ତାହା ଜାଣିବାକୁ ମୋ ମନ ଚଞ୍ଚଳ ହୋଇଉଠେ । ଉଦ୍‌ବିଗ୍ନତାର ସହ ପଚାରେ କୁହ ମିତ୍ର, ବିପର୍ଯ୍ୟୟଟା କ'ଣ ? ଶୁଣିବ ମିତ୍ର, ଶୁଣିବ, ଉର୍ବଶୀଙ୍କ ଅଭିଶାପ କ'ଣ ବିପର୍ଯ୍ୟୟ ନୁହେଁ । ଉର୍ବଶୀଙ୍କ ପ୍ରଣୟ ପ୍ରାର୍ଥନାକୁ ଅସ୍ୱୀକାର କରନ୍ତି ଅର୍ଜୁନ ।

ଉର୍ବଶୀ, ଦେବଙ୍ଗନା । ଯାହା ହେଲେ ମଧ୍ୟ ସେ ତ ନାରୀ, ପ୍ରତ୍ୟେକ ନାରୀପାଖରେ ଯାହା ଥାଏ ସେହି ନାରୀସୁଲଭ ଗୁଣ ଉର୍ବଶୀଠାରେ ନିଶ୍ଚିତ ରହିଛି । ବିଶେଷକରି ନାରୀ ଯେବେ କାମନା ନିଆଁରେ ଜଳିପୋଡ଼ି ଛଟପଟ ହେଉଥାଏ ତାର ଇଚ୍ଛା, ଆବେଗ, ଆକାଂକ୍ଷା, ଅପୂରଣୀୟ ହୋଇ ରହିଲେ ସେ ତ କ୍ରୋଧାଗ୍ନିରେ ଜଳିପୋଡ଼ି ଅଭିଶାପ ହିଁ ଦେଇଥାଏ । ତାହାହିଁ ଘଟିଛି ଅର୍ଜୁନଙ୍କ ଠାରେ । ବରଂ କଠୋର ସେ ଅଭିଶାପ, ଇନ୍ଦ୍ରଙ୍କ ଅନୁକମ୍ପାରୁ ତାହାକୁ ସାମାନ୍ୟ କୋହଳ କରାଯାଇ କେବଳ ବର୍ଷକ ପାଇଁ ବଳବତ୍ତର ରହେ ସେଇ ଅଭିଶାପ ।

ବନବାସର ସୁଦୀର୍ଘ ବର୍ଷ ମଧ୍ୟରେ ଅର୍ଜୁନ କେବଳ ଯେ ଅନେକ ଦିବ୍ୟାସ୍ତ୍ରର ଅଧିକାରୀ ହୋଇଛନ୍ତି ତାହା ନୁହେଁ । ଅନେକ ଗୁଣବତୀ, ରୂପବତୀ, ସୌଭାଗ୍ୟବତୀ ନାରୀମାନଙ୍କୁ ପତ୍ନୀ ରୂପେ ପାଇବାର ସୁଯୋଗ ପାଇଛନ୍ତି । ସେମାନଙ୍କ ମଧ୍ୟରୁ କୃଷ୍ଣ ଭଗିନୀ ସୁଭଦ୍ରା ଅନ୍ୟତମ ।

ମୋତେ ଏବେ କିଛି ବୁଝିବାକୁ ବାକି ନଥିଲା । ସୁଭଦ୍ରା ବିବାହ କୃଷ୍ଣ ଅର୍ଜୁନଙ୍କୁ ନିବିଡ଼ରୁ ନିବିଡ଼ତର କରାଇବାରେ ସହାୟକ ହୋଇଛି । ପ୍ରଥମତଃ କୃଷ୍ଣ ତାଙ୍କର ପିଉସୀପୁଅ ଭାଇ ତାପରେ ପୁଣି ସଖା । ଏବେ ପୁଣି ସୁଭଦ୍ରାଙ୍କ ଭ୍ରାତା ହିସାବରେ ପରମ ଆତ୍ମୀୟ । କୃଷ୍ଣଙ୍କ ଭଳି ଅଲୌକିକ ପୁରୁଷୋତ୍ତମ ପୁରୁଷଙ୍କ ବାହୁଛାୟା ତଳେ ରହିବା ପାଣ୍ଡବମାନଙ୍କ ପାଇଁ ପରମ ସୌଭାଗ୍ୟ । ଏ ଦୃଷ୍ଟିରୁ ଇନ୍ଦ୍ରପ୍ରସ୍ଥର ପ୍ରଗତି ଆଉ ପାଣ୍ଡବମାନଙ୍କର ଶ୍ରୀବୃଦ୍ଧି ହେବା ତ ନିଶ୍ଚିତ । ତେବେ ଦୁର୍ଯ୍ୟୋଧନଙ୍କ ମନରେ ଏଭଳି ପାଣ୍ଡବ ବିଦ୍ୱେଷ କ'ଣ ପାଇଁ ? ଏ ପ୍ରଶ୍ନ ମୋ ମନରେ ବାରମ୍ବାର ଉଙ୍କିମାରିଛି । ସତରେ କ'ଣ ମିତ୍ରଙ୍କ ମନରୁ ଈର୍ଷାର ଅନ୍ଧକାର କେବେ ଦୂର ହେବନି ? ସବୁଦିନେ ସେ କ'ଣ ଏମିତି ଘନ ତିମିର ମଧ୍ୟରେ ସନ୍ତୁଳି ହେଉଥିବେ । ମିତ୍ରଙ୍କ ପାଇଁ ମୋ ମନରେ ଅନେକ ଆଶଙ୍କା, ଚିନ୍ତା ।

ଦୁର୍ଯ୍ୟୋଧନଙ୍କୁ ଆକ୍ଷେପ କରି ମୁଁ ସିନା ତାଙ୍କ ବିଷୟରେ କେତେ କ'ଣ ଭାବି ଯାଉଛି । ହେଲେ, ମୁଁ ନିଜେ ଜଣେ ମାନସିକ ବିକାରଗ୍ରସ୍ତ ରୋଗୀ ପାଲଟିଯାଇଛି । ମୋ ମନରେ ମଧ୍ୟ ଜଳୁଛି ପ୍ରତିଶୋଧର ନିଆଁ । ଦ୍ରୌପଦୀଙ୍କ ସ୍ୱୟମ୍ବର ସଭାଠାରୁ ଆରମ୍ଭ କରି ଅସ୍ତ୍ର ପ୍ରତିଯୋଗିତାରେ ସୂତପୁତ୍ର ଅପମାନ, ଲାଞ୍ଛନା, ଅପବାଦ ମୋତେ ତିଳତିଳ କରି ବୃଶ୍ଚିକସମ ବାରମ୍ବାର ଦଂଶନ କରୁଛି । ତଥାପି ନିରୁପାୟ ମୁଁ । ଦୁର୍ଯ୍ୟୋଧନ ଯେଉଁଠି ହସ୍ତିନାପୁରର ଯୁବରାଜ, ମୁଁ ସେଠି ମିତ୍ରଙ୍କ ଦୟାରୁ ଅଂଗରାଜ । ମୋର ରାଜ୍ୟ, ସମ୍ପଦ, ପ୍ରତିପତ୍ତି ସବୁ ତ ମିତ୍ରଙ୍କ ଦାନରୁ । ସମସ୍ତଙ୍କ ପାଖରେ ମହାଦାନୀ । ମହାବୀର କର୍ଣ୍ଣ ନାମରେ ମୋର ପରିଚୟ । କିନ୍ତୁ ମୋ ହୃଦ୍‌ଗ୍ରନ୍ଥି ତଳେ ଜୀବନ ସଂଗୀତର କରୁଣ ମୂର୍ଚ୍ଛନା କେହି କେବେ ଶୁଣିପାରି ନାହାଁନ୍ତି । କେହି କେବେ ବୁଝିପାରି ନାହାଁନ୍ତି । ଏସବୁ ଭାବିଲେ ମୋତେ ଲାଗେ, ସେଦିନର କର୍ଣ୍ଣର ମୃତ୍ୟୁ ହୋଇଯାଇଛି । ଯେଉଁ କର୍ଣ୍ଣ ବଞ୍ଚିରହିଛି, ସେ କେବଳ ଛଳନା ରୂପରେ ବଞ୍ଚି ରହିଛି । କୃଷ୍ଣାଙ୍କ ପାଇଁ ବିଦ୍ରୋହ ଜାଗେ ମନରେ । ଇଚ୍ଛାହୁଏ ପ୍ରତିଶୋଧ ନେବାକୁ । ହେଲେ ତାଙ୍କ ଉପରେ ପ୍ରତିଶୋଧ ନେବା ଏତେ ସହଜ ନୁହେଁ । ସେ ଯେ ପଞ୍ଚପାଣ୍ଡବଙ୍କ ପତ୍ନୀ ପୁଣି କୃଷ୍ଣ ସଖୀ । ଏସବୁ ଭାବିଲେ ନୈରାଶ୍ୟ ଜାଗେ ମନରେ । ଯାହା ଭାଗ୍ୟରେ ଜଳିବା ହିଁ ଲେଖାହୋଇଛି । ତାକୁ ଜଳିବାକୁ ହିଁ ପଡ଼ିବ । ଦୁର୍ଭାଗା କର୍ଣ୍ଣର ଭାଗ୍ୟରେ କେବଳ ଜଳିବା ହିଁ ଲେଖାହୋଇଛି କାହାକୁ ଜଳାଇବା ପାଇଁ ନୁହେଁ ।

ମୋ ଚିନ୍ତାରେ ବ୍ୟାଘାତ ଘଟାଇ ଦୂତ ଆସି ଖବର ଦେଲା ଇନ୍ଦ୍ରପ୍ରସ୍ଥରୁ ଦୂତ ଆସିଛନ୍ତି । ମୋ ସହ ଦେଖା କରିବାକୁ ଚାହାଁନ୍ତି ।

ମହାରାଜ ଯୁଧିଷ୍ଠିର ଦୂତ ପଠାଇଛନ୍ତି, ମୋ ପାଖକୁ ନିମନ୍ତ୍ରଣ ପତ୍ର ଧରି ।

ନିମନ୍ତ୍ରଣ ପତ୍ର ପୁଣି ମୋ ପାଖକୁ ।

ଘଟଣା କ'ଣ ଜାଣିବାକୁ ଆଗ୍ରହ ବଢ଼ିଲା । ଶୀଘ୍ର ଯାଇ ତାଙ୍କ ସହ ସାକ୍ଷାତ କଲି ।

ଇନ୍ଦ୍ରପ୍ରସ୍ଥରେ ରାଜସୂୟ ଯଜ୍ଞ । ସ୍ୱୟଂ ମହାରାଜ ଯୁଧିଷ୍ଠିର ଯଜ୍ଞକର୍ତ୍ତା । ଆର୍ଯ୍ୟାବର୍ତ୍ତର ସମସ୍ତ ରାଜା, ମହାରାଜାଙ୍କ ନିକଟକୁ ନିମନ୍ତ୍ରଣ ପଠାଯାଇଛି । ହସ୍ତିନାପୁର ରାଜପରିବାର ମଧ୍ୟ ନିମନ୍ତ୍ରିତ ହୋଇଛନ୍ତି ।

ନିମନ୍ତ୍ରଣ ପତ୍ର ପାଠକରି ସବୁ ଜାଣିଲି । ଖାଣ୍ଡବପ୍ରସ୍ଥରୁ ଇନ୍ଦ୍ରପ୍ରସ୍ଥ । ଅପନ୍ତରା ଟାଙ୍ଗର ଅନୁର୍ବର ଭୂଇଁରୁ ଆଜିର ସ୍ୱର୍ଣ୍ଣପ୍ରସୂ ସୌନ୍ଦର୍ଯ୍ୟଶାଳୀ ନଗରୀ । ପାଣ୍ଡବମାନଙ୍କର ସଫଳତାର ମହାଯଜ୍ଞ । ଯେଉଁଠି ଦିନେ ଥିଲା ପ୍ରଜାଶୂନ୍ୟ, ସେଠି ଆଜି ଲୋକାରଣ୍ୟ । ଆର୍ଯ୍ୟାବର୍ତ୍ତର ସବୁ ରାଜା, ମହାରାଜ, ଋଷି, ସନ୍ନ୍ୟାସୀ ସମସ୍ତେ ଯିବେ । ଇନ୍ଦ୍ରପ୍ରସ୍ଥର ସମ୍ରାଟ ଯୁଧିଷ୍ଠିରଙ୍କ ଲୋକପ୍ରିୟତା ପ୍ରଜାବତ୍ସଳତାର ଇଏ ତ ନିଦର୍ଶନ । ସମସ୍ତଙ୍କ ମୁହଁରେ ଯୁଧିଷ୍ଠିରଙ୍କ ଭୂରିଭୂରି ପ୍ରଶଂସା, ଜୟଜୟକାର । ମୋ ମନରେ କିନ୍ତୁ ଦ୍ୱନ୍ଦ୍ୱ ଜାଗୁଥାଏ । ଯିବିକି ନଯିବି କିଛି ସଠିକ୍ ନିଷ୍ପତ୍ତି ନେଇ ପାରୁ ନଥିଲି । ସେଠି କୃଷ୍ଣା ଥିବେ । ଥିବେ ମଧ୍ୟ ଭୀମ ଆଉ ଅର୍ଜୁନ । ଯେଉଁମାନଙ୍କୁ ଦେଖିଲେ ମୋ ଧମନୀରେ ରକ୍ତ ତାତି ଉଠେ ।

ମୁଁ କ'ଣ କରିବି । ନିମନ୍ତ୍ରଣ ରକ୍ଷା କରିବା ଧର୍ମ । ଆଉ ତାକୁ ଅସମ୍ମାନ ଜଣାଇବା ଅର୍ଥ ସ୍ୱୟଂ ଯୁଧିଷ୍ଠିରଙ୍କୁ ଅସମ୍ମାନ କରିବା । ତାଛଡ଼ା ସେଠିକୁ ଗଲେ ମୋ ଭିତରେ ଚାପି ହୋଇ ରହିଥିବା କ୍ରୋଧ, ଅପମାନ, ଅଭିମାନର ଲାଭା ଯଦି ଉଦ୍‌ଗୀରଣ ହୋଇଯାଏ, ବିସ୍ଫୋରଣ ସୃଷ୍ଟିକରେ । ତେଣୁ ନିଜେ କିଛି ନିଷ୍ପତ୍ତି ନେଇନପାରି ମିତ୍ରଙ୍କ ସହ ପରାମର୍ଶ କରିବାକୁ ବାହାରିଲି । ଏମିତି ତ ପ୍ରତିଟି କଥାରେ ଆମ ଭିତରେ ପରାମର୍ଶ ହୁଏ । ଆମେ ମୁଖ୍ୟତଃ ମୁଁ, ମିତ୍ର ଦୁର୍ଯ୍ୟୋଧନ, ଶକୁନିମାମୁଁ ଆଉ ଅନୁଜ ଦୁଃଶାସନ । ଯାହା ନିଷ୍ପତ୍ତି ନେଉ ଚାରିଜଣଯାକ ମାନିନେଉ । ତାଛଡ଼ା ରାଜସୂୟ ଯଜ୍ଞ ସାଧାରଣ ଯଜ୍ଞ ନୁହେଁ । ତାକୁ ଦେଖିବାର ସୁଯୋଗ ହାତଛଡ଼ା କରିବା ମଧ୍ୟ ଠିକ୍ ହେବନି । ଏକପଟେ ଯଜ୍ଞ, ଅନ୍ୟପଟେ ନବନିର୍ମିତ ଇନ୍ଦ୍ରପ୍ରସ୍ଥ ନଗରୀକୁ ଦେଖିବାକୁ ସୌଭାଗ୍ୟ ମିଳିବ ।



ଦୁର୍ଯ୍ୟୋଧନଙ୍କ ନିକଟରେ ପହଞ୍ଚିବାକ୍ଷଣି ମିତ୍ର ହିଁ ମୋତେ ଆଗ ପ୍ରଶ୍ନ କଲେ "କର୍ଣ୍ଣ, ଇନ୍ଦ୍ରପ୍ରସ୍ଥ ଯିବାପାଇଁ ପ୍ରସ୍ତୁତ ହୋଇଯାଅ । ଆମେ ସମସ୍ତେ ସେଠିକୁ ଯାଉଛୁ । ପିତାମହ, ମହାରାଜ ସମସ୍ତଙ୍କ ଇଚ୍ଛା, ଯୁଧିଷ୍ଠିରଙ୍କ ନିମନ୍ତ୍ରଣ ରକ୍ଷାକରି ଆମେ ଏଠାରୁ ସମସ୍ତେ ଯିବୁ ।

କେମିତି ନଯିବ ଯେ । ପାଣ୍ଡବମାନେ ତୁମର ସହୋଦର, ଆତ୍ମୀୟ । ସେମାନଙ୍କ ଯଜ୍ଞସ୍ଥଳକୁ ଯିବା ତୁମମାନଙ୍କର କର୍ତ୍ତବ୍ୟ, ଧର୍ମ ।

କିନ୍ତୁ, କିନ୍ତୁ ପୁଣି କ'ଣ ମିତ୍ର । ତୁମେ କ'ଣ ଆମଠାରୁ ନିଜକୁ ଭିନ୍ନ ମନେକରୁଛ । ତାଛଡ଼ା ତୁମେ ମଧ୍ୟ ନିମନ୍ତ୍ରିତ ଅତିଥି ।

ନା ନା ମୁଁ ସେ କଥା କହୁନି ମିତ୍ର । ମୋ ମନରେ କିନ୍ତୁ ଶଙ୍କା ଜାଗୁଛି । ପାଣ୍ଡବମାନଙ୍କ ସମୃଦ୍ଧି ତୁମମାନଙ୍କ ପାଇଁ ଅସହ୍ୟ ହୋଇପଡ଼ିବନି ତ ?

ଦେଖ ମିତ୍ର । ଆମେ ତ କେବଳ ଶୁଣିଛୁ । ସ୍ୱଚକ୍ଷୁରେ ଦେଖିନୁ ମଧ୍ୟ । ଇନ୍ଦ୍ରପ୍ରସ୍ଥ ନିର୍ମିତ ହୋଇଛି ଏବେ । ଆମ ହସ୍ତିନାପୁର ତ ବହୁଦିନରୁ ସମୃଦ୍ଧ । ତେଣୁ ଏମିତିରେ ଇନ୍ଦ୍ରପ୍ରସ୍ଥ କେବେ କ'ଣ ହସ୍ତିନାପୁର ସହ ସମକକ୍ଷ ହୋଇପାରିବ ? ନ ଦେଖି ଏ ବିଷୟରେ ଚିନ୍ତା କରିବା ଉଚିତ ନୁହେଁ । ତେଣୁ ଚାଲ ମିତ୍ର, ଇନ୍ଦ୍ରପ୍ରସ୍ଥ ଦେଖିଆସିବା ।

ମିତ୍ର ଦୁର୍ଯ୍ୟୋଧନ ଚିରକାଳ ଏମିତି । ଭିତରେ ଯେତେ ଅହଂ ଭାବାପନ୍ନ ହୁଅନ୍ତୁ ନା କାହିଁକି, ସାମନାରେ ଲହୁଣୀ ଭଳି କୋମଳ । ମୋ ପ୍ରତି ତାଙ୍କର ସ୍ୱତନ୍ତ୍ର ଦରଦ, ଅନୁକମ୍ପା । ମୋତେ ଛାଡ଼ି ସେ କୁଆଡ଼େ ଏକୁଟିଆ ଯିବେନି ମୁଁ ତାଙ୍କର କେହି ନୁହେଁ, ଅଥଚ ସବୁକିଛି । ମୋତେ ବାଦଦେଇ ସେ କିଛି ନିଷ୍ପତ୍ତି ନିଅନ୍ତି ନାହିଁ । ସତରେ ଯେମିତି ମୁଁ ହିଁ ତାଙ୍କ ଜୀବନର ଏକ ଅଂଶବିଶେଷ । ମୁଁ ତେଣୁ ତାଙ୍କ କଥାକୁ ଏଡ଼ାଇ ପାରେନା । ତେଣୁ କଥାହେଲା ଆମେ ସମସ୍ତେ ଇନ୍ଦ୍ରପ୍ରସ୍ଥ ଯିବୁ । ଆଉ ଏକାଠି ଯିବୁ ।

ସେଦିନ ବିଳମ୍ବିତ ରାତ୍ରିରେ ମୁଁ ମୋ ଶୟନକକ୍ଷକୁ ଫେରିଲି । ମୋ ଆଖିରେ ହଜି ଯାଇଥିଲା ନିଦ । ମୋତେ କେବଳ ଚାରିଆଡ଼େ ଦେଖା ଯାଉଥିଲା ଇନ୍ଦ୍ରପ୍ରସ୍ଥ ଇନ୍ଦ୍ରପ୍ରସ୍ଥ.... ।

ଇନ୍ଦ୍ରପ୍ରସ୍ଥ ସତରେ କ'ଣ କେବଳ ନାମଟିଏ ମାତ୍ର । କିନ୍ତୁ ମୋ ପାଇଁ ଇନ୍ଦ୍ରପ୍ରସ୍ଥ ଏକ ବିସ୍ମୟ । ଏକ ବିସ୍ଫୋରଣ । ଏକ ଅଗ୍ନିଦୀପ୍ତ ମଶାଲଟିଏ । ଏବେବି ମୁଁ ତାକୁ ସ୍ୱଚକ୍ଷୁରେ ଦେଖିନି । କେବଳ କଳ୍ପନାର ପୁଟଦେଇ ଆଙ୍କି ଦେଇଛି ଏକ କାଳ୍ପନିକ ମାନଚିତ୍ରଟିଏ । ମୋ ମନ କାନ୍‌ଭାସ ଉପରେ ଆଙ୍କି ହୋଇ ଯାଇଥିଲା ଇନ୍ଦ୍ରପ୍ରସ୍ଥ ନଗରୀର ଇନ୍ଦ୍ରପୁରୀ । ଆଉ ତାରି ମଧ୍ୟରେ ଘୁରି ବୁଲୁଥିଲେ ଭୀମ, ଅର୍ଜୁର୍ନ, ଦ୍ରୌପଦୀ ଆଦି ।

ମୁଁ ଇନ୍ଦ୍ରପ୍ରସ୍ଥ ଯିବି । ନିଶ୍ଚିତ ଯିବି । ସେଇ ଯିବାର ଚୂଡ଼ାନ୍ତ ନିଷ୍ପତ୍ତି ମୋ ମନରେ ଭରି ଦେଇଥିଲା ଅନେକ ଉତ୍କଣ୍ଠା, ଆଶା ଓ ଆଶ୍ୱାସନା ।

- ଛତିଶ -

ଯଥାସସମୟରେ ଆରମ୍ଭ ହେଲା ଆମର ଇନ୍ଦ୍ରପ୍ରସ୍ଥର ଯାତ୍ରା । ହସ୍ତିନାପୁରରୁ ଏକସମୟରେ ଅନେକ ଗୁଡ଼ିଏ ରଥ ଇନ୍ଦ୍ରପ୍ରସ୍ଥ ଆଡ଼କୁ ଯାତ୍ରା କଲା । ମୁଁ ଯେଉଁ ରଥରେ ବସିଥିଲି ସେ ରଥରେ ଥିଲେ ଦୁର୍ଯ୍ୟୋଧନ, ଦୁଃଶାସନ ଓ ଅଶ୍ୱତ୍ଥାମା । ଆମ ତିନିଜଣଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ବେଶ୍ ଦୃଢ଼ । ବିଶେଷକରି ମିତ୍ର ଦୁର୍ଯ୍ୟୋଧନ ଓ ଗୁରୁପୁତ୍ର ଅଶ୍ୱତ୍ଥାମା ଏ ଦୁହିଁଙ୍କୁ ପାଇଲେ ମନରେ ମୋର ଆନନ୍ଦ ଖେଳିଯାଏ । ଅନେକକିଛି ଆଲୋଚନା ହୁଏ ।

ଆମେ ସମସ୍ତେ ଇନ୍ଦ୍ରପ୍ରସ୍ଥ ଯାଉଛୁ । ମହାରାଜ ଯୁଧିଷ୍ଠିର ସେଠାରେ ଚକ୍ରବର୍ତ୍ତୀ ସମ୍ରାଟ ହେବାପରେ ଇନ୍ଦ୍ରପ୍ରସ୍ଥକୁ ଏହାଥିଲା ଆମର ପ୍ରଥମ ଯାତ୍ରା । ତାଛଡ଼ା ଆମେ ତ ରାଜସୂୟ ଯଜ୍ଞର ନିମନ୍ତ୍ରଣ ପାଇ ଯାଉଛୁ । ତେଣୁ ମନରେ ଥାଏ ଅନେକ ଉତ୍ସାହ ଓ ଉଦ୍ଦୀପନା । ଏମିତି ଭାବନା ମଧ୍ୟରେ ଆମେ ଯେ କେତେବେଳେ ଇନ୍ଦ୍ରପ୍ରସ୍ଥ ରାଜଭବନର ମହାଦ୍ୱାର ନିକଟରେ ପହଞ୍ଚିଯାଇଛୁ ଜାଣିପାରିଲୁ ନାହିଁ ।

ଆମେ ଇନ୍ଦ୍ରପ୍ରସ୍ଥ ସମ୍ରାଟଙ୍କ ଅତିଥି । ତେଣୁ ଆମକୁ ସ୍ୱାଗତ କରିବାପାଇଁ ନିଶ୍ଚିତ ମହାରାଜ ଆସିଥିବେ । ଆମେ ତେଣୁ ମହାରାଜଙ୍କୁ ସାମନାରେ ନଦେଖି ଭିତରକୁ ନଯାଇ ଦ୍ୱାର ସମ୍ମୁଖରେ ଠିଆହୋଇ ରହିଲୁ । ରାଜା ଯୁଧିଷ୍ଠିର ବୋଧହୁଏ କିଛି ଗୋଟେ କାମରେ ଯଜ୍ଞମଣ୍ଡପ ପାଖରେ ଥିଲେ ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨

# ଆଜିର କବିତା

## ହଁ ମୁଁ ଭଲରେ ଅଛି !...

ଶକୁନ୍ତଳା ମହାପାତ୍ର



ବେଳେ ବେଳେ ସମୟ ବି ପଚାରି ବସେ
କେମିତି ଅଛି ମୁଁ !
ଆଶା ନିରାଶର ଛାଇ ଆଲୁଅ ମଧ୍ୟରେ
ତାରି ନିର୍ଦ୍ଦେଶରେ ତାର କ୍ରୁର ପରିହାସକୁ
ପାଥେୟ କରି ସବୁକିଛି ସହିବାକୁ ସକ୍ଷମ କି ?
ପଚାରି ମୁରୁକି ହସେ ସେ
ମୋ ଉତ୍ତର ଅପେକ୍ଷାରେ ।

ହସି ହସି କହିବାକୁ ହୁଏ
ହଁ ଖୁବ୍ ଭଲରେ ଅଛି ମୁଁ , ମୋ ବାଟରେ
ଅନ୍ତରର ଅଦମ୍ୟ ପିପାଶାକୁ ଲୁଚାଇବାର
ସତ ଚେଷ୍ଟା ବିଫଳ ହେଲା ପରେ ମଧ୍ୟ
ହସି ହସି କହିବାକୁ ହୁଏ
ହଁ ଭଲ ଅଛି ମୁଁ
ତୁମର ଚିରାଚରିତ
ଗତାନୁଗତିକ ସ୍ରୋତ ମଧ୍ୟରେ ।

କହିବାକୁ ଇଚ୍ଛା ହୁଏ
ହେ ସମୟ ତୁମେ କ'ଣ ଦେଖି ପାରୁନ
ମୋ ଅନ୍ତରର ସତ୍ତାକୁ
କେମିତି ଅହରହ ଜଳେ
ପ୍ରଶମି ଯିବାର ଆଶାରେ
ମୋର ପ୍ରତୀକ୍ଷିତ ପ୍ରତ୍ୟେକଟି ମୁହୂର୍ତ୍ତ
କେମିତି ତୁମକୁ ହିଁ ଚାହିଁ ବସିଥାଏ
ସ୍ପନ୍ଦିତ ହୃଦୟ ଆଉ ଅପଲକ ନେତ୍ରରେ
ପ୍ରତିଟି ଆକାଂକ୍ଷିତ ମୂହୁର୍ତ୍ତର ଶୁଭ
ଶଙ୍ଖ ନାଦ ଆଶାରେ
ତଥାପି ହସି ହସି କହିବାକୁ ହୁଏ
ହଁ ମୁଁ କେତେ ଭଲ ଅଛି ସତରେ ।

ତୁମେତ ନିଶ୍ଚୟ ଦେଖିଥିବ
ନିଃଶବ୍ଦ ପ୍ରହରେ ମୋର ଗୁମୁରି ଗୁମୁରି
କାନ୍ଦୁଥିବା ଆଶାମାନେ ସବୁ
କେମିତି ପ୍ରତିହତ ହୁଅନ୍ତି ବାରମ୍ବାର
କୁହୁଳି କୁହୁଳି ନିଃଶେଷ ହୁଅନ୍ତି
ଆନନ୍ଦର ଅନ୍ୱେଷଣରେ
ଶ୍ୱାସରୁଦ୍ଧ ହୁଅନ୍ତି ଭାବର ଅନୁଭବରେ
ବିକଳରେ କେତେ ନେହୁରା ହୁଅନ୍ତି
ଶାନ୍ତି ଟିକେ ପାଇଁ
ତୁମେ କିନ୍ତୁ ସ୍ଥିର ନିର୍ବିକାର ଚିତ୍ତରେ
ସ୍ମିତ ହାସ୍ୟ ଟିକେ ଦେଇ
ପୁଣି ପଚାରି ବୁଝ
କେମିତି ଅଛି ମୁଁ ସତରେ ।

ବେଳେବେଳେ ଇଚ୍ଛା ହୁଏ କହିବାକୁ
ମନ ଗହନର ଗୋପନ ଭାବନା ସବୁ
ପୃଷ୍ଠା ପରେ ପୃଷ୍ଠା ଲେଉଟାଇ
କ୍ଷତାକ୍ତ ହେବାକୁ
ତୁମର ପ୍ରତ୍ୟେକଟି ସତ୍ତାକୁ
ତିଳ ତିଳ ଅନୁଭବ କରିବାକୁ
ହସିବାକୁ କାନ୍ଦିବାକୁ ସେଇ ସ୍ରୋତରେ
ନିଜକୁ ଭସାଇ ଦେବାକୁ
ସବୁ ଭଲ ମନ୍ଦକୁ ପଛରେ ପକାଇ ଦେଇ
ତୁମ ପ୍ରଶ୍ନର ଉତ୍ତର ଦେବାକୁ
ହଁ ଭଲ ଅଛି ମୁଁ
ଏତକ ନ କହି ମୋର ବା ଚାରା କଣ ଅଛି
ଯେ ହେତୁ ତୁମେ ଅଛ ମୁଁ ଅଛି
ଜୀବନ ଓ ଜୀବିକା ବି ଅଛି
ସ୍ମିତ ହାସ୍ୟ ଦେଇ କହିବାକୁ ହୁଏ
ହଁ ମୁଁ ଭଲ ରେ ଅଛି
ଯା ଛଡା ମୋର ବା ଆଉ ଚାରା କଣ ଅଛି !

+ଡିଏଭି ପବ୍ଲିକ ସ୍କୁଲ
ମୋ: ୯୪୩୯୮୫୬୨୯୯

## ମୁଁ ତୁମ କବିର କବିତାଟିଏ ...

ପୁଷ୍ପାଞ୍ଜଳି ମିଶ୍ର



ମୁଁ ତୁମ କବିର କବିତା
ଆଉ ଦୀପର ସଳିତା
ଭିଜା ମାଟିର ବାସ୍ନାରେ ମୁଁ
ସାଧବର ବୋହୁଟିଏ
ତୁମ ସ୍ନେହରେ ପାଗଳିନୀ
ହସରେ ଯେ ଉନ୍ମାଦିନୀ
ତୁମେ ମୋ ଠାରୁ ଭାଷାର
ଶାନ୍ତ ରୂପରେଖ
ମୁଁ ତୁମ ବିନ୍ଦୁ ପରିଧି
ତୁମେ ମୋ ସପନ
ନିଦୁଆ ଆଖିରେ
ସଞ୍ଜର ସଳିତା ବତୀ
ଦିନ ଦ୍ୱି ପ୍ରହରର
ଜ୍ୱଳନ୍ତ ଖରା ମୁଁ
ତୁମେ ତମସା ରାତିର ଜ୍ୟୋତି
ମୁଁ ତୁମ ମନରର ମାନସୀ ଆଉ
ତୁମେ ଚଞ୍ଚଳ ପ୍ରଜାପତି
ତୁମ କବିର ଲେଖନୀରେ
ମୁଁ ଯେବେ ଭାବନାର
ଶବ୍ଦ ହୋଇଯାଏ
ପ୍ରତି ଅକ୍ଷରରେ
ଭରି ରହିଥାଏ କେତେ ଯେ
ମାଦକତା
ପ୍ରତି ଫର୍ଦ୍ଦେ ଫର୍ଦ୍ଦେ ଭରି
ରହିଅଛି ଅନାବିଳ ପ୍ରେମ କେତେ
କୁହ ତୁମେ ଥରେ
କେମିତି କହିବ
ଆମ ସମ୍ପର୍କର ସୀମା ରେଖା
ତୁମ ମୋ ଭିତରେ
ଖାଲି ଯାହା ଅଛି
ଭାବର ଆବେଗ ସୃଷ୍ଟି
ସେଇଥି ପାଇଁତ
କହିଦିଏ ଆଜି
ମୁଁ ତୁମ କବିର କବିତା ବୋଲି ।

+ସୁକିନ୍ଦା କ୍ରୋମାଇଟ୍ ମାଇନ୍ସ
ଯାଜପୁର
ମୋ: ୯୫୫୬୭୪୩୯୨୧

# ସମ୍ପର୍କର ରଙ୍ଗ

## ଦୁଃଖୀ ମନ ପାଇଁ ମଲମ

ଶ୍ୱେତା ରାଉତ୍



ଯଦି ଆପଣ ବହୁତ ଶୀଘ୍ର ରାଗି ଯାଉଛନ୍ତି, ଚିଡ଼ିଚିଡ଼ା ହେଉଛନ୍ତି, ଆପଣଙ୍କୁ କ୍ରୋଧ ଆସୁଛି, କାନ୍ଦ ଲାଗୁଛି, କାହାର ଛୋଟ କଥାରେ ରିଆକ୍ଟ କରି ମନ ଅଶାନ୍ତ ରହୁଛି, ନିଜ ବ୍ୟବହାର ଉପରେ ନିୟନ୍ତ୍ରଣ ରହୁନାହିଁ ତେବେ ମାନିନିଅନ୍ତୁ ଆପଣଙ୍କ ମନ ବେମାର ଅଛି ବା ଅଶାନ୍ତ ଅଛି ।

ଆଜିକାଲି ଯେଉଁ ପରିବାରକୁ ବି ଗଲେ ଦେଖିବା ସମସ୍ତେ ନିଜର କିଛି ନା କିଛି ଦୁଃଖ ଅଛି କହିଥାନ୍ତି ବା କାହାର ଅସଦାଚାରଣ, ଦୁର୍ବ୍ୟବହାର, କଟୁକଥାକୁ ନେଇ ଖୁବ୍ ଅଶାନ୍ତି ବା ମନଦୁଃଖରେ ରହିଥାନ୍ତି । ସମୟ ଗଡିଚାଲେ, ଅଶାନ୍ତି ବା ଦୁଃଖର କାରଣ ଭୁଲି ହୋଇଯାଏ, କଣ ପାଇଁ କଳି ତକରାଳ, ଆରୋପ ପ୍ରତ୍ୟାରୋପ ହୋଇଥିଲା ମନେ ରୁହେନାହିଁ, କିନ୍ତୁ ମନକୁ ଲାଗିଥିବା ଆଘାତକୁ ନେଇ ବ୍ୟକ୍ତି ଦୀର୍ଘଦିନଯାଏ ଦୁଃଖ ବା ଅଶାନ୍ତିରେ ରହିଥାଏ । ଯେଉଁଠି ବସେ ସେଇ କଥା ଭାବେ, ସମସ୍ତଙ୍କୁ ସେଇ ଦୁଃଖ କହିବୁଲେ, ଧିରେ ଧିରେ ଅଶାନ୍ତ ରହିବାର ଅଭ୍ୟାସ ପଡିଯାଏ । ଅଶାନ୍ତ ରହିବା ଦ୍ୱାରା ଅନ୍ୟ କାହା ସହିତ ଭଲ ବ୍ୟବହାର ବା ମଧୁର କଥା କହିପାରିନଥାଏ, ଫଳରେ ଅନ୍ୟମାନେ ମଧ୍ୟ ବ୍ୟକ୍ତିଠୁ ଦୂରେଇ ଯାଆନ୍ତି । ଏହା ଛଡା ନିଜର ଶକ୍ତି ସାମର୍ଥ୍ୟ ନଷ୍ଟ ହୋଇଥାଏ । ବ୍ୟକ୍ତିର ମନ ଦିନକୁ ଦିନକୁ ବେମାର ହେବାକୁ ଲାଗେ, ଶବ୍ଦ ଉପରେ ନିୟନ୍ତ୍ରଣ ରୁହେନାହିଁ, ଆଚରଣ ବଦଳିଯାଏ ।

ଜଣଙ୍କ ଉପରେ ରାଗ ଅଭିମାନ ବା ଅସନ୍ତୋଷ ରଖି ବ୍ୟକ୍ତି ନିଜକୁ କଷ୍ଟ ଦେବା ସହିତ ନିଜର ସଂସ୍କାର ଖରାପ କରିଦେଇଥାଏ । ଏହା ଆମ ଜୀବନର ମୌଳିକତା ନୁହେଁ । ଆମେ ଚାହିଁଲେ ଏ ଅଶାନ୍ତ ମନର ଉପଚାର ସହଜରେ କରିପାରିବା । ଏଥିପାଇଁ ମନକୁ ଅଶାନ୍ତ କରାଉଥିବା ଘଟଣାକୁ ଭୁଲିବା ଦରକାର । ଆପଣ କହିପାରନ୍ତି ମନର ଆଘାତ ସହଜରେ ଭୁଲିହୁଏନି ! କିନ୍ତୁ ଥରେ ଚେଷ୍ଟା କଲେ କ୍ଷତି କଣ ?

ଯେତେବେଳେ ଆପଣ ମାର୍କେଟ ଯାଉଛନ୍ତି, ଯେତିକି ସମୟ ବାହାରେ ବୁଲି କିଣାକିଣି କରୁଛନ୍ତି, ଘରେ କଣ ଘଟିଥିଲା, କିଏ କଣ କହିଥିଲା, ଆପଣ କାହିଁକି ଦୁଃଖୀଥିଲେ ସେସବୁ ଭୁଲିଯାଇଥାନ୍ତି ଏବଂ ସ୍ୱାଭାବିକ ଭାବେ ନିଜ ପରିବାର ବା ସାଉଙ୍ଗସାଥିଙ୍କ ସହିତ କିଣାକିଣିର ମଜା ନିଅନ୍ତି ।

ଯେତେବେଳେ ଟ୍ରାଫିକରେ କାହା ସହିତ ଯୁକ୍ତିତର୍କ ହୋଇଯାଏ, ଆପଣ ବିରକ୍ତ ହୋଇଥାନ୍ତି, ସେଇ କଥାକୁ ମନରେ ରଖି ଚିଡ଼ିଚିଡ଼ା ହୋଇ ଅଫିସ୍ ଯାଆନ୍ତି, ଯିବାବେଳେ ହଠାତ୍ କେହି ପୁରୁଣା ସ୍କୁଲ ସାଙ୍ଗ ଦେଖା ହୋଇଯାଏ । ବହୁବର୍ଷ ପରେ ସାଙ୍ଗକୁ ଦେଖି ଆପଣ ଖୁସି ହୋଇଯାଆନ୍ତି ଏବଂ ଟ୍ରାଫିକରେ ଘଟିଥିବା ଘଟଣାକୁ ନେଇ ଆପଣଙ୍କ ବିରକ୍ତିଭାବ ରହିନଥାଏ । ପରିବା କିଣିବା ବେଳେ ପ୍ରାୟ ସମସ୍ତେ ମୁଲଚାଲ କରିଥାନ୍ତି । ଏମିତି ମୁଲଚାଲ କରୁକରୁ ଦୋକାନୀ ସହିତ ଆପଣଙ୍କର ଯୁକ୍ତିତର୍କ ହୋଇଯାଏ ଓ ଆପଣ ତା'ଠୁ ପରିବା ନଆଣି ବିରକ୍ତ ହୋଇ ଘରକୁ ଫେରିଆସନ୍ତି । ଆପଣଙ୍କ ମୁହଁ ଦେଖି ଘରଲୋକ ମଧ୍ୟ ଜାଣିଯାଆନ୍ତି କିଛି ଗୋଟେ ଘଟିଛି । ସେଇ କଥାକୁ ଗୁଣିହୋଇ ଆପଣ ସମସ୍ତଙ୍କ ସହିତ ବିରକ୍ତ ହୋଇ କଥାହୁଅନ୍ତି, ସେତିକିବେଳେ ଆପଣଙ୍କ ଫୋନ୍ ବାଜେ ଆଉ ଆପଣଙ୍କ ପ୍ରମୋସନର ମେସେଜ୍ ମିଳେ । ଆପଣ ଏତେ ଖୁସି ହୋଇଯାଆନ୍ତି ଯେ ଦୋକାନୀ ସହିତ ହୋଇଥିବା ଘଟଣା ବା ବିରକ୍ତିଭାବ ଭୁଲିଯାଆନ୍ତି । ସେତେବେଳେ ଯଦି ଘରେ କେହି ସେ ଦୋକାନୀ କଥା ଉଠାନ୍ତି, ଆପଣ 'ଛାଡ ସେ କଥା' କହି ଏଡେଇ ଯାଆନ୍ତି । କାରଣ ଆପଣ ପ୍ରମୋସନ୍ କଥାରେ ଖୁସି ଥାଆନ୍ତି । ଛୋଟଛୋଟ କଥାକୁ ଭୁଲିବାକୁ ବିକଳ୍ପରେ ଛୋଟ ଖୁସିଟିଏ ଦରକାର ଯାହା ଆମଦ୍ୱାରା ହିଁ ସମ୍ଭବ । ଅନେକ ଛୋଟ ଛୋଟ କଥାକୁ ମନକୁ ନେଇ ନିଜର ମସ୍ତିଷ୍କରେ କେବଳ 'ଘା'ସୃଷ୍ଟି କରନ୍ତି । ଯେତେଦିନଯାଏ ସେଇ କଥାକୁ ଭାବିହୁଅନ୍ତି, ଘା ସେତେ ଗଭୀର ହୁଏ ଓ ସମଗ୍ର ଶରୀରକୁ ସଂକ୍ରମିତ କରିଥାଏ । ଆପଣଙ୍କୁ କିଏ କଣ କହିଛି ଭୁଲି ଯାଆନ୍ତୁ, ମନ ଖୁସି ହେଲା ଭଳି ନୂଆ ବିଚାର, ନୂଆ ସ୍ୱପ୍ନ, ନୂଆ କଥା ଚିନ୍ତା କରି ମନକୁ ଆନନ୍ଦ ଦିଅନ୍ତୁ । ଯିଏ ଆପଣଙ୍କ ଦୁଃଖର କାରଣ, ତା କଥା ବିଚାର କରିବାକୁ ଇଶ୍ୱରଙ୍କ ଉପରେ ଛାଡିଦିଅନ୍ତୁ ଏବଂ ନିଜ କର୍ମ କରିଚାଲନ୍ତୁ । ଯେମିତି ଆପଣ ଦୁଃଖୀ ଥିବାବେଳେ ଗୋଟେ ଖୁସି ଖବର ଆପଣଙ୍କୁ ଖୁସି କରାଇଦିଏ ଏବଂ ଆପଣ ଦୁଃଖ ଭୁଲିଯାଆନ୍ତି, ଠିକ୍ ସେମିତି ଜୀବନର ପ୍ରତି ଆଗାମୀ ମୁହୂର୍ତ୍ତକୁ ଏକ ସୁଖଦ ସମୟଭାବେ ଗ୍ରହଣକରି ପୂର୍ବ କଥା ଭୁଲିଯାଆନ୍ତୁ, ଦେଖିବେ ରୋଗଗ୍ରସ୍ତ ମନପାଇଁ ଭୁଲିଯିବା ହିଁ ଗୋଟେ ଭଲ ମଲମ ହୋଇପାରିବ ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼, ଭୁବନେଶ୍ୱର

# ପିଲାଙ୍କୁ ଟିକାକରଣ ପାଇଁ ଭିତ୍ତିଭୂମି ପ୍ରସ୍ତୁତ : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୦୮/୧୨ (ନି.ପ୍ର): ଗତକାଲି ସନ୍ଧ୍ୟା ଯାଏଁ କୌଣସି ବିଦେଶ ଫେରନ୍ତା ପଜିଟିଭ ବାହାରିନାହାନ୍ତି । ଛଅ ବିଦେଶ ଫେରନ୍ତା ପଜିଟିଭ ବାହାରିଥିବା ନେଇ ଯେଉଁ ଖବର ଆସୁଛି, ତାହାର ତର୍ଜମା କରାଯାଉଛି । ସଂଧ୍ୟା ସୁଦ୍ଧା ଏନେଇ ସ୍ପଷ୍ଟ କରାଯିବ । ଆଟ୍ ରିସ୍କ କଂଟ୍ରି ଫେରନ୍ତାଙ୍କୁ ଠାବ କରିବାକୁ ଜିଲ୍ଲାସ୍ତରରେ ମାଇକ୍ରୋ ଲେଭଲରେ ପ୍ରଚେଷ୍ଟା ଜାରି ରହିଛି । ଆମେ ନିଶ୍ଚିତ ସମସ୍ତଙ୍କୁ ଖୋଜି ବାହାର କରିବୁ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି।

ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନେ କହିଛନ୍ତି, ଓମିକ୍ରନ ସଂକ୍ରମିତଙ୍କ ସ୍ୱଳ୍ପ ଲକ୍ଷଣ ଦେଖାଯାଉଛି । ଏଯାଏଁ କାହାରି ମୃତ୍ୟୁ ହୋଇନି । ଟିକା କାମ କରୁଛି ବୋଲି ସବୁ ବିଶେଷଜ୍ଞ ମତ ଦେଉଛନ୍ତି । ବର୍ତ୍ତମାନ ସୁଦ୍ଧା ଯାହା ତଥ୍ୟ ଆସିଛି, ଓମିକ୍ରନକୁ ଡରିଲା ଭଳି ନୁହେଁ । ୧୮ ବର୍ଷରୁ କମ ପିଲାଙ୍କ ଟିକାକରଣ ଲାଗି କୌଣସି ନିର୍ଦ୍ଦେଶ ଆସିନି । ଯଦି ନିର୍ଦ୍ଦେଶ ଆସିବ, ଆମର ଭିତିଭୂମି ପ୍ରସ୍ତୁତ ରହିଛି । ଟିକା ବି ଅଛି ।

# ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଆସୁଥିବା ଅର୍ଥ ବାଟମାରଣା ହେଉଛି : ବିଜେପି

ଭୁବନେଶ୍ୱର,୦୮/୧୨ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ରେ ୬.୭ଲକ୍ଷ ହିତାଧିକାରୀଙ୍କୁ ସାମିଲ୍ କରିବା ପାଇଁ ଆବାସ ପ୍ଲସ ପୋର୍ଟାଲ ଖୋଲିବା ନିମନ୍ତେ ରାଜ୍ୟସଭାରେ ସ୍ୱତନ୍ତ୍ର ଆଲେଖ୍ୟ ଜରିଆରେ ବିଜେଡି ସାଂସଦ ଯେଉଁ ଦାବୀ କରିଛନ୍ତି ତାହା ଚୋରି ଏବଂ ଚୋରି ଉପରେ ସିନା ଚୋରି ସଦୃଶ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ଅଭିଯୋଗ ଆଣିଛନ୍ତି । ରାଜ୍ୟରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଆସୁଥିବା ଅର୍ଥର ବାଟମାରଣା ହେଉଥିବା ବେଳେ ଦଳୀୟ ଆଧାରରେ ଘର ବଂଟନ ହେଉଛି । ରାଜ୍ୟ ସରକାର ପ୍ରକୃତ ଯୋଜନାର ହିତାଧିକାରୀଙ୍କୁ ଘର ନଦେଇ ନିଜ ଦୋଷକୁ ଲୁଚାଇ କେବଳ କେନ୍ଦ୍ର ଉପରେ ବିନା କାରଣରେ ଆରୋପ ଲଗାଉଛନ୍ତି । ଯଦି ସସ୍ମିତ ପାତ୍ର ଏବଂ ତାଙ୍କ ଦଳଙ୍କୁ ଗରିବଙ୍କ ଘର ପାଇଁ ଏତେ ଚିନ୍ତା, ତେବେ ଯେତେବେଳେ ଆବାସ ପ୍ଲସରେ ୪ଥର ସମୟସୀମା ବୃଦ୍ଧି କରାଗଲା ସେତେବେଳେ ଗରିବଙ୍କ ପ୍ରତି ତାଙ୍କର ଦରଦ କୁଆଡେ ଗଲା ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି । ପ୍ରଥମେ ୨୦୧୮ ଜୁନ୍ ୩୦, ସେପ୍ଟେମ୍ବର ୩୦, ନଭେମ୍ବର ୩୦ ଏବଂ ଶେଷରେ ୨୦୧୯, ମାର୍ଚ୍ଚ ୭ ପର୍ଯ୍ୟନ୍ତ ଆବାସ ପ୍ଲସରେ ଗୃହ ସାମିଲ କରିବା ପାଇଁ ତାରିଖ ବୃଦ୍ଧି କରାଯାଇଥିଲା । ଓଡିଶା, ତାମିଲନାଡୁ, ମହାରାଷ୍ଟ୍ର ଭଳି ରାଜ୍ୟର ସ୍ୱତନ୍ତ୍ର ଅନୁରୋଧ ପରେ ଏହାକୁ ବଢାଯାଇଥିଲା । ଏହି ସବୁ ରାଜ୍ୟରେ ବାତ୍ୟା, ବନ୍ୟା ପ୍ରଭାବିତ ପରିବାର ଗୁଡିକର ପଞ୍ଜିକରଣ ପାଇଁ ସ୍ୱତନ୍ତ୍ର ୱିଣ୍ଡୋ ଦିଆଯାଇଥିଲା । ଏହା ସତ୍ୱେ ସେତେବେଳେ କେବିକେ ସମେତ ୧୬ ଜିଲ୍ଲାର ୬.୭ଲକ୍ଷ ହିତାଧିକାରୀଙ୍କୁ ସାମିଲ ନକରି ଏବେ ସସ୍ମିତ୍ ପାତ୍ର କାହିଁକି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ? ସେହିଭଳି ପୂର୍ବରୁ ୫ଲକ୍ଷ ହିତାଧିକାରୀଙ୍କ ନାମ ଆବାସ ଯୋଜନାରୁ ରାଜ୍ୟ ସରକାର କାଟି ଦେଇଛନ୍ତି ଏବଂ ୫୦ ପ୍ରତିଶତରୁ ଅଧିକ ହିତାଧିକାରୀଙ୍କ ଆଧାର କାର୍ଡ ଲିଙ୍କ୍ କରାଯାଇନାହିଁ । ତା ହେଲେ ଏଠାରେ ସେହି ଭୂତ ହିତାଧିକାରୀମାନେ କିଏ ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି । ଜୁଲାଇ ୧୫ତାରିଖ ଚିଠି ଅନୁସାରେ ଏପର୍ଯ୍ୟନ୍ତ ବ୍ଲକ ଉନ୍ନୟନ ଅଧିକାରୀ (ବିଡିଓ) ମାନେ ତଦନ୍ତ ନକରି ପୂର୍ଣ୍ଣାଙ୍ଗ ଯୋଗ୍ୟ ହିତାଧିକାରୀ ତାଲିକା ରିପୋର୍ଟ ପ୍ରସ୍ତୁତ କରିନାହାଁନ୍ତି ଏବଂ ରାଜ୍ୟ ସରକାରଙ୍କ ଗ୍ରାମୀଣ ଗୃହ ନିର୍ମାଣ ପୋର୍ଟାଲରେ ଅପଲୋଡ୍ ହୋଇନାହିଁ । ତେଣୁ କରି ରାଜ୍ୟ ସରକାରଙ୍କ ପାଖରେ ଆଜି ପର୍ଯ୍ୟନ୍ତ କୌଣସି ଯୋଗ୍ୟ ତାଲିକାଙ୍କର ଚିଠା ନାହିଁ । ରାଜ୍ୟ ସରକାର କେଉଁ ଆଧାରରେ ଆବାସ ବାଂଟିବେ ବୋଲି ଚିନ୍ତା କରୁଛନ୍ତି । ପ୍ରଥମେ ରାଜ୍ୟ ସରକାର ସମସ୍ତ ଯୋଗ୍ୟ ହିତାଧିକାରୀ ତାଲିକା ଚୂଡାନ୍ତ କରନ୍ତୁ । ପ୍ରଥମେ ରାଜ୍ୟ ସରକାର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ତାଲିକାକୁ ସାର୍ବଜନୀନ କରନ୍ତୁ ବୋଲି ଶ୍ରୀ ମହାପାତ୍ର ଦାବୀ କରିଛନ୍ତି । ରାଜ୍ୟ ସରକାର ସାଢେ ୪କୋଟି ଓଡିଶାବାସୀଙ୍କୁ ଦିନରେ ଲଣ୍ଠନ ଦେଖାଇବା ବନ୍ଦ କରନ୍ତୁ । ଲୁଚିଛି ନା ଗୋଡ ଦୁଇଟି ଦିଶୁଛି ଭଳି ବିଜେଡିର ଘର ବଂଟନରେ ଅନିୟମିତତା କାର୍ଯ୍ୟକୁ ଓଡିଶାବାସୀ ବୁଝିଲେଣି । ଆମର ସାଧାରଣ ଜନତା ଏହାର ଜବାବ୍ ନିଶ୍ଚୟ ଦେବେ ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ରାଜ୍ୟ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମ ସଂଯୋଜକ ଦିଲ୍ଲୀପ ମଲ୍ଲିକ ଓ ରାଜ୍ୟ ମୁଖପାତ୍ର ଠାକୁର୍ ରଞ୍ଜିତ୍ ଦାସ୍ ପ୍ରମୁଖ ଉପସ୍ଥିତ ଥିଲେ ।

# ୧୦ରେ ବିଧାନସଭା ଘେରିବ ଛାତ୍ର କଂଗ୍ରେସ

ଭୁବନେଶ୍ୱର,୦୮/୧୨ (ନି.ପ୍ର): ମମିତା ହତ୍ୟାକାଣ୍ଡ ଘଟଣାକୁ ନେଇ ଆସନ୍ତା ୧୦ ତାରିଖରେ ବିଧାନସଭା ଘେରିବ ଛାତ୍ର କଂଗ୍ରେସ । ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଆସନ୍ତା ୧୦ ରେ ବିଧାନସଭା ରେ ପଶି ନ୍ୟାୟ ଭିକ୍ଷା କରିବୁ । ହାଇକୋର୍ଟ ସିଟିଂ ଜଜ ଙ୍କ ଦ୍ୱାରା ତଦନ୍ତ ଓ ମନ୍ତ୍ରୀ ଦିବ୍ୟଶଙ୍କର ଙ୍କୁ ବହିଷ୍କାରଙ୍କ ସହ ଗିରଫ ଆମର ଦାବି । ବିରୋଧୀ ରାଜନୀତି କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଙ୍କ ମନ୍ତବ୍ୟ ଉପରେ ମୁଖ୍ୟମନ୍ତ୍ରୀ କ୍ଷମା ମାଗନ୍ତୁ ବୋଲି ସେ କହିଛନ୍ତି ।

ସେ କହିଛନ୍ତି ଯେ ମମିତା ମେହେର ଘଟଣା ରେ ମୁଖ୍ୟମନ୍ତ୍ରୀ ଅଭିଯୁକ୍ତଙ୍କୁ ଘଂଟ ଘୋଡାଇବା ପାଇଁ ଚେଷ୍ଟା କରୁଛନ୍ତି । ଯେଉଁ ପର୍ଯ୍ୟନ୍ତ ଦୋଷୀ ଦଣ୍ଡ ପାଇନି ଛାତ୍ର କଂଗ୍ରେସ ଲଢେଇ ଜାରି ରହିବ ।

# ଲୁଟ୍ ରୋକିବାକୁ ବ୍ୟାଙ୍କ ଓ ଏଟିଏମର ହେବ ସିକ୍ୟୁରିଟି ଅଡିଟ୍

ଭୁବନେଶ୍ୱର,୦୮/୧୨ (ନି.ପ୍ର): ବ୍ୟାଙ୍କ ଲୁଟ୍ ଓ ଏଟିଏମ୍ ଲୁଟ ଉପରେ ରୋକ୍ ଲଗାଇବା ପାଇଁ କମିଶନରେଟ ପୋଲିସ ପଦକ୍ଷେପ ନେଇଛି । ଏଥିପାଇଁ ଦ୍ୱୈତ ନଗରୀରେ ଥିବା ବ୍ୟାଙ୍କ ଓ ଏଟିଏମର ସିକ୍ୟୁରିଟି ଅଡିଟ୍ ହେବ । ଏନେଇ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ନିର୍ଦ୍ଦେଶ ଦେଇଛନ୍ତି । ସୁରକ୍ଷା ବ୍ୟବସ୍ଥା ସହ ସିସିଟିଭି, ଅଲାରାମ ବ୍ୟବସ୍ଥା ଏବଂ ବ୍ୟାଙ୍କ ଓଏଟିଏମ୍ ସାମ୍ନାରେ ସିକ୍ୟୁରିଟି ରହୁଛନ୍ତି କି ନାହିଁ ଯାଂଚ କରିବ କମିଶନରେଟ ପୋଲିସର ସ୍ୱତନ୍ତ୍ର ଟିମ୍ । ସୁରକ୍ଷା ବ୍ୟବସ୍ଥା ଯାଂଚ କରିବା ପାଇଁ ଜଣେ ଅତିରିକ୍ତ ଡିସିପି, ଏସିପିଙ୍କ ସହ ଆଇଆଇସି ବ୍ୟାଙ୍କ ଓ ଏଟିଏମର ସୁରକ୍ଷା ବ୍ୟବସ୍ଥାର ଅଡିଟ୍ କରିବେ । ଏହି ସିକ୍ୟୁରିଟି ଅଡିଟ୍ ଜୋନ ସ୍ତରରେ କରାଯିବ । ଅଡିଟ୍ କରି ୩୦ ଦିନ ମଧ୍ୟରେ ଡିସିପିଙ୍କୁ ରିପୋର୍ଟ ଦେବେ । ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ଗାଇଡଲାଇନ୍ ଅନୁସାରେ ବ୍ୟାଙ୍କ ଓ ଏଟିଏମ୍ ଗୁଡ଼ିକରେ ସିସିଟିଭି, ଆଲାରାମ ବ୍ୟବସ୍ଥା ସହ ସୁରକ୍ଷା କର୍ମୀଙ୍କ ଉପସ୍ଥିତି ନେଇ ଯାଂଚ ହେବ ।

# ଜୱାଦ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ପିସିସି ସଭାପତି

ଭୁବନେଶ୍ୱର,୦୮/୧୨ (ନି.ପ୍ର): 'ଜୱାଦ' ବାତ୍ୟା ଫଳରେ ଓଡ଼ିଶାରେ ବହୁ ଜିଲ୍ଲାରେ ଚାଷୀଭାଇମାନେ ନାହିଁ ନଥିବା କ୍ଷତିର ସମ୍ମୁଖୀନ ହୋଇଛନ୍ତି । ସେମାନଙ୍କୁ ତୁରନ୍ତ କ୍ଷତିପୂରଣ ଓ ଅନ୍ୟାନ୍ୟ ସୁବିଧା, ସହାୟତା ଯୋଗାଇ ଦେବାକୁ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି । ପିସିସି ସଭାପତି ଚିଠିରେ ଉଲେଖ କରି କହିଛନ୍ତି ଯେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କରୁଣାରୁ ବାତ୍ୟା 'ଜୱାଦ' ଓଡିଶାର ସ୍ଥଳ ଭାଗ ଛୁଇଁ ନାହିଁ ସତ, କିନ୍ତୁ ଏହି ବାତ୍ୟା ଓ ଲଗାଣ ବର୍ଷା ଜନିତ କ୍ଷୟକ୍ଷତିର ପରିଣାମକୁ ଦେଖି ଯେଉଁ କେତୋଟି ପ୍ରସଙ୍ଗ ମୋତେ ଆନ୍ଦୋଳିତ କରୁଛି, ତାହାର ସମାଧାନ ପାଇଁ ମୁଁ ଆପଣଙ୍କୁ ଏ ପତ୍ର ଲେଖୁଛି । ଦୁର୍ବିପାକ ପରବର୍ତ୍ତୀ ପ୍ରସଙ୍ଗର ସୁପରିଚାଳନା ଦାୟିତ୍ୱ ସରକାରଙ୍କର । ଏଥିରେ ସାମାନ୍ୟ ଅଦୂରଦର୍ଶିତା ବା ଦାୟିତ୍ୱହୀନତା ରହିଲେ ତାହା ଦୁର୍ବିପାକର ଦୁଃଖଠାରୁ ଅଧିକ ହୋଇଯାଏ । ଆମ ଉପକୂଳ ଅଂଚଳରେ ଚାଷୀମାନେ ସାଧାରଣତଃ ଲମ୍ବା ଧାନ ଚାଷ କରନ୍ତି । ଏହି ଧାନ କଟା ଡିସେମ୍ବର ମାସରୁ ଆରମ୍ଭ ହୁଏ । କିନ୍ତୁ ଚଳିତବର୍ଷ ଅନାବୃଷ୍ଟି ଯୋଗୁ ଧାନ ଚାଷ ପ୍ରାୟ ବିଳମ୍ବ ହୋଇଥିଲା । ମରୁଡିରେ ପ୍ରାୟ ୭୦ ଭାଗ ଧାନ ଫସଲ ନଷ୍ଟ ହୋଇଯିବାପରେ ୩୦ ଭାଗ ଫସଲ ଏଇ ଡିସେମ୍ବର ଶେଷ ସପ୍ତାହରେ ଅମଳ ହୋଇଥାନ୍ତା । କିନ୍ତୁ 'ଜୱାଦ' ବାତ୍ୟା ଓ ପ୍ରବଳ ବର୍ଷା ଯୋଗୁ ଧାନ କିଆରିରେ ବଳିପଡିଥିବା ଧାନ ଏବେ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି । ପ୍ରଥମତଃ ଫସଲବୀମା କଥା ବିଚାର କରାଯାଉ । ବାରମ୍ବାର ବନ୍ୟାବାତ୍ୟାରେ ଚାଷୀମାନେ କ୍ଷତିଗ୍ରସ୍ତ ହେଉଥିବା ସତ୍ୱେ ରିଲିଫ୍ କୋଡରେ ଆବଶ୍ୟକ ବ୍ୟବସ୍ଥା କରାଯାଉନି । ଯାହାଫଳରେ ଚାଷୀମାନଙ୍କର କ୍ଷତିକୁ ଭରଣା କଲାବେଳେ ସେମାନଙ୍କୁ ଦୟା କଲାପରି ସମୁଦ୍ରକୁ ଶଙ୍ଖେ ସହାୟତା ଦିଆଯାଉଛି । ଚାଷୀମାନଙ୍କର କ୍ଷୟକ୍ଷତିର ଆକଳନ କଲାବେଳେ ଦଳୀୟ ମନୋବୃତିରୁ ଉର୍ଦ୍ଧ୍ୱକୁ ଯିବା କଥା । କିନ୍ତୁ ଅଧିକାଂଶ କ୍ଷେତ୍ରରେ ତାହାର ବିଡମ୍ବନା ଦେଖାଯାଉଛି । ଯାହାଫଳରେ ଅନେକ କ୍ଷତିଗ୍ରସ୍ତ ଲୋକ ସରକାରୀ ସହାୟତା ପାଇବାରୁ ବଂଚିତ ହେଉଛନ୍ତି । କ୍ଷୟକ୍ଷତିର ଆକଳନ ଯୁଦ୍ଧକାଳୀନ ଭିତିରେ ହୋଇ କ୍ଷତିପୂରଣ ତୁରନ୍ତ ଯୋଗାଇ ଦେବା ଆବଶ୍ୟକ । ଚାଷୀମାନେ ଓଡିଶା ବିକାଶର ମେରୁଦଣ୍ଡ । କରୋନା କାରଣରୁ ଦୀର୍ଘ ଦୁଇବର୍ଷ ହେଲା ସେମାନେ କ୍ଷତି ସହୁଛନ୍ତି । ତା'ସାଙ୍ଗକୁ ଅନାବୃଷ୍ଟି, ଅତିବୃଷ୍ଟି ଓ ରୋଗପୋକ ସେମାନଙ୍କ ଆର୍ଥିକ ଅବସ୍ଥାକୁ ରସାତଳକୁ ନେଲାଣି । କେବଳ ଧାନ ଚାଷୀ ନୁହଁନ୍ତି, କପା, ମକା ଓ ଡାଲିଜାତୀୟ ଫସଲ ଚାଷ କରୁଥିବା ଚାଷୀମାନେ ମଧ୍ୟ ଅନେକ କ୍ଷତି ସହିଲେଣି । ଏହି ପରିପ୍ରେକ୍ଷୀରେ ମୋର ପ୍ରସ୍ତାବ ହେଲା, କ୍ଷୟକ୍ଷତି ଆକଳନ କଲାବେଳେ ଭାଗଚାଷୀ କିପରି ଉପକୃତ ହେବେ, ତାହା ପ୍ରତି ଦୃଷ୍ଟି ଦିଅନ୍ତୁ । ଚାଷୀମାନଙ୍କୁ ଯେତେଶୀଘ୍ର ସମ୍ଭବ ସେମାନଙ୍କ କ୍ଷତିପୂରଣ ଦିଅନ୍ତୁ । ଫସଲବୀମା କମ୍ପାନୀମାନେ କିପରି ସରଳମାର୍ଗରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମାରାଶି ଫେରାଇବେ, ସେଥିପ୍ରତି ଦୃଷ୍ଟି ଦିଅନ୍ତୁ । ରବିଫସଲ ପାଇଁ ଚାଷୀମାନଙ୍କୁ ମାଗଣା ବିହନ ଓ ସାର, କୀଟନାଶକ ଯୋଗାଇ ଦିଅନ୍ତୁ । ଏଥିସହ ଏ ବର୍ଷର କୃଷିଋଣକୁ ସଂପୂର୍ଣ୍ଣ ଛାଡ କରାଗଲେ ଚାଷୀଭାଇମାନେ ଆଶ୍ୱସ୍ତି ଲାଭ କରିବେ । ଏ ଦିଗରେ ଆପଣଙ୍କର ତ୍ୱରିତ ପଦକ୍ଷେପ ଆଶା କରୁଛି ବୋଲି ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଦର୍ଶାଇଛନ୍ତି ।

# ସାଟେଲାଇଟ୍ ଇମେଜରି ମାଧ୍ୟମରେ ପ୍ରକୃତ ଧାନଚାଷ ପ୍ଲଟ୍‌ର ଯାଂଚ ପ୍ରକ୍ରିୟାର ସମୀକ୍ଷା କଲେ ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର,୦୮/୧୨ (ନି.ପ୍ର): ରାଜ୍ୟରେ ଚଳିତ ଖରିଫ ଧାନସଂଗ୍ରହ ନିମନ୍ତେ ଏକ ନିର୍ଭୁଲ ଚାଷୀ ନାମପଂଜୀକରଣ ତାଲିକା ପ୍ରସ୍ତୁତ କରାଯାଉଛି । ଏଥି ନିମନ୍ତେ ଓଡ଼ିଶା ସ୍ପେସ୍ ଆପ୍ଲିକେସନ୍ ସେଂଟର ସହଯୋଗରେ ସାଟେଲାଇଟ୍ ଇମେଜକୁ ବ୍ୟବହାର କରାଯାଉଛି । ଏହାକୁ ପାଇଲଟ୍ ପ୍ରକଳ୍ପ ଭାବରେ ରାଜ୍ୟର ୭ଟି ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଛି । ନାମ ପଂଜୀକରଣ ସମୟରେ ଚାଷୀମାନେ ଦେଇଥିବା ତଥ୍ୟ ଅନୁସାରେ ସଂପୃକ୍ତ ପ୍ଲଟ୍ ରେ ଧାନଚାଷ କରାଯାଇଛି କି ନାହିଁ, ସେ ସଂପର୍କରେ ଯାଂଚ କରାଯାଉଛି । ଆଜି ଲୋକସେବା ଭବନଠାରେ ଆୟୋଜିତ ବୈଠକରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯାଂଚ କାର୍ଯ୍ୟର ଅଗ୍ରଗତି ସଂପର୍କରେ ସମୀକ୍ଷା କରି ସଂପୂର୍ଣ୍ଣ ପ୍ରକ୍ରିୟାକୁ ଶୀଘ୍ର ସାରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏକ ନିର୍ଭୁଲ ଚାଷୀ ପଂଜୀକରଣ ତାଲିକା ପ୍ରସ୍ତୁତ କରିବାକୁ ବିଭାଗ ପକ୍ଷରୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯାଉଛି ଓ ପ୍ରକୃତ ଚାଷୀମାନେ ଯେପରି ସର୍ବନିମ୍ନ ସହାୟକ ମୂଲ୍ୟରେ ମଣ୍ଡିରେ ସେମାନଙ୍କ ଖରିଫ ଧାନ ବିକ୍ରି କରିପାରିବେ ସେଥି ନିମନ୍ତେ ରାଜ୍ୟ ସରକାର ପ୍ରାଥମିକତା ପ୍ରଦାନ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ଓରସାକ୍ ସହାୟତାରେ ସାଟେଲାଇଟ୍ ଦ୍ୱାରା ଉତୋଳିତ ଫଟୋଚିତ୍ର ବିଶ୍ଳେଷଣ ମାଧ୍ୟମରେ ଧାନଚାଷ ସଂପର୍କରେ ପ୍ରକୃତ ତଥ୍ୟ ସଂଗ୍ରହରେ ସହାୟକ ହୋଇପାରୁଛି । ଉତୋଳିତ ହାଇ ରିଜୋଲ୍ୟୁସନ୍ ଫଟୋଚିତ୍ରକୁ ରାଜସ୍ୱ ବିଭାଗର କାଡାଷ୍ଟ୍ରାଲ୍ ମ୍ୟାପ୍ ଓ ଜମିଜମା ପଟ୍ଟା ସହିତ ଜିଓ ରେଫରେନ୍ସିଂ ମାଧ୍ୟମରେ ମେଳ କରାଯାଇ ଧାନଚାଷ ସମ୍ବନ୍ଧିତ ପ୍ଲଟ ଯାଂଚ କରାଯାଉଛି । ଏଥି ସହିତ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବିଭାଗ ଦ୍ୱାରା ମଣ୍ଡିରେ ଧାନସଂଗ୍ରହ କାର୍ଯ୍ୟ ସଂପର୍କରେ ସମୀକ୍ଷା କରି ମଣ୍ଡି ଦାୟିତ୍ୱରେ ଥିବା କ୍ଷେତ୍ର ଅଧିକାରୀମାନେ ଅଧିକ ତତ୍ପର ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ପ୍ରତ୍ୟେକ ମଣ୍ଡିରେ ଜିଲ୍ଲା ଧାନସଂଗ୍ରହ କମିଟି ଦ୍ୱାରା ପ୍ରସ୍ତୁତ ଧାର୍ଯ୍ୟ ତାରିଖରେ ଧାନକିଣା କାର୍ଯ୍ୟ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ମଣ୍ଡିରେ ମାସ୍କ ପରିଧାନ, ସାମାଜିକ ଦୂରତ୍ୱ, ସାନିଟାଇଜର ବ୍ୟବହାର ସହିତ ସମସ୍ତ କୋଭିଡ୍ ମାର୍ଗଦର୍ଶିକାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ବୈଠକରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ବୀରବିକ୍ରମ ଯାଦବ ସାଟେଲାଇଟ୍ ଇମେଜରି ମାଧ୍ୟମରେ ଯାଂଚ ପ୍ରକ୍ରିୟା ଏବଂ ଖରିଫ୍ ଧାନସଂଗ୍ରହର ସଦ୍ୟତମ ସ୍ଥିତି ସଂପର୍କରେ ଆଲୋଚନା କରିଥିଲେ । ବୈଠକରେ ଓରସାକ୍ ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପି.କେ. ମଲ୍ଲିକଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ।

# ପାଂଚଯୋଡ଼ା ଟ୍ରେନ ପାଇଁ ଅତିରିକ୍ତ ରହଣି

ଭୁବନେଶ୍ୱର,୦୮/୧୨ (ନି.ପ୍ର): ଯାତ୍ରୀମାନଙ୍କ ସୁବିଧା ପାଇଁ ଏବଂ ନିୟମିତ ଟ୍ରେନଗୁଡ଼ିକ ସ୍ୱାଭାବିକ ଭାବେ ଚଳାଚଳ କରିବା ପରେ, ପୂର୍ବ ତଟ ରେଳପଥ ମଧ୍ୟରେ ନିମ୍ନଲିଖିତ ଷ୍ଟେସନରେ ପ୍ରଦତ ଟ୍ରେନ୍‌ଗୁଡ଼ିକ ଅତିରିକ୍ତ ରହଣି କରିବ । ଏହାବ୍ୟତୀତ, କେନ୍ଦ୍ରୀୟ ରେଳପଥ ପରିସୀମା ମଧ୍ୟରେ ଦୁଇଯୋଡ଼ି ଟ୍ରେନ୍ କେତେକ ଷ୍ଟେସନ ଠାରେ ସମୟ ସଂଶୋଧିତ କରିବ । ଅତିରିକ୍ତ ରହଣି ଯୋଗାଇବାକୁ ଥିବା ଟ୍ରେନ୍‌ଗୁଡ଼ିକ ହେଉଛି ବିଶାଖାପାଟନମ୍-ଦିଘା-ବିଶାଖାପାଟନମ୍ ସାପ୍ତାହିକ ସୁପର ଫାଷ୍ଟ ଏକ୍ସପ୍ରେସ, ହାଓଡ଼ା-ପୁରୀ-ହାଓଡ଼ା ସୁପର ଫାଷ୍ଟ ଏକ୍ସପ୍ରେସ, ପୁରୀ- ଅହମ୍ମଦାବାଦ-ପୁରୀ ସାପ୍ତାହିକ ସୁପର ଫାଷ୍ଟ ଏକ୍ସପ୍ରେସ, ବିଶାଖାପାଟନମ୍- କୋରବା-ବିଶାଖାପାଟନମ୍ ଏକ୍ସପ୍ରେସ୍ ଏବଂ ଗାନ୍ଧୀଧାମ-ପୁରୀ-ଗାନ୍ଧୀଧାମ ସାପ୍ତାହିକ ସୁପର ଫାଷ୍ଟ ଏକ୍ସପ୍ରେସ । ବିଶାଖାପାଟନମ୍-ଦିଘା-ବିଶାଖାପାଟନମ୍ ସାପ୍ତାହିକ ସୁପର ଫାଷ୍ଟ ଏକ୍ସପ୍ରେସ । ନନ୍ଦୁରା ଏବଂ ମାଲକାପୁର ଷ୍ଟେସନରେ ପୁରୀ-ଅହମ୍ମଦାବାଦ ଏକ୍ସପ୍ରେସର ସଂଶୋଧିତ ସମୟ ସାରଣୀ ୧୨୮୪୩ ପୁରୀ-ଅହମ୍ମଦାବାଦ ଏକ୍ସପ୍ରେସ ନନ୍ଦୁରା ଷ୍ଟେସନ ଠାରେ ସନ୍ଧ୍ୟା ୭ଘ.୩୯ମି.ରେ ପହଂଚିବ ଏବଂ ସନ୍ଧ୍ୟା ୭ଘ.୪୦ମି.ରେ ଛାଡିବ । ଏହି ଟ୍ରେନ୍ ମାଲକାପୁର ଷ୍ଟେସନ ଠାରେ ସନ୍ଧ୍ୟା ୮ଘ.୦୩ମି.ରେ ପହଂଚିବ ଏବଂ ପୂର୍ବ ନିର୍ଦ୍ଧାରିତ ସମୟ ବଦଳରେ ସନ୍ଧ୍ୟା ୮ଘ.୦୫ମି.ରେ ଅହମ୍ମଦାବାଦ ଅଭିମୁଖେ ଯାତ୍ରାକରିବ । ଭୁସାୱଲ ଏବଂ ଜଲଗାଓଁ ଷ୍ଟେସନରେ ପୁରୀ-ସୁରଟ ଏକ୍ସପ୍ରେସର ସଂଶୋଧିତ ସମୟ ସାରଣୀ ୨୨୮୨୭ ପୁରୀ-ସୁରଟ ଏକ୍ସପ୍ରେସ ଭୁସାୱଲ ଷ୍ଟେସନ ଠାରେ ରାତ୍ରି ୯ଘଟିକାରେ ପହଂଚିବ ଏବଂ ରାତ୍ରି ୯ଘ.୦୫ମି.ରେ ଛାଡିବ । ଏହି ଟ୍ରେନ୍ ଜଲଗାଓଁ ଷ୍ଟେସନରେ ରାତ୍ରି ୯ଘ.୨୭ମି.ରେ ପହଂଚିବ ଏବଂ ପୂର୍ବ ନିର୍ଦ୍ଧାରିତ ସମୟ ପରିବର୍ତ୍ତେ ରାତ୍ରି ୯ଘ.୩୦ମି.ରେ ସୁରଟ ଅଭିମୁଖେ ଯାତ୍ରା କରିବ । ବିଭିନ୍ନ ସ୍ଥାନରେ ଉପରୋକ୍ତ ଟ୍ରେନ୍ ପାଇଁ ନିର୍ଦ୍ଧାରିତ ସମୟ ଏବଂ ରହଣି ଷ୍ଟେସନ ଅପରିବର୍ତ୍ତିତ ରହିବ ।

# ସରକାରୀ ରକ୍ତଭଣ୍ଡାରରୁ ଘରୋଇ ଡାକ୍ତରଖାନା ରକ୍ତ ଗ୍ରହଣ କରିବା ପାଇଁ ଦାବି

ଭୁବନେଶ୍ୱର,୦୮/୧୨ (ନି.ପ୍ର): ଆମ ରାଜ୍ୟରେ କିଛି ଘରୋଇ ଡାକ୍ତରଖାନା ନିଜସ୍ୱ ରକ୍ତ ଭଣ୍ଡାରରୁ ରକ୍ତ ନେବା ପାଇଁ ରୋଗୀମାନଙ୍କୁ ବାଧ୍ୟ କରୁଛନ୍ତି । ଘରୋଇ ରକ୍ତ ଭଣ୍ଡାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରୁ ରକ୍ତ ସଂଗ୍ରହ କରିବାର ଅଧୀକାର ନଥିବା ଯୋଗୁଁ ଓ ସରକାରୀ କିମ୍ବା ରେଡକ୍ରସ୍ ରକ୍ତ ଭଣ୍ଡାରରୁ ଘରୋଇ ଡାକ୍ତରଖାନାମାନେ ରକ୍ତ ଗ୍ରହଣ କରୁନଥିବାରୁ ରକ୍ତ ଗଛିତ ଥିଲେ ମଧ୍ୟ ରୋଗୀଙ୍କ ପାଇଁ ରକ୍ତଦାତା ଖୋଜାପଡୁଛି । କେବଳ ସେତିକି ନୁହେଁ ରକ୍ତ ଗ୍ରହିତାଙ୍କୁ ମଧ୍ୟ ତିନି/ଚାରି ଗୁଣ ଅଧିକ ଖର୍ଚ୍ଚ କରିବାକୁ ପଡୁଛି । ଏଥିପାଇଁ ରକ୍ତ ଗ୍ରହିତା ମାନେ ବହୁ ଅସୁବିଧାର ସମ୍ମୁଖିନ ହେଉଥିବାବେଳେ ରକ୍ତଦାତାମାନେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ରକ୍ତଦାନ ପାଇଁ ଅରାଜି ହେଉଛନ୍ତି । ସରକାରୀ ଓ ରେଡକ୍ରସ୍ ରକ୍ତ ଭଣ୍ଡାରରୁ ସମସ୍ତ ଘରୋଇ ଡାକ୍ତରଖାନାମାନେ ରକ୍ତ ଗ୍ରହଣ କରିବା ପାଇଁ ଓଡିଶା ସ୍ୱେଚ୍ଛାକୃତ ରକ୍ତଦାତା ଓ ମୋଟିଭେଟର ଆସୋସିଏସନ ପକ୍ଷରୁ ଦାବି କରାଯାଇଛି ।

# ରୋଟାରୀ ଗଭର୍ଣ୍ଣର ଶାନ୍ତନୁ ପାଣିଙ୍କୁ ୨୦୨୨ ବର୍ଷର ଗୁରୁପ୍ରଣାମ ସମ୍ମାନ

ଭୁବନେଶ୍ୱର,୦୮/୧୨ (ନି.ପ୍ର): ମହର୍ଷି ଦୟାନନ୍ଦଙ୍କ ପ୍ରତିଷ୍ଠିତ ଆର୍ଯ୍ୟସମାଜର ସହଯୋଗୀ ଅନୁଷ୍ଠାନ ସ୍ୱାମୀ ଦୟାନନ୍ଦ ସର୍ଭିସ ମିଶନ ପକ୍ଷରୁ ଦୀର୍ଘ ୨୨ବର୍ଷ ଧରି ପ୍ରଦାନ କରାଯାଉଥିବା ଗୁରୁପ୍ରଣାମ ସମ୍ମାନ, ୨୦୨୨ ବର୍ଷ ପାଇଁ ବିଶିଷ୍ଟ ଶିକ୍ଷା ସଂଗଠକ ତଥା ଶିକ୍ଷାବିତ୍ ରୋଟାରିଆନ ଶାନ୍ତନୁ କୁମାର ପାଣି, ବିଶିଷ୍ଟ ପାଲାଚାର୍ଯ୍ୟ, ଯୁବ ଗାୟକ ନୃସିଂହ ଚରଣ ହୋତା ଓ କବୟତ୍ରୀ ଶ୍ରୀମତୀ ନମିତା କୁମାରୀ ପଣ୍ଡାଙ୍କୁ ଶିକ୍ଷା, ସାହିତ୍ୟ, ଭାଷା ଓ ସଂସ୍କୃତି କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ପ୍ରଦାନ କରାଯିବ ବୋଲି ଅନୁଷ୍ଠାନର ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

# ମମିତା ଘଟଣାରେ ରାଜନୈତିକ ଫାଇଦା ହାସଲ ପାଇଁ ନାଟକବାଜି କରୁଛି ବିଜେପି : ବିଜେଡି

ଭୁବନେଶ୍ୱର,୦୮/୧୨ (ନି.ପ୍ର): ମମିତା ମେହେର ହତ୍ୟାା ମାମଲାକୁ ନେଇ ବିଜେପି ତୁମ୍ଭିତୋଫାନ କରିବା ସହିତ ଏଭଳି ଏକ ସମ୍ବେଦନଶୀଳ ମାମଲାରେ ରାଜନୈତିକ ଫାଇଦା ହାସଲ ପାଇଁ ବିଧାନସଭା ଭିତରେ ଓ ବାହାର ନାଟକବାଜି କରୁଛି । ହେଲେ ସେପଟେ ମମିତା ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁକୁ ବଂଚାଇବା ଲାଗି ବିଜେପି ନେତାମାନେ ସାଙ୍ଘାତିକ ଷଡଯନ୍ତ୍ର କରିଛନ୍ତି ବୋଲି କହିଛନ୍ତି ବିଜେଡି ବିଧାୟକ ପ୍ରତାପ ଦେବ ।

ଶ୍ରୀ ଦେବ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଦଳର ଜଣେ ସକ୍ରିୟ ସଦସ୍ୟ ତଥା ଜଣାଶୁଣା ନେତା ମୋହନ ଲାଲ୍ ଶର୍ମାଙ୍କୁ କଂଟାବାଞ୍ଜି ଏଡିଜେ କୋର୍ଟରେ ଗୋବିନ୍ଦ ସପକ୍ଷରେ କେସ୍ ଲଢାଉଛନ୍ତି । ଏଥିରୁ ବିଜେପି ନେତାଙ୍କ ଅସଲ ଚେହେରା ପଦାରେ ପଡ଼ିଯାଇଛି । ଏହି ଜଘନ୍ୟ ମାମଲାରେ ଗୋବିନ୍ଦଙ୍କ ଓକିଲ ସାଜିଥିବା ମୋହନ ଲାଲ୍ ଶର୍ମା କଂଟାବାଞ୍ଜିରେ ବିଜେପିର ଜନସମ୍ପର୍କ ଯାତ୍ରାଠୁ ଆରମ୍ଭ କରି ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରନ୍ତି । ୨୦୧୯ ନିର୍ବାଚନରେ କଂଟାବାଞ୍ଜିରୁ ବିଜେପି ପ୍ରାର୍ଥୀ ହେବା ଲାଗି ମଧ୍ୟ ସେ ଦୌଡ଼ରେ ଥିଲେ । ଏହାଛଡ଼ା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ବିଜେପିର ପୂର୍ବତନ ସଭାପତି ବସନ୍ତ ପଣ୍ଡା ଏବଂ ଦଳର ଅନ୍ୟ ବରିଷ୍ଠ ନେତାଙ୍କର ଘନିଷ୍ଠ ଭାବେ ସେ ବେଶ୍ ଜଣାଶୁଣା । ଏହା ପଛରେ ଯେ ଏକ ବଡ଼ ଷଡଯନ୍ତ୍ର ରହିଛି, ତାହା ଜଳଜଳ ହୋଇ ଦିଶୁଥିବା ଶ୍ରୀ ଦେବ କହିଛନ୍ତି ।

ମମିତା ହତ୍ୟା ମାମଲାରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସଂପୃକ୍ତି ରହିଛି ବୋଲି ଅଭିଯୋଗ କରୁଥିବା ବିଜେପି ସେ ବାବଦରେ କୌଣସି ପ୍ରମାଣ ଦେଇପାରୁ ନାହିଁ । ଅଥଚ ଅଭିଯୁକ୍ତ ଗୋବିନ୍ଦକୁ ଫାଶୀଦଣ୍ଡରୁ ରକ୍ଷା କରିବାକୁ ପ୍ରମାଣ ଯୋଗାଡ଼ କରି ତଦନ୍ତକୁ ଦିଗହରା କରିବାକୁ ବିଜେପି ଅପଚେଷ୍ଟା କରୁଛି । ପୂର୍ବରୁ ନୟାଗଡ଼ ପରୀ ହତ୍ୟା ମାମଲାରେ ମଧ ବିଜେପି ନେତାମାନେ ଏହିଭଳି ହୀନ ରାଜନୀତି କରିଥିଲେ । ଏସ୍ଆଇଟି ତଦନ୍ତରୁ ଅଭିଯୁକ୍ତ ଧରା ପଡ଼ିଯିବା ପରେ ହାଇକୋର୍ଟ ତଦନ୍ତରେ ସନ୍ତୋଷ ପ୍ରକାଶ କରିଥିଲେ । ମାତ୍ର ରାଜନୈତିକ ସ୍ୱାର୍ଥ ଲାଗି ଅଭିଯୁକ୍ତକୁ ବଂଚାଇବାକୁ ସେତେବେଳେ କୋର୍ଟରେ ବଡ଼ ଓକିଲଙ୍କୁ କିଏ ନିଯୁକ୍ତ କରିଥିଲା ବୋଲି ଶ୍ରୀ ଦେବ ପ୍ରଶ୍ନ କରିଛନ୍ତି । ବାରମ୍ବାର ଏମିତି ଶବ ଉପରେ ବିଜେପି ରାଜନୀତି କରୁଥିଲା ବୋଲି ସମସ୍ତେ ଜାଣିଥିଲେ । ମାତ୍ର ଏବେ ଅଭିଯୁକ୍ତକୁ ଖସାଇବାକୁ ଷଡ଼ଯନ୍ତ୍ର କରୁଥିବା କଥା ପଦାରେ ପଡିଯିବା ପରେ ବିଜେପି ନେତାଙ୍କ ମୁଖା ଖୋଲିଯାଇଛି । ଏହା ଅତ୍ୟନ୍ତ ଲଜ୍ଜାଜନକ ଓ ନିନ୍ଦନୀୟ ଏବଂ ବିଜେପି ଏ ପାପ କେଉଁଠି ଧୋଇବ ତାହା ଏବେ ରାଜ୍ୟବାସୀ ପ୍ରଶ୍ନ କରୁଥିବା ଶ୍ରୀ ଦେବ କହିଛନ୍ତି ।

# ଭାରତ ଗୌରବ ଟ୍ରେନ ପ୍ରଚଳନ ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଟୁର୍ ଆଣ୍ଡ ଟ୍ରାଭେଲ ଅପରେଟରମାନଙ୍କ ସହିତ ବୈଠକ

ଭୁବନେଶ୍ୱର,୦୮/୧୨ (ନି.ପ୍ର): ଗତ ନଭେମ୍ବର ମାସ ଶେଷ ସପ୍ତାହରେ ଭାରତୀୟ ରେଳବାଇ ଭାରତ ଗୌରବ ଟ୍ରେନ୍ ନୀତି ପ୍ରାରମ୍ଭ କରିଛି । ଭାରତ ଗୌରବ ଟ୍ରେନ୍ ନାମକ ବିଷୟବସ୍ତୁ ଆଧାରିତ ଟୁରିଷ୍ଟ ସର୍କିଟ୍ ଟ୍ରେନ୍ ଚଳାଇ ଭାରତର ସମୃଦ୍ଧ ସାଂସ୍କୃତିକ, ଐତିହ୍ୟ ଏବଂ ଭବ୍ୟ ଐତିହାସିକ ସ୍ଥାନଗୁଡ଼ିକ ଭାରତ ତଥା ବିଶ୍ୱର ଲୋକଙ୍କୁ ପ୍ରଦର୍ଶନ କରିବା ଏହି ନୀତିର ଉଦ୍ଦେଶ୍ୟ ଅଟେ ।

ପୂର୍ବତଟ ରେଳପଥ ପକ୍ଷରୁ ଡିସେମ୍ବର ୭ ତାରିଖ ଦିନ(ମଙ୍ଗଳବାର) ଆଭାସୀ ମାଧ୍ୟମରେ ଏହି ସମ୍ବନ୍ଧୀୟ ଏକ ବୈଠକ ଆୟୋଜିତ ହୋଇଯାଇଅଛି ଯେଉଁଠାରେ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶର ଟୁର୍ ଆଣ୍ଡ ଟ୍ରାଭେଲ ଅପରେଟରମାନେ ଅଂଶଗ୍ରହଣ କରିଥିଲେ । ପୂର୍ବତଟ ରେଳପଥ ମୁଖ୍ୟ ବାଣିଜ୍ୟକ ପ୍ରବନ୍ଧକ(ପାସେଞ୍ଜର ମାର୍କେଟିଂ) ଶ୍ରୀ ପି.ସି. ସାହୁ ଏହି ଟ୍ରେନ ସମ୍ବନ୍ଧୀୟ ବୈଶିଷ୍ଟ୍ୟକୁ ସଂକ୍ଷେପରେ ବର୍ଣ୍ଣନା କରିଥିଲେ । ପୂର୍ବତଟ ରେଳପଥର ମୁଖ୍ୟ ଯାତ୍ରୀ ଯାତାୟାତ ପ୍ରବନ୍ଧକ ଶ୍ରୀ ଜେ.ପି.ମିଶ୍ର ଏବଂ ଉପ ମୁଖ୍ୟ ଯାନ୍ତ୍ରିକ(ମେକାନିକାଲ) ଯନ୍ତ୍ରୀ(କୋଚିଂ) ଏହି ବୈଠକରେ ମଧ୍ୟ ଯୋଗ ଦେଇଥିଲେ ।

ଏହି ଯୋଜନା ଅଧିନରେ ପଞ୍ଜୀକୃତ ସେବା ପ୍ରଦାନକାରୀଙ୍କୁ ଭାରତ ଗୌରବ ଟ୍ରେନ୍ ଚଳାଚଳ ପାଇଁ ଭାରତୀୟ ରେଳବାଇ ଦ୍ୱାରା ବ୍ୟବହାର କରିବାର ଅଧିକାର ଆଦର୍ଶ ଅଧିନରେ ରେକ୍ ପ୍ରଦାନ କରାଯିବ । ବିଷୟବସ୍ତୁ, ଟୁର୍ ପ୍ୟାକେଜ୍ ଏବଂ ମୂଲ୍ୟ ସ୍ଥିର କରିବାକୁ ସେବା ପ୍ରଦାନକାରୀଙ୍କର ନମନୀୟତା ରହିବ ଏବଂ ରେଳ ଭ୍ରମଣ, ହୋଟେଲ ରହଣି, ଦର୍ଶନୀୟ ସ୍ଥାନ ସମେତ ପର୍ଯ୍ୟଟକଙ୍କୁ ସମସ୍ତ ପ୍ରକାର ଦେୟ ଅର୍ନ୍ତଭୁକ୍ତ ପ୍ୟାକେଜ୍ ପ୍ରଦାନ କରିବାର ସ୍ୱାଧୀନତା ମଧ୍ୟ ରହିବ । ଆଗ୍ରହୀ ସେବା ପ୍ରଦାନକାରୀ ଭାରତ ଗୌରବ ଟ୍ରେନ୍ ଅଧିନରେ ଅନଲାଇନ୍ www.indianrailways.gov.in ପଞ୍ଜିକରଣ ପ୍ରୟୋଗ କରିପାରିବେ । ଘରୋଇ ଅପରେଟରମାନଙ୍କୁ ସର୍ବନିମ୍ନ ଦୁଇବର୍ଷ ଏବଂ କୋଚଗୁଡ଼ିକର ଅବଶିଷ୍ଟ କୋଡାଲ୍ ଲାଇଫ୍ ପର୍ଯ୍ୟନ୍ତ କୋଚ୍ ପ୍ରଦାନ କରାଯିବ । ଭାରତ ଗୌରବ ଟ୍ରେନରେ ସର୍ବନିମ୍ନ ୧୪ ଟି କୋଚ୍ ଏବଂ ୨ ଟି SLR(ସିଟିଂ-କମ-ଲଗେଜ୍ କୋଚ୍) ସହିତ ସର୍ବାଧିକ ୨୦ ଟି କୋଚ୍ ରହିବ । ସେବା ପ୍ରଦାନକାରୀମାନେ ଟ୍ରେନର ଭିତର ଓ ବାହ୍ୟକୁ ସଜାଇ ପାରିବେ ଏବଂ ଟ୍ରେନର ତୃତୀୟ ପକ୍ଷ ବିଜ୍ଞାପନ ଏବଂ ବ୍ରାଣ୍ଡିଂରୁ ରୋଜଗାର ମଧ କରିପାରିବେ । ସେବା ପ୍ରଦାନକାରୀ ମାନେ ମଧ ଲଗେଜ୍ ପରିବହନ ପାଇଁ ଟ୍ରେନର ୫ଖଜ ଅଂଶ ବ୍ୟବହାର କରିପାରିବେ । ପ୍ରତ୍ୟେକ ଭାରତ ଗୌରବ ଟ୍ରେନ୍ ଏକ ସ୍ୱତନ୍ତ୍ର ନମ୍ବର ରହିବ ଏବଂ ଅନ୍ୟ ମେଲ୍/ଏକ୍ସପ୍ରେସ ଟ୍ରେନ୍ ସହିତ ସମାନତା ଦିଆଯିବ । ସେବା ପ୍ରଦାନକାରୀ ଏବଂ ଟୁର୍ ଅପରେଟରଙ୍କ ସମସ୍ୟାର ତୁରନ୍ତ ସମାଧାନ ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଏକ ଗ୍ରାହକ ସହାୟତା ୟୁନିଟ୍ ମଧ୍ୟ ସ୍ଥାପନା କରାଯାଇଅଛି ।

# ଆର୍ଯ୍ୟ ସମାଜ ଓ ସ୍ୱାମୀ ଦୟାନନ୍ଦ

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଦୟାନନ୍ଦ ରାଜାଙ୍କ ପାଖକୁ ଗଲା ବେଳକୁ ସେ, ନାନୀଜାନ ନାମକ ଜଣେ ମୁସଲମାନ ନର୍ତ୍ତକୀ ସହ ଥିଲେ । ଆଚାର୍ଯ୍ୟ ବିରକ୍ତ ହୋଇ ତାକୁ ବାହାର କରିବାକୁ ଆଦେଶ ଦେଲେ ଓ ପବିତ୍ର ଜୀବନ ଯାପନ କଲେ ହିଁ ଶିଷ୍ୟ ହେବାର ଯୋଗ୍ୟତା ପାଇବେ ବୋଲି କହିଲେ । ନାନୀ ଅପମାନିତ ହୋଇ ପ୍ରତିଶୋଧ ନେବାକୁ ଇଛା କରି ସ୍ୱାମିଜୀଙ୍କ ରୋଷେୟା ଜଗନ୍ନାଥକୁ ଲାଞ୍ଚଦେଇ ବଶ କଲା ଓ ସ୍ୱାମିଜୀଙ୍କୁ କାଚ ଖଣ୍ଡ ମିଶ୍ରିତ କ୍ଷୀର ପିଇବାକୁ ଦେଇଦେଲା । ସ୍ୱାମିଜୀ ଅସୁସ୍ଥ ହୋଇପଡିଲେ । ତାଙ୍କ ଅବସ୍ଥା ଦେଖି ରୋଷେୟା ଅନୁତପ୍ତ ହୋଇ ନିଜ ଦୋଷ ସ୍ୱୀକାର କଲା । ଆଚାର୍ଯ୍ୟ ତାକୁ ଟଙ୍କା ବସ୍ତାଏ ଦେଇ ଦୂରସ୍ଥାନକୁ ପଳାଇ ଯିବାକୁ ନିର୍ଦ୍ଦେଶ ଦେଲେ, ନଚେତ ରାଜା ଜାଣିଲେ ପ୍ରାଣଦଣ୍ଡ ଦେବେ । ଅନେକ କଷ୍ଟ ସହି ଦିପାବଳୀ ଅକ୍ଟୋବର ୩୦ ତାରିଖ ୧୮୮୩ ମସିହାରେ ଆଜମିର ଠାରେ ସେ ପ୍ରାଣତ୍ୟାଗ କଲେ ।

ସ୍ୱାମୀ ଶ୍ରଦ୍ଧାନନ୍ଦଙ୍କୁ ୧୯୨୬ ମସିହାରେ ଦିଲ୍ଲୀ ଠାରେ ଅବଦୁଲ ରସିଦ ନାମକ ଜଣେ ମୁସଲମାନ ଗୁଳି କରି ହତ୍ୟାକଲା ।

ପଣ୍ଡିତ ଲେଖାରାମ: ସିନ୍ଧୁ ପ୍ରଦେଶର ଶୁଦ୍ଧି ଆନ୍ଦୋଳନର ନେତୃତ୍ୱ ନେଇ ଅହମଦିଆ ମୁସଲମାନ ଶାଖାର ପ୍ରତିଷ୍ଠାତା ମିର୍ଜା ଗୁଲାମ ଅହମଦଙ୍କ ବିଷ ଦୃଷ୍ଟରେ ପଡିଲେ । ଗୁଲାମ ଭବିଷ୍ୟତବାଣୀ କଲେ ଯେ ଅଳ୍ପଦିନରେ ଲେଖାରାମ ନିଧନ ହେବେ । ତାଙ୍କ ପ୍ରରୋଚନାରେ ୧୮୯୭ ମସିହା ମାର୍ଚ୍ଚ ୬ ତାରିଖ ଦିନ ଜଣେ ଆତତାୟୀ ତାଙ୍କୁ ହତ୍ୟାକଲା ।

ଧର୍ମର ରକ୍ଷା ପାଇଁ ଆତ୍ମବଳି ଦେଇଥିବା ଏହି ମହାପୁରୁଷଙ୍କ ନାମ ମଧ୍ୟ ଅନେକ ଜାଣନ୍ତି ନାହିଁ । ଏହା ଠାରୁ ଅଧିକ ଲଜ୍ଜା ଓ କାପୁରୁଷ କାହାଣୀ ଆମ ପାଇଁ କଣ ହୋଇପାରେ? ଆମ ଧର୍ମନିରପେକ୍ଷ ଦେଶରେ ଧର୍ମପାଇଁ ପ୍ରାଣବଳି ଦେଇଥିବା ବ୍ୟକ୍ତିଙ୍କ ପାଇଁ କାନ୍ଦିବାକୁ ମଧ୍ୟ ଆମର ସାହାସ ନାହିଁ,ଏହା ହିଁ ଭାଗ୍ୟର ବିଡମ୍ବନା ।

+ ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର
ମୋ:୯୪୩୭୨୩୫୩୮

# ଧର୍ମପ୍ରାଣା ମହିଳା ଅଞ୍ଜଳି ପାତ୍ରଙ୍କ ପରଲୋକ

ବାଲେଶ୍ୱର,୦୮/୧୨ (ନି.ପ୍ର): 'ବିଜୟାଞ୍ଜଳି ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ସ'ର ପ୍ରତିଷ୍ଠାତା ସ୍ୱର୍ଗତ ବିଜୟ ପାତ୍ରଙ୍କ ସହଧର୍ମିଣୀ ଅଞ୍ଜଳି ପାତ୍ରଙ୍କର ୮୪ ବର୍ଷ ବୟସରେ ବୁଧବାର ପରଲୋକ ହୋଇଯାଇଛି । ବୟସାଧିକ ଯୋଗୁଁ ବିଭିନ୍ନ ରୋଗରେ ପୀଡ଼ିତ ହୋଇ ବାଲେଶ୍ୱର ସହର ଉପକଣ୍ଠ ମେଘଡମ୍ବରସ୍ଥିତ ବାସଭବନରେ ରହି ସେ ଚିକିତ୍ସିତ ହେଉଥିଲେ । ତେବେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଆଜି ହଠାତ ଅଧିକ ଖରାପ ହେବା ଦେଖି ତାଙ୍କୁ ଡାକ୍ତରଖାନା ନେବା ପାଇଁ ପରିବାର ପକ୍ଷରୁ ଉପକ୍ରମ ହେଉଥିବା ବେଳେ ପୂର୍ବାହ୍ନ ପ୍ରାୟ ୧୧ଟା ୨୦ ମିନିଟରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ମୃତ୍ୟୁ ବେଳକୁ ତାଙ୍କ ନିକଟରେ ୨ ପୁଅ ଓ ବୋହୂ, ୬ ଝିଅ ଓ ଜ୍ୱାଇଁଙ୍କ ସମେତ ନାତି ନାତୁଣୀମାନେ ଉପସ୍ଥିତ ଥିଲେ । ତାଙ୍କର ପାର୍ଥିବ ଶରୀରକୁ ଏକ ସୁସଜ୍ଜିତ ଗାଡ଼ିରେ ପୁରୀକୁ ନେଇ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । କନିଷ୍ଠପୁତ୍ର ତଥା ବିଜୟାଞ୍ଜଳି ଶିକ୍ଷାନୁଷ୍ଠାନ ସମୂହର ଚେୟାରମ୍ୟାନ ବିଭୁଦେନ୍ଦୁ ପାତ୍ର ମୁଖାଗ୍ନି ଦେଇଥିଲେ । ଜଣେ ଧର୍ମାପ୍ରାଣା ମହିଳା ଭାବେ ତାଙ୍କର ବିୟୋଗରେ ମେଘଡମ୍ବରୁ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ୭ ଦିନ ଭିତରେ ନୂଆ ସିଡିଏସ୍ ନିଯୁକ୍ତ....

ନାଁ ଘୋଷଣା କରିବାର କାର୍ଯ୍ୟକ୍ରମ ରହିଛି । କୌଣସି କମାଣ୍ଡିଂ ଅଫିସର କିମ୍ବା ଫ୍ଲାଗ ଅଫିସରଙ୍କୁ ନିୟମ ଅନୁସାରେ ସିଡିଏସ୍ ପଦରେ ନିଯୁକ୍ତି ଦିଆଯାଇ ପାରିବ । ତେଣୁ ସରକାର ଯୋଗ୍ୟ ପ୍ରାର୍ଥୀଙ୍କ ନାଁ ଉପରେ ବିଚାର ଆରମ୍ଭ କରିଛନ୍ତି । ୨୦୧୯ ମସିହା ଡିସେମ୍ବର ୩୦ରେ ଭାରତର ସରକାର ଦେଶର ପ୍ରଥମ ସିଡିଏସ୍ ଭାବେ ଜେନେରାଲ ରାୱତଙ୍କୁ ନିଯୁକ୍ତ ଦେଇଥିଲେ । ଏହାପୂର୍ବରୁ ସେ ସ୍ଥଳ ସେନା ମୁଖ୍ୟ ଭାବେ କାମ କରୁଥିଲେ । ସିଡିଏସ୍ ହେବା ପାଇଁ ଜଣେ ଅଧିକାରୀଙ୍କ ବୟସ ୬୫ ବର୍ଷ ଅତିକ୍ରମ କରି ନଥିବା ଦରକାର । ୨୦୧୯ ସ୍ୱାଧୀନତା ଦିବସ ଭାଷଣ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସିଡିଏସ ପଦବୀ ସୃଷ୍ଟି କରାଯିବା ସମ୍ପର୍କରେ ଘୋଷଣା କରିଥିଲେ । ସିଡିଏସ୍ ତିନି ସେନାର ମୁଖ୍ୟ ଭାବେ କାମ କରିବେ । ଏହାକୁ ଆଧାର କରି ଓ ବରିଷ୍ଠତା ଦୃଷ୍ଟିରୁ ଜେନେରାଲ ରାୱତଙ୍କୁ ସିଡିଏସ୍ ଭାବେ ନିଯୁକ୍ତି ଦିଆଯାଇଥିଲା । ଏବେ ଦେଶର ସିଡିଏସ୍ କିଏ ହେବେ, ତା'କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଅନ୍ୟପକ୍ଷରେ ଆସନ୍ତାକାଲି ଦିନ ୧୧.୧୫ରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଲୋକସଭାରେ ହେଲିକପ୍ଟର କ୍ରାଶକୁ ନେଇ ତଥ୍ୟ ଉପସ୍ଥାପନ କରିବେ । ଏହାପରେ ଦିନ ୧୨ଟାରେ ରାଜ୍ୟସଭାକୁ ସେ ଘଟଣା ସମ୍ପର୍କରେ ଅବଗତ କରାଇବେ । ସେହିପରି ତାମିଲନାଡୁରୁ ଶ୍ରୀ ରାୱତ ଓ ପତ୍ନୀ ମଧୁଲିକାଙ୍କ ମରଶରୀରକୁ ଆସନ୍ତାକାଲି ଦିଲ୍ଲୀ ଅଣାଯିବ । ଏହାପରେ ଦିଲ୍ଲୀରେ ହିଁ ଅନ୍ତିମ ସଂସ୍କାର କରାଯିବ । ଘଟଣା ପରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ ବସିଥିଲା । ଏଥିରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଓ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ପ୍ରମୁଖ ଯୋଗଦେଇଥିଲେ ।

## ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ....

ବୁନ୍ଦେଲଖଣ୍ଡ ଅଂଚଳର ସାମାଜିକ ଓ ଆର୍ଥିକ ବିକାଶରେ ଏକ ବଡ ପରିବର୍ତନ ହେବ । ଏହି ପ୍ରକଳ୍ପ ଦ୍ୱାରା ଜଳସେଚନ ସମସ୍ୟା ଦୂର ହେବ । କୃଷି କାର୍ଯ୍ୟ ସହଜ ହେବ ଏବଂ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ମଧ ଉପଲବ୍ଧ ହେବ । ଅଂଚଳର ବିସ୍ଥାପନ ସମସ୍ୟା ଦୂର ହେବା ସହ ଆଗାମୀ ଦିନରେ ଆହୁରି ନଦୀକୁ ସଂଯୋଗୀକରଣ ହେବାର ମାର୍ଗ ପ୍ରଶସ୍ତ କରିବ । ଦେଶର ବିକାଶରେ ପାଣିର ସମସ୍ୟା ନହେଉ, ଏଥିପାଇଁ ମୋଦି ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ।

## ମମିତା ମାମଲାରେ ସପ୍ତମ ଦିନରେ....

ସେମାନେ ଅଭିଯୁକ୍ତଙ୍କ ଓକିଲଙ୍କ ବିଜେପି ସହ ସମ୍ପର୍କ ଥିବା ଦର୍ଶାଉଥିବା ପ୍ଲାକାର୍ଡ ଧରିଥିଲେ । ବାଚସ୍ପତି ବିଧାୟର ମାନଙ୍କୁ କହିଥିଲେ ଯେ ଆଜି ଗୃହ ବିଭାଗର ଖର୍ଚ ଦାବି ଉପରୋ ଆଲୋଚନା ହେବାର ଅଛି । ସେତେବେଳେ ସେମାନେ ତାଙ୍କର କଥା ଉଠାଇ ପାରିବେ । ହେଲେ ବିରୋଧୀ ବିଧାୟକ ମାନେ ତାଙ୍କ କଥା ଶୁଣି ନ ଥିଲେ । ଅଚଳାବସ୍ଥା ଦୂର କରିବାକୁ ଯାଇ ଗୃହକୁ ୧୧.୩୦ ଯାଏ ମୁଲତବୀ ରଖିବା ସହ ସର୍ବଦଳୀୟ ବୈଠକ ଡାକିଥିଲେ । ପରେ ୧୧.୩୩ରୁ ୧୨ ଟା ଯାଏ ଗୃହ ମୁଲତବୀ ହୋଇଥିବା ବେଳେ ପରେ ୪ ଟା ଯାଏ ଗୃହକୁ ମୁଲତବୀ କରା ଯାଇଥିଲା ।

# ଆଦର୍ଶ ଶିକ୍ଷକଙ୍କ ପରଲୋକ



ବସ୍ତା, ୦୮/୧୨ (ନି.ପ୍ର): ବସ୍ତା ବ୍ଲକ ର ଇଡିଦା ଗ୍ରାମର ଗୋଲକ ନାରାୟଣ ଉଚ୍ଚ ଇଂରାଜୀ ବିଦ୍ୟାଳୟର ପୂର୍ବତ୍ତନ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ଦାସ ଙ୍କ ବିୟୋଗ ଆଜି ସକାଳ ଦିନ ୧୦ଟାସମୟରେ ନିଜ ବାସଭବନ ଦେପଡା ଗ୍ରାମରେ ରେ ତାଙ୍କର ଅକାଳ ବିୟୋଗ ହୋଇଯାଇଛି ୧୯୬୫ମସିହା ଠାରୁ ଉକ୍ତ ବିଦ୍ୟାଳୟ କାଯ୍ୟରତ ଥିଲେ ମୃତ୍ୟୁ ବେଳକୁ ୭୭ବର୍ଷ ହୋଇଥିଲା ସେ ବିଦ୍ୟାଳୟ ରୁ ୨୦୦୨ମସିହାରୁ ଅବସର ନେଲାପରେ ବିଭିନ୍ନ ସଂଗଠନ ରେ ଜଡିତ ଥିଲେ ଯଥା ବାଲେଶ୍ୱର ମେଡିକାଲ କ୍ରୀୟାନୁଷ୍ଠାନର ସକ୍ରୀୟ ସଦସ୍ୟ ଥିଲେ ସେଜଣେ ପରଉପକାରି ଭଲ ମଣିଷ ଭାବେ ସେ ଅଞ୍ଚଳ ବେସ ପରିଚିତ ଥିଲେ ତାଙ୍କରଏହିଅକାଳ ଅକାଳ ବିୟୋଗ ଖବର ପଚାରିତ ହେବାଫଳରେ ସ୍ଥାନୀୟ ସରପଞ୍ଚ ଦେବୀ ପ୍ରସାଦ ଭଞ୍ଜ ସମେତ ପୂର୍ବତନ ଛାତ୍ର ଛାତ୍ରୀ, ସେ ଅଞ୍ଚଳର ସାରୁଙ୍କୁ ଭଲପାଉଥିବା ଲୋକମାନେ ଶେଷ ଦର୍ଶନ କରିଥିଲେ ତାଙ୍କର ତିନିପୁଅ ଏକ ଝିଅ ଅଛନ୍ତି ବଡପୁଅ ମୁଖାଗ୍ନି ଦେଇଥିଲେ ।

# ଖୋର୍ଦ୍ଧା ପାଇକ ସ୍ମୃତି ପାଇଁ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ଖୋର୍ଦ୍ଧା, ୦୮/୧୨ (ନି.ପ୍ର): ବରୁଣାଇ ପାହାଡ଼ ପାଦଦେଶରେ ୧୦ଏକର ଯାଗାରେ ଆମ ଭାରତର ରାଷ୍ଟ୍ର ପତି ରାମ ନାଥ ଗୋବିନ୍ଦ ଗତ ୨୦୨୦ ଉକ୍ତ ଦିନ ବରୁଣାଇ ପାହାଡ ପାଦଦେଶରେ ଏକ ପାଇକ ସ୍ମୃତି ସ୍ଥଳ କରିବାକୁ ଶୁଭ ଦେଇ ଥିଲେ । ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହ ଖୋର୍ଦ୍ଧା ଗଡ଼ ଠାରୁ ଆରମ୍ଭ ହୋଇ ଥିଲା । ଏହାର ୨୦୦ ବର୍ଷ ପୂର୍ତୀ ପାଳନ ତିନିଦିନ ୨୦୧୮ ମାର୍ଚ୍ଚ ୨୯ ତାରିଖ ଠାରୁ ମାର୍ଚ୍ଚ ୩୧ ତାରିଖ ପର୍ଯେନ୍ତ ପାଳନ କରାଯାଇ ଥିଲା ।ଏହି ଯାଗା ଚିହ୍ନଟ ପକ୍ରୀୟା ପ୍ରାୟ ଶେଷ ହୋଇଛି । ମାତ୍ର ଖୋର୍ଦ୍ଧା ଜିଲ୍ଲା ପାଳ ପାଇକ ସ୍ମୃତି ପରିଷଦ ନାମରେ ଜଗାଟି ହସ୍ତାନ୍ତରିତ କଲେ କାର୍ଯ୍ୟ ଆରମ୍ଭ ହେବ । ଏଥି ପାଇଁ ଭାରତ ସରକାର ସଂସ୍କୃତି ବିଭାଗ ପ୍ରାୟ ବହୁ ସହ କୋଟି ଅନୁଦାନ ରାଶି ସ୍ୱୀକୃତି ଦେଇଛନ୍ତି । କାର୍ଯ୍ୟ ଆରମ୍ଭ ହେବା ବିଳମ୍ବ ହେଉଛି । ଖୋର୍ଦ୍ଧା ଜିଲ୍ଲା ଏକ ଅଗ୍ରଣୀ ଏନଜିଓ



ନିଉଥିଙ୍କିଂ ଫୋରମ, ସଭାପତି ଶ୍ରୀଯୁକ୍ତ ନରେନ୍ଦ୍ର ପୃଷ୍ଟି ଓ ଏହାର କର୍ମକର୍ତା ଆହ୍ୱାନରେ ଏକ ବିରାଟ ସଭା ଦ୍ୱିତୀୟ ବର୍ଷ ପାଇକ ସ୍ମୃତି ପୀଠରେ ହୋଇ ଥିଲା ।ଏହି ସଭାରେ ଖୋର୍ଦ୍ଧା ବିଧାୟକ ଶ୍ରୀଯୁକ୍ତ ଜୀତୁ ମିତ୍ର, ବେଗୁନିଆ ବୋଲଗଡ଼ ବିଧାୟକ ଓ ଯୋଜନା ବୋର୍ଡ଼ ଅଧକ୍ଷ, ଶ୍ରୀଯୁକ୍ତ ରାଜେନ୍ଦ୍ର ସାହୁ, ବିଜେଡ଼ି, କଂଗ୍ରେସ ବିଧାୟକ ଶ୍ରୀ ଶୁରେଶ କୁମାର ରାଉତରାୟ, ପୂର୍ତନ କଂଗେସ ବିଧାୟକ ଶ୍ରୀଯୁକ୍ତ ଦିଲୀପ ଶ୍ରୀଚନ୍ଦନ ଓ ଦଳ ମତ ନିର୍ବିଶେଷରେ ଖୋର୍ଦ୍ଧା ଜନସାଧାଣ, ପାଇକ ଗୁରୁ ମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ ଓ ଖୋର୍ଦ୍ଧା ପାଇକ ବିରମାନେ ଏକ ଦାବିପତ୍ର ଖୋର୍ଦ୍ଧା ଜିଲ୍ଲାପାଳ ଙ୍କ ଉଦ୍ଦେଶ୍ୟରେ ଏକ ରାଲିରେ ଆସି ସୋଗ୍ଲାନ ଦେଇ ଦାପି ପତ୍ର ଦିଆଯାଇଥିଲା । ଏହି ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ଦକ୍ଷ ମନୋଜ କୁମାର ପାଢ଼ୀ ଆସି ଗ୍ରହଣ କରିଥିଲେ । ଉକ୍ତ ସଭାରେ ସ୍ତଳରେ ୧୦୦ ପାଇକ ବୀରମାନଙ୍କୁ ସନମାନିତ କରାଯାଇଥିଲା । ବର୍ତ୍ତମାନର ଧ୍ୱନି ପ୍ରତିଧ୍ୱନି ସାମ୍ବାଦିକ ଖୋର୍ଦ୍ଧା ଜିଲ୍ଲା ଓ ପୂର୍ବତନ ସ୍ୱାସ୍ଥ୍ୟ ସେବା ଖୋର୍ଦ୍ଧା ଜିଲ୍ଲା ପର୍ଯ୍ୟବେକ୍ଷକ ଈଶ୍ୱର ଚନ୍ଦ୍ର ମଙ୍ଗରାଜ ତାଙ୍କ କାର୍ଯ୍ୟ ପାଇଁ ବିଧାୟିକ ମାନଙ୍କ ଉପସ୍ଥିତିରେ, ମଞ୍ଚାସିନ ଖୋର୍ଦ୍ଧା ପ୍ରତିଷ୍ଠିତ ପାଇକ ବିରମାନକ ଉପସ୍ଥିତିରେ ସମସ୍ତ ୧୦୧ ଜଣକୁ ପାଇକ ମୁକୁଟ, ସହ ମାନ ପତ୍ର ପ୍ରଦାନ କରାଯାଇଥିଲା । ଏହି ସଭା ପାଇଁ ଶ୍ରୀଯୁକ୍ତ ନରେନ୍ଦ୍ର ପୃଷ୍ଟି, ସଭାପତି ନୀଉଥିଙ୍କିଂ ଫୋରମ ଆୟୋଜୋଗ ଭୂରି ଅସି ପ୍ରଶଂସା ଖୋର୍ଦ୍ଧା ଜିଲ୍ଲା ପାଇକ ସମାଜ ପ୍ରଶଂସା କରି ସାଧୁ ବାଦ ଜାନାଇଥିଲେ ।

# ୧୨ରୁ ପୁରୀ ଏବଂ ନ୍ୟୁ ତିନ୍ସୁକିଆ(ଆସାମ) ମଧ୍ୟରେ ସ୍ୱତନ୍ତ୍ର ଟ୍ରେନ

ଭୁବନେଶ୍ୱର, ୦୮/୧୨ (ନି.ପ୍ର): ଯାତ୍ରୀମାନଙ୍କୁ ସୁବିଧାଜନକ ଯାତ୍ରା ଉପଲବ୍ଧ କରାଇବା ପାଇଁ ଆସାମର ନ୍ୟୁ ତିନ୍ସୁକିଆ ଏବଂ ପୁରୀ ମଧ୍ୟରେ ୧୨ ଡିସେମ୍ବର, ୨୦୨୧ ଠାରୁ ଜାନୁୟାରୀ ମାସ ଶେଷ ସପ୍ତାହ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଟ୍ରେନ୍ ଚଲାଇବାକୁ ନିଷ୍ପତି ନିଆଯାଇଅଛି । ୦୫୯୭୦ ନ୍ୟୁ ତିନ୍ସୁକିଆ-ପୁରୀ ସ୍ୱତନ୍ତ୍ର ଟ୍ରେନ ନ୍ୟୁ ତିନ୍ସୁକିଆରୁ ୧୨ ଡିସେମ୍ବର ୨୦୨୧ରୁ ୩୦ ଜାନୁୟାରୀ ୨୦୨୨ ପର୍ଯ୍ୟନ୍ତ ପ୍ରତ୍ୟେକ ରବିବାର ଦିନ ରାତ୍ରି ୧୦ ଘ.୩୦ ମି.ରେ ଛାଡ଼ି ମଙ୍ଗଳବାର ଦିନମାନଙ୍କରେ ପୂର୍ବାହ୍ନ ୧୧ ଘଂଟାରେ ପୁରୀରେ ପହଂଚିବ । ଫେରିବା ମାର୍ଗରେ ୦୫୯୬୯ ପୁରୀ–ନ୍ୟୁ ତିନ୍ସୁକିଆ ସ୍ପେଶାଲ୍ ପୁରୀ ଠାରୁ ୨୦ ଡିସେମ୍ବର ୨୦୨୧ରୁ ୨ ଫେବୃଆରୀ ୨୦୨୨ ପର୍ଯ୍ୟନ୍ତ ପ୍ରତ୍ୟେକ ବୁଧବାର ଦିନ ସକାଳ ୦୫ ଘଂଟାରେ ଛାଡ଼ି ଗୁରୁବାର ଦିନ ଅପରାହ୍ନ ୦୪ ଘ.୪୫ ମି.ରେ ନ୍ୟୁ ତିନ୍ସୁକିଆରେ ପହଂଚିବ । ଏହି ଟ୍ରେନ୍‌ରେ ଗୋଟିଏ ଏସି-୨ ଟାୟାର, ଚାରିଟି ଏସି -୩ ଟାୟାର, ଏକାରଟି ସ୍ଲିପର କ୍ଲାସ, ଚାରିଟି ସାଧାରଣ ଦ୍ୱିତୀୟ ଶ୍ରେଣୀ ଏବଂ ଦୁଇଟି ଗାର୍ଡ଼, ଲଗେଜ ତଥା ସାଧାରଣ ଦ୍ୱିତୀୟ ଶ୍ରେଣୀ କୋଚ୍ ଉପଲବ୍ଧ ଥିବାବେଳେ ଏହା ପୁରୀ ଓ ନ୍ୟୁ ତିନ୍ସୁକିଆ ମଧ୍ୟରେ ଡିବ୍ରୁଗଡ଼, ରଙ୍ଗିୟା, ନ୍ୟୁ ଜଲପାଇଗୁଡ଼ି, ମାଲଦା ଟାଉନ୍, ରାମପୁର ହାଟ, ବର୍ଦ୍ଧମାନ, ଡାଙ୍କୁଣି, ଖଡ଼ଗପୁର, ବାଲେଶ୍ୱର, ଭଦ୍ରକ, ଯାଜପୁର କେନ୍ଦୁଝର ରୋଡ଼, କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧା ରୋଡ଼ ଇତ୍ୟାଦି ଗୁରୁତ୍ୱପୂର୍ଣ ଷ୍ଟେସନମାନଙ୍କରେ ରହଣି କରିବ ।

# ପୋଲିସ ପବ୍ଲିକ ପ୍ରେସ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ




ବାରିପଦା, ୦୮/୧୨ (ନି.ପ୍ର): ପୋଲିସ ପବ୍ଲିକ ପ୍ରେସ ପକ୍ଷରୁ ଓମ ସାଇ ମେଡିକାଲ ହଲ ତ ତ୍ୱାବଧାନରେ ଆଜି ଶ୍ୟାମାଖୁଂଟା ବ୍ଲକ ଅନ୍ତର୍ଗତ ଖାଣ୍ଡିଆ ଗ୍ରାମପଂଚାୟତ ଠାରେ ଏକ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି । ପୋଲିସ ପବ୍ଲିକ ପ୍ରେସ ର ଜିଲ୍ଲା ସଭାପତି ଅକ୍ଷୟ କୁମାର ମହାନ୍ତି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଚେତନରତା ସଭାରେ ଅତିଥି ଭାବରେ ଫିଜିଓଥେରାପିଷ୍ଟ ଡ. ସି.ପି. ପଟ୍ଟନାୟକ, ସରପଂଚ ଗୌରାଙ୍ଗ ଚରଣ ନାଏକ, ସମାଜସେବୀ ତପନ କୁମାର ବାରିକ ପ୍ରମୁଖ ଯୋଗ ଦେଇ ଉପସ୍ଥିତ ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ, ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ତଥା ୱାର୍ଡ ସଦଶ୍ୟ ମାନଙ୍କ ମଧ୍ୟରେ କୋଭିଡ ର ନୂଆ ଲହର ଏବଂ ସେଥିପାଇଁ ଆବଶ୍ୟକୀୟ ସଚେତନତା ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା । ଶାରିରୀକ ଓ ମାନସିକ ଭିନ୍ନକ୍ଷମ ମାନେ କିଭଳି ଭାବରେ ସରକାରୀ ସହାୟତା ସହଜ ଉପାୟରେ ପାଇ ପାରିବେ ସେଦିଗରେ ମଧ ଜନସଚେତନତା ସୃଷ୍ଟି କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଆଗାମୀ ଦିନରେ ବ୍ଲକ ସ୍ତରରେ ଏବଂ ଗ୍ରାମପଂଚାୟତ ସ୍ତରରେ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ପୋଲିସ ପବ୍ଲିକ ପ୍ରେସର ଜିଲ୍ଲା ସଭାପତି ଶ୍ରୀ ମହାନ୍ତି କହିଛନ୍ତି ।

# ପୁଲିସ ଚଢାଉ, ବିପୁଳ ପରିମାଣର ଦେଶୀ ବିଦେଶୀ ମଦ ଜବତ

ପୁରୀ,୦୮/୧୨ (ନି.ପ୍ର): ସମୁଦ୍ରକୂଳଥାନା ପୁଲିସ ଚଢାଉ କରି ବିପୁଳ ପରିମାଣରେ ଦେଶୀ ବିଦେଶୀ ମଦ ଓ ବିଅର ଜବତ କରିଛି । ଏହି ଚୋରାମାଦକ ଦ୍ରବ୍ୟ କାରବାରରେ ସମ୍ପୃକ୍ତ ସମୁଦ୍ରକୁଳଥାନା ଅନ୍ତର୍ଗତ ପେଣ୍ଡକଟା ପେଦୁର ବରାଫ୍ର ଏନ୍ ସତ୍ୟାବତୀ(୬୦)କୁ ଗିରଫ କରାଯାଇଛି । ଅଭିଯୁକ୍ତ ନିକଟରୁ (୩୦ବୋତଲ ଲମ୍ବିଡ଼ି ଲକ୍ସ ୫୦)୯ଲିଟର ଦେଶୀ ମଦ,୧୫ବୋତଲ ମ୍ୟାଗଡ଼ୋଲ ନମ୍ବର ୱାନ ହୁସ୍କି(୨.୭ଲିଟର) ଓ ୬ଟି ମହାରାଣୀ ଷ୍ଟ୍ରଙ୍ଗ୍ ବିଅର(୩.୯ଲିଟର)ଜବତ କରାଯାଇଛି ।

# ପୂର୍ବ ଭଳି ଓମିକ୍ରନ ଭାରିଆଂଟ ପାଇଁ ମଧ ସତର୍କ ରହିବାକୁ ହେବ

ଭୁବନେଶ୍ୱର, ୦୮/୧୨ (ନି.ପ୍ର): ପୂର୍ବ ଭାରିଆଂଟ ଭଳି ଓମିକ୍ରନ ଭାରିଆଂଟ ପାଇଁ ସତର୍କ ରହିବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର । ସେ କହିଛନ୍ତି ଯେ ଟେକନିକାଲ ଏବଂ କମ୍ୟୁନିଟି କ୍ଷେତ୍ରରେ ସତର୍କ ରହିବାକୁ ପଡ଼ିବ । ସେ କହିଛନ୍ତି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କୁହା ଯାଇଛି ଯେ , ଯେଉଁମାନେ କରୋନା ଟିକା ନେଇ ନାହାନ୍ତି କିମ୍ବା ଗମ୍ଭୀର ଶାରୀରିକ ସମସ୍ୟା ଥିବା ଲୋକେ ଅଧିକ ସତର୍କ ରହିବା ଜରୁରୀ । ଏହାସହ ଶିଶୁମାନେ ମଧ ଓମିକ୍ରନ ଦ୍ୱାରା ଅଧିକ ଆକ୍ରାନ୍ତ ହେଉଥିବା ଦେଖାଯାଉଛି । ସେଥିପାଇଁ ସିଏଚସି ଏବଂ ପିଏଚସିରେ ପେଡିଆଟ୍ରିକ ମ୍ୟାନେଜମେଂଟ କରିବାକୁ ବ୍ୟବସ୍ଥା କରାଯାଇଥିବା ସେ ପ୍ରକାଶ କରିଛନ୍ତି ।

# ବାବା ସାହେବ ଡକ୍ଟର ଭୀମରାଓ ରାମଜୀ ଆମ୍ବେଦକରଙ୍କ ମହାପ୍ରୟାଣ ଦିବସ ଅବସରରେ ଶ୍ରଦ୍ଧାଞ୍ଜଳି



ବାରିପଦା, ୦୮/୧୨ (ନି.ପ୍ର): ଭାରତର ସମ୍ବିଧାନ ପ୍ରଣେତା ତଥା ମହାନ୍ ରାଷ୍ଟ୍ରନୀତିଜ୍ଞ ଭାରତରତ୍ନ ବାବା ସାହେବ ଡ. ଆମ୍ବେଦକର ଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଅଛି । ଏହି ଅବସରରେ ବାରିପଦା ପୌରାଂଚଳ ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ଠାରେ ଅବସ୍ଥାପିତ ଡ. ଆମ୍ବେଦକର ଙ୍କ ପ୍ରତିମୂର୍ତୀ ସ୍ଥଳଠାରେ ସକାଳ ୯ ଘଟିକା ସମୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ମୟୂରଭଞ୍ଜ ଶ୍ରୀ ରବୀନ୍ଦ୍ର କୁମାର ନାୟକ, ସହରର ବରିଷ୍ଟ ନାଗରିକ ମହେଶ୍ୱର ସେଠୀ, ସୁଧିର ଖଣ୍ଡା, ଅବସରପ୍ରାପ୍ତ ପ୍ରଫେସର ଗୋପବନ୍ଧୁ ମହାନ୍ତ, ସାମ୍ବାଦିକ ରବୀନ୍ଦ୍ର ମହାନ୍ତି, ସମାଜ ସେବୀ ସରୋଜ ମହାପାତ୍ର ପ୍ରମୁଖ ସମେତ ସ୍ଥାନୀୟ ଆମ୍ବେଦକର ସମିତି / କ୍ଲବ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ମାନେ ଯୋଗ ଦେଇ ଡ. ଆମ୍ବେଦକର ଙ୍କ ପ୍ରତିମୂର୍ତୀରେ ମାଲ୍ୟାପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ।

# ଜଳେଶ୍ୱର ବ୍ଲକରେ ୫ମ ଶ୍ରେଣୀ ବୃତ୍ତି ପରୀକ୍ଷା ଅନୁଷ୍ଠିତ

ଜଳେଶ୍ୱର, ୦୮/୧୨(ନିପ୍ର): ବିଳମ୍ବରେ ହେଲେ ମଧ୍ୟ ୨୦୨୦-୨୧ ମସିହାର ୫ମ ଶ୍ରେଣୀ ବୃତ୍ତି ପରୀକ୍ଷା ଆଜି ଅନୁଷ୍ଠିତ ହୋଇ ଯାଇଛି । ବାଲେଶ୍ୱର ଜିଲାର ଜଳେଶ୍ୱର ଗୋଷ୍ଠି ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧିନରେ ମୋଟ ୩୨୭ ଜଣ ପରୀକ୍ଷାର୍ଥୀ ନାମ ପଂଜିକରଣ କରିଥିଲେ । ଜଳେଶ୍ୱର ମଣ୍ଡଳରେ ଆର୍.କେ. ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୯୭ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୭୦ଜଣ ପରୀକ୍ଷା ଦେଇଥିବା ବେଳେ ରାଇବଣିଆ ମଣ୍ଡଳରେ ଆର୍.ବି.ସି ଉଚ୍ଚ ବିଦ୍ୟାଳୟରେ ୧୩୦ ଜଣଙ୍କ ମଧ୍ୟରୁ ୧୧୦ ଜଣ ପରୀକ୍ଷା ଦେଇଥିଲେ । ରାଇବଣିଆ ମଣ୍ଡଳରେ ସିଆର୍‌ସି ଗଜେନ୍ଦ୍ର ବେହେରା ଓ ନିବେଦିତା ନାୟକ ପରୀକ୍ଷା ପରିଚାଳନା କରିଥିବା ବେଳେ ଜଳେଶ୍ୱରରେ ଏବିଇଓ ଅଜୟ ଜେନା ପରୀକ୍ଷା ପରିଦର୍ଶକଭାବେ କାର୍ଯ୍ୟ କରିଥିଲେ । ଉକ୍ତ ପରୀକ୍ଷା କୋଭିଡ ନିୟମ ଅନୁଯାଇ ଅନୁଷ୍ଠିତ ହୋଇଥିବା ଶ୍ରୀ ଜେନା ପ୍ରକାଶ କରିଛନ୍ତି ।

# ବିନା ଟେଣ୍ଡରରେ ମୋ ସ୍କୁଲ କାମ : ଆଇଟିଡିଏ ଅଫିସରଙ୍କୁ ବାରିପଦା ବିଧାୟକଙ୍କ ଚେତାବନୀ

ବାରିପଦା, ୦୮/୧୨ (ନି.ପ୍ର): ଆଜି ପୂର୍ବାହ୍ନରେ ବାରିପଦା ବିଧାୟକ ପ୍ରକାଶ ସୋରେନଙ୍କ ନେତୃତ୍ୱରେ ବିଜେପିର ଏକ ପ୍ରତିନିଧି ଦଳ ବାରିପଦା ଆଇ.ଟି.ଡିଏ. ଅଫିସକୁ ଯାଇ ବିଭିନ୍ନ ପ୍ରକାର କାର୍ଯ୍ୟ ବିଷୟରେ ପ୍ରକଳ୍ପ ପ୍ରସାଶକଙ୍କ ସହିତ ଆଲୋଚନା କରିବା ସହିତ ବିଭାଗୀୟ ଅଫିସର ଏବଂ ଯନ୍ତ୍ରୀମାନଙ୍କ ମନମୁଖୀ କାର୍ଯ୍ୟକଳାପ ସମ୍ପନ୍ଧରେ ଅବଗତ କରାଇଥିବା ଦେଖା ଯାଇଛି । ଜନସାଧାରଣଙ୍କ ଉନ୍ନତି ନିମନ୍ତେ ଆସୁଥିବା ଅର୍ଥ ବାଟ ମାରଣା ହେଉଥିବା ଅଭିଯୋଗ କରିବା ସହିତ ଆଦିବାସୀ ଉନ୍ନୟନ ସଂସ୍ଥା ଅଧିନରେ ନିୟମ ଅନୁସାରେ ପାଞ୍ଚ ଲକ୍ଷରୁ ଅଧିକ ଟଙ୍କାର କାମ ଗୁଡ଼ିକ ଟେଣ୍ଡର କରିବା କଥା । ମାତ୍ର ମୋ ସ୍କୁଲ ଯୋଜନାରେ ସରକାରୀ ଉଚ୍ଚ ବିଦ୍ୟାଳୟ ଗୁଡିକର ଉନ୍ନତି କରଣ ପାଇଁ ଆସୁଥିବା କୋଟି କୋଟି



ଟଙ୍କାର କାମ ବିନା ଟେଣ୍ଡର ରେ ୫ଟି ସଚିବଙ୍କ ନିର୍ଦ୍ଦେଶରେ ବିଜୁ ଜନତା ଦଳର କର୍ମୀ ମାନଙ୍କୁ ଥଇଥାନ କରିବା ପାଇଁ ଦିଆ ଯାଉଥିବାର ଗୁରୁତର ଅଭିଯୋଗ ଆଣି ୫ଟି ର ପ୍ରଥମ ଟି ସ୍ୱଚ୍ଛତା ପ୍ରତି ଏହା ପ୍ରଶ୍ନବାଚି ସୃଷ୍ଟି କରିଛି ବୋଲି ବିଧାୟକ ଶ୍ରୀ ସୋରେନ କହିଛନ୍ତି । ମୟୂରଭଞ୍ଜ ଜିଲ୍ଲା ଖଣିଜ ସମ୍ପଦ ପୂର୍ଣ୍ଣ ଜିଲ୍ଲା ହିସାବରେ ପରିଗଣିତ ହେଉଅଛି ଏବଂ ଖଣିଜ ପଦାର୍ଥ ଭରପୁର ଥିବା ଜିଲ୍ଲା ଗୁଡ଼ିକରୁ ଆଦାୟ ହୋଇଥିବା (ଅମ୍ୟାର୍ଡସି) ଟିକସ ଟଙ୍କା ଆଦିବାସୀ ଅଧୁଷିତ ମୟୂରଭଞ୍ଜ ଜିଲ୍ଲା ବାସୀଙ୍କ ବିକାଶ ନିମନ୍ତେ ଖର୍ଚ୍ଚ ପାଇଁ ଉଦିଷ୍ଟ । ଉକ୍ତ ଟଙ୍କାକୁ ଟେଣ୍ଡର କରି ଖର୍ଚ୍ଚ କରିବା ପାଇଁ ତାଗିଦ କରିବା ସହ ଏଥିରେ ବ୍ୟତିକ୍ରମ ଘଟିଲେ ଦୁର୍ନୀତିର ଗନ୍ତାଘର ସାଜିଥିବା ବାରିପଦା ଆଇ.ଟି.ଡିଏ ଅଫିସକୁ ତାଲା ପକାଇ ଦିଆଯିବ ବୋଲି ଆଇଟିଡିଏ ପ୍ରକଳ୍ପ ପ୍ରସାଶକଙ୍କୁ ବିଧାୟକ ଚେତାବନୀ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କାଉନସିଲର ଲକ୍ଷ୍ମୀଧର ହାବୋଡ଼ା ଜିଲ୍ଲା ସଭାପତି କାନ୍ଦ୍ରା ସରେନ୍?, ପରେଶଚନ୍ଦ୍ର ମହାନ୍ତ, ରସିକା ନନ୍ଦ ମିଶ୍ର, ବିଜୟ ଦାସ, ପ୍ରବୀଣ ପାତ୍ର, ଦନାର୍ଦନ ମହାନ୍ତ, ରତିକାନ୍ତ ମହାନ୍ତ, ବଳରାମ ସାହୁ, ଲକ୍ଷ୍ମଣ ତ୍ରିପାଠୀ, ଇନ୍ଦ୍ର ଭୂଷଣ ଜେନା, ଗୋପାଳ ସାହୁ, କୁମାର ମଙ୍ଗଳମ୍, ନିରଞ୍ଜନ ଦାସ , ଦେବବ୍ରତ ସାମଲ, ତପନ ହାବୋଡ଼ା, ସନୁ ରଣା, କାଳିଚରଣ ହେମ୍ବ୍ରମ୍, ଖକନ ଦାସ, ଗାୟତ୍ରୀ ପରିଡ଼ା, ଲୁଧିଆ ହାଁସଦା, ସୋରଜ ରାଉତ ପ୍ରମୁଖ ଶତାଧିକ କର୍ମୀ ସାମିଲ ହୋଇଥିଲେ ।

# ଆମ୍ବଗଡ଼ିଆ ବିକାଶ ପରିଷଦର ରକ୍ତଦାନ ଶିବିର : ୪୦ ୟୁନିଟ ସଂଗ୍ରହ

ବସ୍ତା, ୦୮/୧୨ (ନିପ୍ର) ଆମ୍ବଗଡ଼ିଆ ବିକାଶ ପରିଷଦ ଆନୁକୁଲ୍ୟରେ ଏବଂ ଓଡ଼ିଶା ରକ୍ତଦାତା ସଂଘ ଓ ବସ୍ତା ବ୍ଲକ ରକ୍ତଦାତା ସଂଘର ମିଳିତ ସହଯୋଗରେ ଭଗବାନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି କ୍ଷ ବିକାଶ ପରିଷଦର ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପୂର୍ବତନ ଶିକ୍ଷା ଜିଲ୍ଲା ଅଧିକାରୀ ହରିଶ୍ଚନ୍ଦ୍ର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଆମ୍ବଗଡ଼ିଆ ଗ୍ରାମ ପଞ୍ଚାୟତର ସରପଞ୍ଚ ସହଦେବ ସିଂ, ରୂପସା ଆଞ୍ଚଳିକ ବିକାଶ ପରିଷଦର ପ୍ରତିଷ୍ଠାତା ଭଗବାନ ମହାପାତ୍ର, ବାଲେଶ୍ୱର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ଓଡିଶା ରକ୍ତଦାତା ସଂଘର ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ, ବସ୍ତା ବ୍ଲକ ରକ୍ତଦାତା ସଂଘର ଉପଦେଷ୍ଟା ପ୍ରଦୀପ କୁମାର ପରିଡା, ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ରାଉତ, ସାଧୁ ବିଜୟ ରାଘବେନ୍ଦ୍ର ଦାସ, ସମୟ ଚକ୍ରର ସମ୍ପାଦକ ସର୍ବେଶ୍ୱର ଜେନା ଓ ଶିକ୍ଷକ ଜଗଦୀଶ ବ୍ରହ୍ମଚାରୀ ପ୍ରମୁଖ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡିଶା ବ୍ଲଡ଼ ବ୍ୟାଙ୍କ ଅଫିସର ଡ଼ା. ମହେଶ କୁମାର ବିଶ୍ୱାଳ ରକ୍ତଦାନର ଆ୍ୱଶ୍ୟକତା, ଉପାଦେୟତା ଓ ଗୁରୁତ୍ୱ ସମ୍ବନ୍ଧରେ ରକ୍ତଦାତା ମାନଙ୍କୁ ସଚେତନ କରାଇଥିଲେ କ୍ଷ ଗଛ ମଣିଷ ରବୀନ୍ଦ୍ର କୁମାର ବେହେରା, ଚୈତନ୍ୟ ସାହୁ, ରବୀନ୍ଦ୍ର କୁମାର ପରିଡାଙ୍କୁ ମାନପତ୍ର ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା । ଡ଼ା. ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସହଯୋଗୀ ବିଜୟ କୁମାର ପଟ୍ଟନାୟକ, ଜଗନ୍ନାଥ ପଣ୍ଡା, ସୁଚିସ୍ମିତା ଦାସ, ବିନୋଦ ବିହାରୀ ଦାସ, ଓ ବିଦ୍ୟାଧର ସାହୁ ୪୦ ୟୁନିଟ ରକ୍ତ ସଂଗ୍ରହ କରିଥିଲେ କ୍ଷ ଆମ୍ବଗଡ଼ିଆ ବିକାଶ ପରିଷଦର ସମ୍ପାଦକ ମଧୁ ସିଂ, ଶିକ୍ଷକ ବିଶ୍ୱନାଥ ପ୍ରଧାନ, ସୁଦର୍ଶନ ମହାପାତ୍ର, କମଳାକାନ୍ତ ସାହୁ, ଲକ୍ଷ୍ମୀଧର ଦେହୁରୀ, କୁଳଚନ୍ଦ୍ର ମହାନ୍ତ, ଜୟସ୍ମିତା ମହାପାତ୍ର, ଅର୍ଚ୍ଚନା ଆଚାର୍ଯ୍ୟ ଓ ବନଜ୍ୟୋସ୍ନା ପ୍ରଧାନ, ପ୍ରମୁଖ ଶିବିର ପରିଚାଳନା କରିଥିଲେ । ଶେଷରେ ଦେବେନ୍ଦ୍ର ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ଧ୍ୱନି ପ୍ରତିଧ୍ୱନି



## ଓସେପା ତରଫରୁ ରାଜ୍ୟସ୍ତରୀୟ କଳା ଉତ୍ସବ ଅନୁଷ୍ଠିତ

ଭୁବନେଶ୍ୱର, ୦୮/୧୨ (ନି.ପ୍ର): ଓସେପା ଆନୁକୂଲ୍ୟରେ ଚଳିତ ମାସ ଡିସେମ୍ବର ୭ ଓ ୮ ତାରିଖରେ ରାଜ୍ୟସ୍ତରୀୟ କଳା ଉତ୍ସବ-୨୦୨୧ ଅନୁଷ୍ଠିତ ହୋଇଯାଇଛି । କରୋନା କଟକଣା ହେତୁ ଏହି କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ପିଲାମାନଙ୍କୁ ତଥା ଶିକ୍ଷକ ଓ ଅଭିଭାବକମାନଙ୍କୁ ପାଠପଢା ସହିତ ପିଲାର ସାମଗ୍ରିକ ଦକ୍ଷତା ବିକାଶ ପ୍ରତି ବିଶେଷ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ । ଗତବର୍ଷର ଜାତୀୟସ୍ତର ବିଜେତା ଛାତ୍ରଛାତ୍ରୀଙ୍କୁ ରାଜ୍ୟ ସରକାର ତରଫରୁ ପୁରସ୍କୃତ କରାଯାଇଥିଲା । ଏହି ଉତ୍ସବରେ ଓସେପାର ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କର କଳା ଓ ସଂସ୍କୃତି ପାଇଁ ଆଗ୍ରହ ତଥା ସାମଗ୍ରିକ ବିକାଶର ଉନ୍ନତି ଉପରେ ଗୁରୁତ୍ୱାରୋପ କରିଥିଲେ କଳା ଓ ସଂସ୍କୃତି ମାଧ୍ୟମରେ ଓଡିଶାର ପାରମ୍ପରିକ କଳାକୁ ଦେଶ ତଥା ବିଶ୍ୱସମୂହରେ ପହଂଚାଇବା ପାଇଁ ପିଲାମାନଙ୍କ ପ୍ରଚେଷ୍ଟାକୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ ଦିବସ ଅବସରରେ ବଲାଙ୍ଗୀର ସ୍ଥିତ ପଥରଚେପା ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ରୂପାନ୍ତରିତ ବିଦ୍ୟାଳୟ ସଂଗୀତ 'ହସିବରେ ହସିବ' ଗୀତ ଗାଇ ଶୁଭାରମ୍ଭ କରିଥିଲେ । ବିଦ୍ୟାର୍ଥୀମାନଙ୍କ ପ୍ରତିଯୋଗିତା ମୂଲ୍ୟାୟନ ଏକ ସ୍ୱତନ୍ତ୍ର ବିଚାରକ ମଣ୍ଡଳୀ ଦ୍ୱାରା କରାଯାଇଥିଲା । ଏହି ପ୍ରତିଯୋଗିତାଗୁଡିକୁ ୦୯ ଭାଗରେ ବିଭକ୍ତ କରାଯାଇ ପରିବେଷଣ କରଯାଇଥିଲା । ସେଗୁଡିକ ମଧ୍ୟରୁ ଭୋକାଲ ଶାସ୍ତ୍ରୀୟ ସଂଗୀତ, ଶାସ୍ତ୍ରୀୟ ନୃତ୍ୟ, ଲୋକ ନୃତ୍ୟ, ବାଦ୍ୟଯନ୍ତ୍ର ଶାସ୍ତ୍ରୀୟ, ବାଦ୍ୟଯନ୍ତ୍ର ଲୋକ ଏବଂ ସ୍ୱଦେଶୀ ଖେଳ ଇତ୍ୟାଦି ଅନ୍ୟତମ । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୯୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ରାଜ୍ୟସ୍ତରୀୟ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଶ୍ରେଷ୍ଠ ୧୮ ଜଣ ପ୍ରତିଯୋଗୀଙ୍କୁ ଜାତୀୟସ୍ତରୀୟ କଳା ଉତ୍ସବରେ ଭାଗ ନେବାକୁ ସୁଯୋଗ ମିଳିବ । କାର୍ଯ୍ୟକ୍ରମକୁ ଓସେପାର ଅତିରିକ୍ତ ନିର୍ଦ୍ଦେଶକ ପ୍ରଦୀପ କୁମାର ନାୟକ ଓ ଉପ ନିର୍ଦ୍ଦେଶିକା ଶ୍ରୀମତୀ କଳ୍ପଞ୍ଜନା ହାଁସଦା ପରିଚାଳନା କରିଥିଲେ ।

## ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ମୁସଲିମ ୱେଲଫେୟାର ସୋସାଇଟିର ସହାୟତା

ବାଲେଶ୍ୱର,୦୮/୧୨ (ନି.ପ୍ର): ବାଲେଶ୍ୱରର ସ୍ୱେଚ୍ଛାସେବୀ ସଂଗଠନ ମୁସଲିମ ୱେଲଫେୟାର ସୋସାଇଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୮ଜଣ ବ୍ୟକ୍ତିଙ୍କର ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ବିଶେଷ ପଦକ୍ଷେପ ନିଆଯାଇଛି । ବିଗତ ସପ୍ତାହରେ ଶ୍ରୀରାମ ହସପିଟାଲର ସହଯୋଗରେ ସହରର ମଚ୍ଛୁଆସାହିରେ ଆୟୋଜିତ ଚକ୍ଷୁ ପରୀକ୍ଷା ଶିବିରରେ ସମ୍ପୃକ୍ତ ବ୍ୟକ୍ତିଙ୍କଠାରେ ମୋତିଆବିନ୍ଦୁ ଚିହ୍ନଟ ହୋଇଥିଲା । ଚିହ୍ନଟ ବ୍ୟକ୍ତିଙ୍କ ମଧ୍ୟରେ ୫ଜଣ ମହିଳା ଓ ୩ଜଣ ପୁରୁଷ ଥିବା ସୋସାଇଟିର କର୍ମକର୍ତ୍ତା କହିଛନ୍ତି । ଚିହ୍ନଟ ହୋଇଥିବା ମୋତିଆବିନ୍ଦୁ ରୋଗୀଙ୍କର ପର୍ଯ୍ୟାୟ କ୍ରମେ ଅସ୍ତ୍ରୋପଚାର ଚାଲିଥିବା ସେମାନେ ସୂଚନା ଦେଇଛନ୍ତି । ପ୍ରଥମ ପର୍ଯ୍ୟାୟରେ ରୋଗୀଙ୍କର ପ୍ରାକ ପରୀକ୍ଷା ସହ ଅସ୍ତ୍ରୋପଚାର ପାଇଁ ପ୍ରସ୍ତୁତି କରାଯାଉଛି । ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସମ୍ପୂର୍ଣ୍ଣ ନିଃଶୁଳ୍କ ଭାବେ ସମସ୍ତ ରୋଗୀଙ୍କ ଅସ୍ତ୍ରୋପଚାର ଓ ଅନ୍ୟାନ୍ୟ ଚିକିତ୍ସା ବ୍ୟବସ୍ଥା କରାଯାଉଥିବା ମୁସଲିମ ୱେଲଫେୟାର ସୋସାଇଟିର ସମ୍ପାଦକ ଶେଖ ଆୟୁବ ସୂଚନା ଦେଇଛନ୍ତି । ସୋସାଇଟିର ସଭାପତି ମହମ୍ମଦ ମୁକ୍ତାର ଅହମ୍ମଦ, ମହମ୍ମଦ ହାଇଦର ଖାନ୍, ଶେଖ ନଜିମ ଓ ଆଜିମ ବାଲେଶ୍ୱରୀ ପ୍ରମୁଖ ଏହି ଅଭିଯାନରେ ସହାୟତା ପ୍ରଦାନ କରିଥିଲେ । ମୁସଲିମ ୱେଲଫେୟାର ସୋସାଇଟି ଆଗାମୀ ଦିନରେ ବି ଏହି ଅଭିଯାନ ଜାରି ରଖିବ ବୋଲି କର୍ମକର୍ତ୍ତାମାନେ କହିଛନ୍ତି ।

## ନୂତନ ପରୀକ୍ଷା ପଦ୍ଧତି ଓ ଅନ୍ୟାନ୍ୟ ସଂଶୋଧିତ ଶିକ୍ଷାନୀତିକୁ ବିରୋଧ

### 'ଓଷ୍ଟା' ପକ୍ଷରୁ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ବାଲେଶ୍ୱର,୦୮/୧୨ (ନି.ପ୍ର): ମାଧ୍ୟମିକ ଶିକ୍ଷା ପରିଷଦର ସଂଶୋଧିତ ପରୀକ୍ଷା ପଦ୍ଧତି ଓ ଅନ୍ୟାନ୍ୟ ନିଷ୍ପତ୍ତିକୁ ବିରୋଧ କରିଛି 'ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ'(ଓଷ୍ଟା) । ଏନେଇ ସଙ୍ଘ ପକ୍ଷରୁ ମାଧ୍ୟମିକ ଶିକ୍ଷା ପରିଷଦର ଉତ୍ତର ଓଡ଼ିଶା ଶାଖା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି । 'ଓଷ୍ଟା'ର ବାଲେଶ୍ୱର, ମୟୁରଭଞ୍ଜ, କେନ୍ଦୁଝର ଓ ଭଦ୍ରକ ଜିଲାର ଓଷ୍ଟା ଶାଖା ସମେତ ଛାତ୍ର, ଶିକ୍ଷକ, ଅଭିଭାବକ ତଥା ବୁଦ୍ଧିଜୀବୀଙ୍କୁ ନେଇ ଗଠିତ ମିଳିତ ମଞ୍ଚ ପକ୍ଷରୁ ଏକ ଶୋଭାଯାତ୍ରା ସହଦେବଖୁଣ୍ଟା ବସଷ୍ଟାଣ୍ଡ ନିକଟରୁ ବାହାରି ଶିକ୍ଷା ପରିଷଦର କ୍ଷେତ୍ରୀୟ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲା । ସେଠାରେ ଆୟୋଜିତ ପ୍ରତିବାଦ ସଭାରେ 'ଓଷ୍ଟା' ବାଲେଶ୍ୱର ଶାଖା ସଭାପତି ବାଦଲ ଚନ୍ଦ୍ର ପାତ୍ର ଅଧ୍ୟକ୍ଷତା କରିବା ସହ ମାଧ୍ୟମିକ ଶିକ୍ଷା ପରିଷଦର ଅଦୂରଦର୍ଶୀ କାର୍ଯ୍ୟଧାରାକୁ ତୀବ୍ର ସମାଲୋଚନା କରିଥିଲେ । ବିଶେଷ କରି ବିଦ୍ୟାଳୟ ସ୍ୱିକୃତୀ ନାମରେ ପ୍ରତ୍ୟେକ ବର୍ଷ ଆଦାୟ କରାଯାଉଥିବା ୪ହଜାର ଟଙ୍କାର ଶୁଳ୍କକୁ ତୁରନ୍ତ ପ୍ରତ୍ୟାହାର ସହ ଅନୁଦାନପ୍ରାପ୍ତ ସମସ୍ତ ବିଦ୍ୟାଳୟକୁ ସ୍ଥାୟୀ ସ୍ୱିକୃତୀ ପ୍ରଦାନ କରିବା, ନବନ ଓ ଦଶମ ଶ୍ରେଣୀ ପାଇଁ ଦୁଇଟି ପୃଥକ ବୋର୍ଡ ପରୀକ୍ଷା ପରିବର୍ତ୍ତେ ପୂର୍ବ ପ୍ରଚଳିତ ଦଶମ ଶ୍ରେଣୀରେ ଗୋଟିଏ ପରୀକ୍ଷା, ମୂଲ୍ୟାୟନ ପଦ୍ଧତି ଓ ପରୀକ୍ଷା ଢାଞ୍ଚା ଅପରିବର୍ତ୍ତିତ ରଖିବା, ଛାତ୍ରଛାତ୍ରୀଙ୍କ ଠାରୁ ମାଇଗ୍ରେସନ ଫି ଆଦାୟ ବନ୍ଦ କରିବା, ପାଠ୍ୟ ପୁସ୍ତକରେ ଥିବା ତ୍ରୁଟି ତୁରନ୍ତ ସଂଶୋଧନ ସହ ଶିକ୍ଷା ବର୍ଷ ଆରମ୍ଭରୁ ଛାତ୍ରଛାତ୍ରୀଙ୍କୁ ପୁସ୍ତକ ପ୍ରଭୃତି ପ୍ରଦାନ ପାଇଁ ମିଳିତ ମଞ୍ଚ ପକ୍ଷରୁ ଦାବି ହୋଇଥିଲା । ସଂଘର ବାଲେଶ୍ୱର ଶାଖା ସମ୍ପାଦକ ମନୋରଞ୍ଜନ ଦାସ, ଭଦ୍ରକ ସମ୍ପାଦକ ପ୍ରଦୀପ୍ତ ଦାସ, ମୟୁରଭଞ୍ଜ ସମ୍ପାଦକ ଚିତ୍ତରଞ୍ଜନ ପଲଟା ଓ ଦୁର୍ଯ୍ୟୋଧନ ରାଉତ, କେନ୍ଦୁଝର ସମ୍ପାଦକ ପ୍ରଶାନ୍ତ ମିଶ୍ର, ଓଷ୍ଟା କାର୍ଯ୍ୟକାରୀ ସଭାପତି ଭିକାରୀ ଚରଣ ରାଉତ, ସମ୍ପାଦକ ସୁରଦୀପ ନାୟକ, ପ୍ରାକ୍ତନ ଯୁଗ୍ମ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ମିଶ୍ର, ସମ୍ପାଦକ କାହ୍ନୁ ସାମଲ ପ୍ରମୁଖ ଏହି ବିକ୍ଷୋଭ ସମାବେଶରେ ଯୋଗଦେଇ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ତୃଟିପୂର୍ଣ୍ଣ ଶିକ୍ଷାନୀତିକୁ ବିରୋଧ କରିଥିଲେ । ବିଶେଷ କରି ରାଜ୍ୟର ସମସ୍ତ ଶିକ୍ଷକଙ୍କୁ ପର୍ଯ୍ୟାୟ କ୍ରମେ ବିଷୟ ଭିତ୍ତିକ ତାଲିମ ପ୍ରଦାନ, ପରିଷଦରେ ବିଷୟ ବିଶାରଦ ପଦ ତୁରନ୍ତ ପୂରଣ କରିବା, ପରିଷଦରେ ୫୦ ପ୍ରତିଶତ ଶିକ୍ଷକଙ୍କ ନିଯୁକ୍ତି, ପରିଷଦର ବିଭିନ୍ନ କମିଟିରେ ଛାତ୍ର, ଶିକ୍ଷକ, ଅଭିଭାବକ ଓ ଶିକ୍ଷାବିତଙ୍କୁ ପ୍ରତିନିଧି ଭାବେ ସାମିଲ କରିବା, ବିଦ୍ୟାଳୟଗୁଡିକୁ ପୂର୍ବବତ ଲାଇବ୍ରେରୀ ପୁସ୍ତକ, ଆସବାବପତ୍ର, ବିଜ୍ଞାନ ଓ ଖେଳ ଉପକରଣ ପାଇଁ ଅନୁଦାନ ପ୍ରଦାନ ପାଇଁ ସେମାନେ ଦାବି କରିଥିଲେ । ଏତେଇ ତୁରନ୍ତ ଉଚିତ ପଦକ୍ଷେପ ଗ୍ରହଣ କରା ନଗଲେ 'ଓଷ୍ଟା' ତିବ୍ର ଆନ୍ଦୋଳନକୁ ଓହ୍ଲାଇବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୨୦ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଏକ ସ୍ମାରକପତ୍ର ମାଧ୍ୟମିକ ଶିକ୍ଷା ପରିଷଦର ଉପ-ସମ୍ପାଦକଙ୍କୁ ପ୍ରଦାନ କରାଯାଇଥିଲା । ବିକ୍ଷୋଭ ସମାବେଶରେ 'ଓଷ୍ଟା'ର ଶିକ୍ଷକ ନେତା, ସଦସ୍ୟଙ୍କ ସମେତ ବିଭିନ୍ନ ଅଞ୍ଚଳରୁ ବହୁ ଛାତ୍ର ଓ ଅଭିଭାବକ ଅଂଶଗ୍ରହଣ କରିଥିଲେ ।

## ଚାଷୀଙ୍କୁ କ୍ଷତିପୂରଣ ପାଇଁ ସିପିଏମର ଦାବିପତ୍ର



ଖଇରା, ୦୮/୧୨ (ନି.ପ୍ର): ଜୱାଦ ପ୍ରଭାବରେ ଖଇରା ବ୍ଲକରେ ବ୍ୟାପକ ଚାଷ ନଷ୍ଟ ହୋଇଥିବା ବେଳେ ତୁରନ୍ତ କ୍ଷୟକ୍ଷତି ଆକଳନ କରି ଧାନ ଓ ପରିବା ଚାଷିଙ୍କୁ କ୍ଷତିପୂରଣ ଦେବାକୁ ଖଇରା ସିପିଏମ ଆଞ୍ଚଳିକ କମିଟି ପକ୍ଷରୁ ଦାବି କରାଯାଇଛି । ଏ ସମ୍ପର୍କରେ ୬ଦଫା ଦାବିପତ୍ର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଙ୍କୁ ବିଡିଓ ପର୍ଶୁରାମ ପଣ୍ଡାଙ୍କ ଜରିଆରେ ପ୍ରଦାନ କରାଯାଇଛି । ଯଦି ସରକାର ଏଥିରେ ଅବହେଳା କରନ୍ତି ତେବେ ବାମପନ୍ଥି ସଂଗଠନ ମିଳିତ ଭାବେ ଖଇରା ବ୍ଲକ ଓ ତହସିଲକୁ ଘେରାଉ କରିବାକୁ ଚେତାବନୀ ଦିଆ ଯାଇଛି । ସନ୍ତୋଷ କୁମାର ସାହୁ, ଜଗତାନନ୍ଦ ମହାପାତ୍ର, ଭଗବାନ ଦାସ,ବସନ୍ତ ମାଝୀ, ପ୍ରଶାନ୍ତ କୁମାର ପରିଡା,ପ୍ରଶାନ୍ତ କୁମାର ବାରିକ, ଅଭିରାମ ବେହେରା ପ୍ରମୁଖ ଏହି ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

## ପାଞ୍ଚଦିନିଆ କୁରାଳ ପଞ୍ଚମୀ ପର୍ବ ଆରମ୍ଭ

ପୁରୀ,୦୮/୧୨ (ନି.ପ୍ର): ମାର୍ଗଶିର ଶୁକ୍ଳ ପଞ୍ଚମୀ ତିଥିରୁ ଆରମ୍ଭ ହୋଇଛି ୫ଦିନିଆ କୁରାଳ ପଞ୍ଚମୀ ପର୍ବ । ଶ୍ରୀକ୍ଷେତ୍ର ସମେତ ସମଗ୍ର ରାଜ୍ୟରେ କୁମ୍ଭକାରମାନଙ୍କ ଏହି ପବିତ୍ର କୁରାଳ ପଞ୍ଚମୀ ପର୍ବ ଶ୍ରଦ୍ଧା ଓ ଭକ୍ତି ଭାବନାର ସହ ପାଳନ କରାଯାଉଛି କୁମ୍ଭକାରମାନେ ତାଙ୍କର ଇଷ୍ଟଦେବ ରୁଦ୍ରପାଳ ଓ ରତ୍ନେଶ୍ୱରୀଙ୍କ ପୂଜାର୍ଚ୍ଚନା କରୁଛନ୍ତି । ଶ୍ରୀକ୍ଷେତ୍ରର କୁମ୍ଭାରପଡ଼ା, ଜେନାପୁର, ନୂଆସାହି ଓ ଟିକରପଡ଼ା ସାହି ଆଦି କୁମ୍ଭକାର ପଡ଼ାମାନଙ୍କର ବିଭିନ୍ନ ପୂଜାମଣ୍ଡପରେ ରୁଦ୍ରପାଳ ଓ ରତ୍ନେଶ୍ୱରୀଙ୍କ ମୃଣ୍ମୟ ମୂର୍ତ୍ତି ପୂଜିତ ହେଉଛନ୍ତି । ଏହି ସବୁ ପଡ଼ା ଓ ବସ୍ତିର ବିଭିନ୍ନ ସ୍ଥାନରେ ୧୦ଟି ସୁସଜ୍ଜିତ ପୂଜା ମଣ୍ଡପରେ ରୁଦ୍ରପାଳ ଓ ରତ୍ନେଶ୍ୱରୀ ପୂଜା ପାଉଛନ୍ତି । ପାରମ୍ପରିକ ଭାବେ କୁମ୍ଭକାରମାନେ ସେମାନଙ୍କ ହାଣ୍ଡି ଗଢ଼ା ସରଞ୍ଜାମ ଚକ, ପିଣ୍ଡ, ପିଟଣା ଆଦି ପୂଜାରେ ବସାଇ ବ୍ରତ ପାଳନ କରୁଛନ୍ତି । ପରମ୍ପରା ଅନୁଯାୟୀ କୁମ୍ଭକାରମାନେ ସେମାନଙ୍କ ଇଷ୍ଟଦେବତାଙ୍କ ନିକଟରେ ୫ଦିନରେ ୫ପ୍ରକାର ସଞ୍ଜୁଡି ଭୋଗ କରିଥାନ୍ତି ।

## ଓଡିଶାରେ ଟିକାକରଣ ୪.୫ କୋଟି ପାର୍

ଭୁବନେଶ୍ୱର, ୦୮/୧୨ (ନି.ପ୍ର): ଓଡିଶାରେ କରୋନା ବିରୋଧୀ ଟିକାକରଣ ୪.୫ କୋଟି ଟପିଛି । ଏହି ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୁସି ବ୍ୟକ୍ତ କରିଛନ୍ତି । ମୁଖ୍ୟମନ୍ତ୍ରୀ ଟୁଇଟ୍ କରିଛନ୍ତି ଯେ ଓଡ଼ିଶାରେ ୪.୫ କୋଟି ଟିକା ପ୍ରଦାନ କରି କୋଭିଡ୍-୧୯ ବିରୋଧୀ ସଂଗ୍ରାମରେ ଆଉ ଏକ ଉଲ୍ଲେଖନୀୟ ମାଇଲଖୁଂଟ ସ୍ଥାପନ କରାଯାଇଛି । ମୂଲ୍ୟବାନ ଜୀବନ ବଂଚାଇବା ପାଇଁ ଟିକାକରଣକୁ ସୁନିଶ୍ଚିତ କରିଥିବା ଆମର ସ୍ୱାସ୍ଥ୍ୟକର୍ମୀଙ୍କ କଠିନ ପରିଶ୍ରମକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି ।

## ବାଲିଆପାଳ ବ୍ଲକ କଳାକାର ସଂଘର ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ



ବାଲିଆପାଳ, ୦୮/୧୨ (ନି.ପ୍ର): କଳାକାର ସଂଘର ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ନାଟ୍ୟକାର ଝାଡେଶ୍ୱର ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ଡିସେମ୍ବର ୧୦ ତାରିଖ ଶୁକ୍ରବାର ପୂର୍ବାହ୍ନ ୧୦ ଘଟିକାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ ବୋଲି ସିଦ୍ଧାନ୍ତ ହୋଇଥିଲା । ଏହି ଉତ୍ସବରେ ବହୁମାନ୍ୟଗନ୍ୟ କଳାକାର, ବିଶିଷ୍ଟ ବ୍ୟକ୍ତି, ସମାଜସେବୀ ଆଦି ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ବରିଷ୍ଠ କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରାଯିବାର ପ୍ରସ୍ତାବ ଗ୍ରହଣ କରାଯାଇଛି । ଆଲୋଚନାରେ ସଂଘର ଉପସଭାପତି ରାଜକିଶୋର ଦାସ, ସଂପାଦକ ପ୍ରଫୁଲ ବାଗ, ପ୍ରକାଶ ଚନ୍ଦ୍ର ପ୍ରଧାନ, ଦୈତାରୀ ଲେଙ୍କା, ଲକ୍ଷ୍ମୀଧର ଜେନା, ରାଧାରମଣ ରାଉତ, ସଞ୍ଜୟ ମଣ୍ଡଳ, ସଦାଶିବ ଜେନା, ସୁଧାଂଶୁ ଶେଖର ଗିରି, ବୀରକାମିଳାସ, ଜୟନ୍ତୀ ପାତ୍ର ଏବଂ ଜିଲା ସଂଘର ସଂପାଦକ ପ୍ରଫୁଲ୍ଲ କୁମାର ଘୋଷ, ବିଜୟ କୁମାର ଜେନାସ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ମୟୂରଭଞ୍ଜରୁ ଚୋରି ନାବାଳିକାକୁ ବାଲିଆପାଳରେ ବିକ୍ରି ଉଦ୍ୟମ : ଅଭିଯୁକ୍ତକୁ ଗିରଫ ସହ ନାବାଳିକା ଉଦ୍ଧାର

ବାଲିଆପାଳ, ୦୮/୧୨ (ନି.ପ୍ର): ଜଣେ ୭ ବର୍ଷର ନାବାଳିକାକୁ ମୟୂରଭଞ୍ଜରୁ ଚୋରିକରି ଆଣି ବାଲିଆପାଳରେ ବିକ୍ରୀ ଉଦ୍ୟମ କରୁଥିବା ବେଳେ ରାସଗୋବିନ୍ଦପୁର ଥାନା ପୋଲିସ ଉକ୍ତ ନାବାଳିକା କୁ ଉଦ୍ଧାର କରିବା ସହ ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଛି ।ମିଳିଥିବା ସୂଚନା ମୁତାବକ ରାସଗୋବିନ୍ଦପୁର ଥାନା ବଧିମୁହଁ ନିକଟସ୍ଥ ପଥରଖୋଳ ଗ୍ରାମର ଅଗଣା ସିଂଙ୍କ ନାବାଳିକା ଝିଅ ଅର୍ଚ୍ଚନା ସିଂ (୭) ଘର ବାହାରେ ଏକାକୀ ଖେଳୁଥିବା ସମୟରେ ଗତ ୬ ତାରିଖରେ ତାକୁ ଅପହରଣ କରାଯାଇଥିବା ନେଇ ନାବାଳିକାର ବାପା ରାସଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ନାବାଳିକା । ଜଣଙ୍କ ଠିକସେ କଥା କହିପାରୁ ନଥିବା ବେଳେ ଅପହରଣକାରୀ ନାବାଳିକାର ମୋବାଇଲ ଫୋନକୁ ମଧ ସାଙ୍ଗରେ ନେଇଆସିଥିଲ ।ରାସଗୋବିନ୍ଦପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକ ଏହି ଘଟଣାକୁ ଗରୁତର ସହ ନେଇ ତଦନ୍ତ ଆରମ୍ଭ କରିଥିଲେ ।ମୋବାଇଲ ଟ୍ରାକିଙ୍ଗ ସମୟରେ ମୋବାଇଲଟି ବାଲିଆପାଳ ଥାନା ଦେଉଳା ଅଂଚଳରେ ସୁଇଚଅଫ ହୋଇଥିବା ଜଣାପଡିଥିଲା । ଥାନା ଆଇଆଇସି ଲୋପାମୁଦ୍ରା ନାୟକ ପୋଲିସ ଟିମ ସହ ଦେଉଳା ଅଂଚଳରେ ଘର ଘର ବୁଲି ନାବାଳିକାର ସନ୍ଧାନ କରିଥିଲେ । ଏହି ସମୟରେ ମଧୁପୁରା ପ ।ୟତ ସିମୁଳିଆ ହାଣ୍ଡିଆ ହାଟରେ ଉକ୍ତନାବାଳିକାକୁ ୪ ହଜାର ଟଙ୍କାରେ ବିକ୍ରୀ କରାଯିବା ଖବର ପାଇଥିଲେ ।ଆଇଆଇସି ନାୟକ ବାଲିଆପାଳ ପୋଲିସ ସହାୟତାରେ ଆଜି ହାଣ୍ଡିଆ ହାଟରେ ପହଂଚି ଉକ୍ତ ନାବାଳିକାକୁ ଅପହରଣ କରି ଆଣିଥିବା ବାଲେଶ୍ୱର ବରହମପୁର ଅଂଚଳର ରୋହିଆ ହାସଦାକୁ ଗିରଫ କରିବା ସହ ନାବାଳିକାକୁ ଉଦ୍ଧାର କରିଥିଲେ । ଅଭିଯୁକ୍ତ ରୋହିଆ ଜଣେ ପେଶାଦାର ଅପରାଧୀ ହୋଇଥିବା ବେଳେ ୨୦୧୭ରୁ ୨୦୨୧ ପର୍ଯ୍ୟନ୍ତ ଜେଲରେ ଥିଲା ।ଜେଲରେ ଥିବା ସମୟରେ ସଂପୃକ୍ତ ନାବାଳିକାର ସଂମ୍ପର୍କୀୟ କକା ଙ୍କ ସହ ପରିଚୟ ହୋଇଥିଲା ।ଜେଲରୁ ଫେରି ରୋହିଆ ନାବାଳିକାର କାକା ସହ ଦେଖା କରିବାକୁ ଯାଇ ଥିଲା । ନାବାଳିକା ର ପରିବାର ଲୋକେ ବିଲକୁ ଧାନ କାଟିବାକୁ ଯାଇଥିବା ର ସୁଯୋଗ ନେଇ ଅଭିଯୁକ୍ତ ରୋହିଆ ନାବାଳିକାକୁ ଅପହରଣ କରିବାରେ ସଫଳ ହୋଇଥିବା ଆଇଆଇସି ନାୟକ ସୂଚନା ଦେଇଛନ୍ତି ।

## ଜଗାଇ କଲେଜରେ ସାମାଜିକ ଆପଦକାଳୀନ ତାଲିମ ଶିବିର

ବାଲିଆପାଳ, ୦୮/୧୨ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଜଗାଇସ୍ଥିତ କୃଷ୍ଣଚନ୍ଦ୍ରପିପିଲି ମହାବିଦ୍ୟାଳୟରେ ଭାରତୀୟ ରେଡକ୍ରସର ଓଡିଶା ଶାଖା ସହାୟତାରେ ସାମାଜିକ ଆପଦକାଳୀନ ସ୍ୱେଚ୍ଛାସେବୀ ତାଲିମ ଶିବିର ଉଦଘାଟିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଡ. ହରପ୍ରିୟା ଦାସ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ।ମୁଖ୍ୟ ପ୍ରଶିକ୍ଷକ ଭାବେ ଅଧ୍ୟାପକ ପ୍ରଣବେଶ ପାଲ, ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷିକା ପୁଷ୍ପାରାଣୀ ଲେଙ୍କା ଯୋଗଦେଇଛନ୍ତି ଏହି ଶିବିରରେ ସ୍ଥାନୀୟ ଲକ୍ଷ୍ମୀପ୍ରିୟା ଓ ଧ୍ରୁବଚରଣ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସ୍ୱେଚ୍ଛାସେବୀମାନେ ଯୋଗଦେଇଛନ୍ତି । ଏହି ଉଦଘାଟନୀ ଉତ୍ସବରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଚାରୀଗଣ ଉପସ୍ଥିତ ଥିଲେ ।

## ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖାର ନିର୍ବାଚନ : ନୂତନ କାର୍ଯ୍ୟକର୍ତ୍ତା ମନୋନୀତ



ଜଳେଶ୍ୱର, ୮/୧୨(ନିପ୍ର): ରାଜ୍ୟର ଉତ୍ତର ଉପାନ୍ତ ବାଲେଶ୍ୱର ଜିଲାର ଜଳେଶ୍ୱରରେ ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ପକ୍ଷରୁ ଆଜି ବୁଧବାର ଅପରାହ୍ନରେ ନିର୍ବାଚନ ଅନୁଷ୍ଠିତ ହୋଇ ଯାଇଛି । ସ୍ଥାନୀୟ ଭଂଜ ମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ଶ୍ରୀକାନ୍ତ ଚରଣ ପାତ୍ର ସଭାପତିତ୍ୱ କରିଥିଲେ । ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ କମିଟି ସଭାପତି ଡ. ଅଦୈତ୍ୟ ନାରାୟଣ ପାତ୍ର, ପର୍ଯ୍ୟବେକ୍ଷକ ବାବୁଲାଲ ଦାସ, ଭୋଗରାଇର ସଂପାଦକ ଅନନ୍ତ କୁମାର ପ୍ରଧାନ, କେନ୍ଦ୍ରୀୟ କମିଟିର ସଂପାଦକ କମଳ ଚକ୍ରବର୍ତ୍ତୀ, ନିର୍ବାଚନ ଅଧିକାରୀ କପିଳେଶ୍ୱର ମହାନ୍ତି ଯୋଗ ଦେଇ ନୂତନ କର୍ମକର୍ତ୍ତା ମନୋନୟନ କରାଯିବା ସହିତ ଉପାନ୍ତରେ ଭାଷା, ସାହିତ୍ୟ, ସଂସ୍କୃତିର ସୁରକ୍ଷା ଓ ପ୍ରଚାର ପ୍ରସାର କରିବାକୁ ଆହ୍ୱାନ ଦେଇଥିଲେ । ଜଳେଶ୍ୱର ଶାଖାର ସଭାପତିଭାବେ ଡ. ଶ୍ରୀକାନ୍ତ ଚରଣ ପାତ୍ର, ଉପସଭାପତି ଅରୁଣ ବେଜ, ଅଶୋକ ଦାସ, ସମ୍ପାଦକ ସୁନୀଲ ନାଏକ, ସାଂଗଠନିକ ସଂପାଦକ ମନୋରଂଜନ ଦାସ, ଯୁଗ୍ମ ସଂପାଦକ ହେମନ୍ତ ଗିରି, କୋଷାଧ୍ୟକ୍ଷ ଡ. ଅଜିତ୍ ମହାନ୍ତି ପ୍ରମୁଖ ମନୋନୀତ ହୋଇଥିବା ବେଳେ ୧୩ ଜଣିଆ କାର୍ଯ୍ୟକାରୀ କମିଟି ଗଠିତ ହୋଇ ଯାଇଛି । ସେମାନେ ହେଲେ ଡ. ଲଳିତ ରଂଜନ ସେନାପତି, ବିଷ୍ଣୁପଦ ମହାନ୍ତି, ଚିନ୍ମୟ ଦାସ, ଡ. ରମାକାନ୍ତ ଭଂଜ, ସତ୍ୟସୁନ୍ଦର ଦାସ, କମଳ ଚକ୍ରବର୍ତ୍ତୀ, ଦିଲ୍ଲିପ ଗିରି, ଜିତାରାମ ଦେ, ଟଙ୍କଧର ମହାପାତ୍ର, ଗୋବିନ୍ଦ ସାହୁ, ଭାସ୍କର ଚନ୍ଦ୍ର ମିଶ୍ର, କପିଳେଶ୍ୱର ମହାନ୍ତି, ଜିତାଂଶୁ ନନ୍ଦି । ଏହି କାର୍ଯ୍ୟକ୍ରମକୁ ଆଶିଷ ଗିରି, ଘନଶ୍ୟାମ ଗିରି, ଅଜୟ କୁମାର ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।

## ନିଶାମୁକ୍ତ ଜଳେଶ୍ୱର ଦାବିରେ ମିଳିତ ଗଣ ପ୍ରତିବାଦ : ରାଜ୍ୟପାଳଙ୍କୁ ଦାବିପତ୍ର



ଜଳେଶ୍ୱର, ୦୮/୧୨(ନିପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ଦିନକୁ ଦିନ ନିଶାକାରବାରରେ ହବ୍ ପାଲଟିଥିବା ବେଳେ ତାହା ପ୍ରଶାସନର ମୁଣ୍ଡବ୍ୟଥାର କାରଣ ହୋଇଛି । ଜଳେଶ୍ୱରର କେତେକ ନିଶାବ୍ୟବସାୟୀଙ୍କ ଦ୍ୱାରା ସୁଦୁର ବାଂଲାଦେଶରୁ ବ୍ରାଉନସୁଗର ଏଠାକୁ ଅଣାଯାଇ ସମଗ୍ର ଓଡିଶାକୁ ପ୍ରେରଣ କରାଯାଉଥିବା ଗୁଇନ୍ଦା ନିକଟରେ ତଥ୍ୟ ଥିଲେ ମଧ୍ୟ ଏହାକୁ ରୋକାଯାଇ ପାରୁ ନାହିଁ । ପଶ୍ଚିମବଂଗରୁ ନକଲି ମଦ ଓ ଗଂଜେଇ ଚାଲାଣ ହେଉଥିବାରୁ ସ୍ଥାନୀୟ ଯୁବକମାନେ ଉଦ୍‌ଭ୍ରାନ୍ତ ହେବା ସହିତ ପାରିବାରିକ ବିଶୃଙ୍ଖଳା ସୃଷ୍ଟି ହେଉଛି । ଏହାକୁ ସଂପୂର୍ଣ୍ଣ ବନ୍ଦ କରିବାଲାଗି ଆଜି ବୁଧବାର ପୂର୍ବାହ୍ନରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ମିଳିତ ନିଶା ନିବାରଣ ଅଭିଯାନ ପକ୍ଷରୁ ଏକ ବିକ୍ଷୋଭ ଅନୁଷ୍ଠିତ ହୋଇ ଯାଇଛି । ମିଳିତ ନିଶା ନିବାରଣ ଅଭିଯାନର ସଭାପତି କମଳ ଚକ୍ରବର୍ତ୍ତୀଙ୍କ ପୌରହିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସଂପାଦକ ଅରୁଣ ବେଜ ଯୋଗ ଦେଇ ପ୍ରଶାସନର ଅବହେଳାରୁ ଜଳେଶ୍ୱରରେ ନିଶାକାରବାର ବୃଦ୍ଧି ପାଉଥିବା ସଂପର୍କରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ କମିଟି ସଭାପତି ଡ. ଅଦୈତ୍ୟ ପାତ୍ର, ଦିଲ୍ଲିପ ଗିରି, ସିତାଂଶୁ ସେନାପତି, ରମାକାନ୍ତ ଭଂଜ, ଡ. ଲଳିତ ରଂଜନ ସେନାପତି, ସୁଦାମ ପାତ୍ର, ଶ୍ରୀକୃଷ୍ଣ ଗୁପ୍ତା, ରାଜୀବ ପରିଡା, ଜ୍ଞାନରଂଜନ ସାହୁ, ଗୋବିନ୍ଦ ସାହୁ, ହେମନ୍ତ ବ୍ରହ୍ମ, ଜିତାଂଶୁ ନନ୍ଦି, କାର୍ତ୍ତିକ ଚନ୍ଦ୍ର ବାରିକ, ପ୍ରଦୀପ ମହାନ୍ତି, ରାଧାରାଣୀ ପାତ୍ର, ହେମନ୍ତ ଗିରି, ମନୋରଂଜନ ଦାସ, ଚନ୍ଦମୋହନ ରାଉଳ, ଲକ୍ଷ୍ମିନାରାୟଣ ପ୍ରଧାନ, ମଧୁ ଦତ୍ତ, ରବିନ୍ଦ୍ର ବାରିକ, ସଂଧ୍ୟାରାଣୀ ସେନାପତି, ସରସ୍ୱତୀ ଜେନା, ସ୍ନେହଲତା ଜେନା, କନକଲତା ଜେନା, ଅପର୍ଣ୍ଣା ଚୌଧୁରୀ, ଯଶୋମତି କରଣ, ଶିବାନୀ ପ୍ରଧାନ ପ୍ରମୁଖ ଏଥିରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଜଳେଶ୍ୱରରେ ନିଶାକାରବାରକୁ ସଂପୂର୍ଣ୍ଣ ବନ୍ଦ କରିବା ସହିତ ଏକାର ବିତରଣ, ବ୍ୟବହାର, ବିକ୍ରି ଇତ୍ୟାଦିକୁ ବନ୍ଦ କରିବାଲାଗି ତହସିଲଦାର ସ୍ମୃତିରଂଜନ ମଲ୍ଲିକଙ୍କ ମାଧ୍ୟମରେ ରାଜ୍ୟପାଳକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ପ୍ରଶାସନ ଏଥିରେ ବିଫଳ ହେଲେ ଆସନ୍ତା ଦିନରେ ଏହି ଅଭିଯାନ ବ୍ୟାପକ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ବକ୍ତାମାନେ ମତପ୍ରକାଶ କରିଛନ୍ତି ।

## ଦେଶୀ ରନ୍ଧା ମଦ ଓ ବାଇକ୍ ଜବତ : ଦୁଇ ଗିରଫ

ପୁରୀ,୦୮/୧୨ (ନି.ପ୍ର): ଅବକାରୀବିଭାଗ ପକ୍ଷରୁ ପୃଥକ ସ୍ଥାନରେ ଚଢାଉ କରାଯାଇ ୩୧ଲିଟର ଦେଶୀ ରନ୍ଧା ମଦ ଓ ଓଆର୧୩ ସି ୭୯୨୦ନମ୍ବର ବିଶିଷ୍ଟ ହିରୋହୁଣ୍ଡା ଡ଼ିଲକ୍ସ ବାଇକ୍ ଜବତ କରାଯାଇଛି । ଏହି ଚୋରାମାଦକ ଦ୍ରବ୍ୟ କାରବାରରେ ସମ୍ପୃକ୍ତ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ବାଲିକୁଦା ରାମଚଣ୍ଡିସାହିର ନିରୁପମା ବରାଳ(୪୦) ଓ ସମୁଦ୍ରକୂଳଥାନା ଅନ୍ତର୍ଗତ ବାଲି ନୋଳିଆସାହିର ବାଡ଼ି ଅର୍ଣ୍ଣପୂର୍ଣ୍ଣା (୫୦)କୁ ଗିରଫ କରାଯାଇଛି । ଅଭିଯୁକ୍ତଦ୍ୱୟଙ୍କ ବିରୁଦ୍ଧରେ ପୃଥକ ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ଭାରତୀୟ ଜନତା ପାର୍ଟି ଓବିସି ମୋର୍ଚ୍ଚା ଜିଲ୍ଲା କମିଟି ଘୋଷିତ

ବାରିପଦା, ୦୮/୧୨ (ନି.ପ୍ର): ଭାରତୀୟ ଜନତା ପାର୍ଟି ମୟୁରଭଞ୍ଜ ବାରିପଦା ସାଂଗଠନିକ ଜିଲ୍ଲା ତରଫରୁ ଜିଲ୍ଲା ସଭାପତି କାନ୍ଦ୍ରା ସୋରେନଙ୍କ ଅନୁମୋଦନ କ୍ରମେ ଓବିସି ମୋର୍ଚ୍ଚା ଜିଲ୍ଲା ସଭାପତି ଭାବରେ ବ୍ରଜମୋହନ ବେହେରା ତାଙ୍କର ୧୧ ଜଣିଆ ଜିଲ୍ଲା କମିଟି, ୧୬ ଜଣିଆ କାର୍ଯ୍ୟକାରିଣୀ ଓ ସୋସିଆଲ ମେଡିଆ ଏବଂ ଆଇଟି ସେଲର ସଂଯୋଜକଙ୍କ ନାମ ଘୋଷଣା କରିଛନ୍ତି । ଉପସଭାପତି ଭାବରେ ନିରଂଜନ ମହାନ୍ତ, ପ୍ରାଣକୃଷ୍ଣ ବେରା, ଭାସ୍କର ମହାନ୍ତ, ସାଧାରଣ ସମ୍ପାଦକ ଭାବରେ ମନୋଜ କୁମାର ମହାନ୍ତ, ରଞ୍ଜନ ମଜୁଆଳ, ସମ୍ପାଦକ ଭାବରେ ସୁନିଲ କୁମାର କାଳିଆ, ସୁଶିଲ ବାରିକ, ଦିଲ୍ଲୀପ ବିଶ୍ୱାଳ, ପଦ୍ମିନୀ ଦାସ ଓ କୋଷାଧକ୍ଷ ଭାବରେ ମାନସ ସାହୁଙ୍କ ନାମ ଘୋଷଣା କରାଯାଇଛି । ସେହିପରି କାର୍ଯ୍ୟକାରିଣୀ ସଦସ୍ୟ/ସଦସ୍ୟା ଭାବରେ ଶ୍ରୀକାନ୍ତ ବେହେରା, ଗୋପାଳ ସାହୁ, ଦେବେନ୍ଦ୍ର ନାଥ ପୃଷ୍ଟି, ପଦ୍ମଲୋଚନ ମହାନ୍ତ, ସପନ କୁମାର ଗିରି, ମଧୁସୂଦନ ସି, ପ୍ରାଣକୃଷ୍ଣ ପଣ୍ଡା, ରାଜେଶ ପସା, କ୍ଷେତ୍ରମୋହନ ମହାନ୍ତ, ଶଶିକାନ୍ତ ବେହେରା, ରବିନ୍ଦ୍ର ମହାନ୍ତି, ସରସ୍ୱତୀ ବେହେରା, ସୁଭଦ୍ରା ମହାନ୍ତ, ନରୋତମ ମହାନ୍ତ, ରମାକାନ୍ତ ନାୟକ, ସୋମରିଶ କୁମାର ଗିରିଙ୍କ ନାମ ଘୋଷଣା କରିଛନ୍ତି । ସେହିପରି ସୋସିଆଲ ମିଡିଆ ଓ ମିଡିଆର ସଂଯୋଜକ ଭାବରେ ଛତିଶ ମଣ୍ଡଳ, ଆଟିସେଲର ସଂଯୋଜକ ଭାବରେ ଗୋବିନ୍ଦ ମହାନ୍ତଙ୍କ ନାମ ଘୋଷଣା କରିଥିବାର ଜଣା ଯାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo